# ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ପାଇଁ ଅନ୍ତର୍ନିବେଶୀ ଶିକ୍ଷା

## ପ୍ରାଥମିକ ସ୍ତର




विद्यया ऽमृतमश्नुते

एन सी ई आर टी
NCERT

ଜାତୀୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ
ନୂଆଦିଲ୍ଲୀ

# ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ଅନ୍ତର୍ଭୁକ୍ତି

## ପ୍ରାଥମିକ ସ୍ତର


ଅନୀତା ଜୁଲ୍‌କା
ପ୍ରକଳ୍ପ ନିର୍ଦ୍ଦେଶକ

ସୁଦେଶ ମୁଖୋପାଧ୍ୟାୟ
ସିଦ୍ଧି ବ୍ୟାସ
ବରିଷ୍ଠ ପରାମର୍ଶ ଦାତା
ଅନୁପ୍ରିୟା
ଦେବ ସଲିମ୍
ବରିଷ୍ଠ ଗବେଷଣା ସଂଯୋଜକ

ସ୍ୱତନ୍ତ୍ର ଆବଶ୍ୟକତା ଥିବା ଗୋଷ୍ଠୀ ଶିକ୍ଷା ବିଭାଗ
ଜାତୀୟ ଶିକ୍ଷା ଅନୁସଂଧାନ ଓ ପ୍ରଶିକ୍ଷଣ ପରିଷଦ



ଓଡ଼ିଆ ଅନୁବାଦ
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡ଼ିଶା, ଭୁବନେଶ୍ୱର

Directorate of TE & SCERT
Bhubaneswar

unicef
unite for children

ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ନୂଆଦିଲ୍ଲୀ **(NCERT)** ଦ୍ୱାରା ପ୍ରସ୍ତୁତ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା **(SCERT)** ଦ୍ୱାରା ସ୍ୱୀକୃତ

**UNICEF**, ଭୁବନେଶ୍ୱର ସହାୟତାରେ ମୁଦ୍ରିତ

# ମୁଖବନ୍ଧ

ବହୁ ପ୍ରାଚୀନ କାଳରୁ ସ୍ୱତନ୍ତ୍ର ଆବଶ୍ୟକତା ବିଶିଷ୍ଟ ଶିକ୍ଷାର୍ଥୀମାନଙ୍କୁ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ଅବହେଳା କରାଯାଉଥିଲା । ଶିକ୍ଷା ଅଧିକାର ଆଇନ ପ୍ରବର୍ତ୍ତନ ଫଳରେ ସ୍ୱତନ୍ତ୍ର ଆବଶ୍ୟକତା ବିଶିଷ୍ଟ ଶିକ୍ଷାର୍ଥୀଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବାକୁ ନିଶ୍ଚିତ କରାଯାଇଛି । ସେମାନଙ୍କୁ ସହରର କୌଣସି ବସ୍ତି ଅଞ୍ଚଳରେ ସ୍ଥାପିତ ସ୍ୱତନ୍ତ୍ର ବିଦ୍ୟାଳୟରେ ରଖାଯାଇପାରିବ ନାହିଁ । ଫଳସ୍ୱରୂପ ଏହି ଶିକ୍ଷାର୍ଥୀମାନେ ସାଧାରଣ ବିଦ୍ୟାଳୟରେ ନାମଲେଖାଇ ଶିକ୍ଷାଲାଭ କରିବେ । ଅନ୍ୟପିଲାଙ୍କ ଭଳି ମାନସିକ ଅନଗ୍ରସର ପିଲା ବା ଶ୍ରବଣ ବାଧିତ ପିଲାଟିର ଶିକ୍ଷଣକୁ ସୁଗମ କରିବା ନିମନ୍ତେ ପ୍ରତ୍ୟେକ ଶିକ୍ଷକଙ୍କର ଦକ୍ଷତା ବୃଦ୍ଧି କରାଯିବାର ଆବଶ୍ୟକତା ରହିଛି ।

ସେ ଯାହା ହେଉ, ଆମ ବିଦ୍ୟାଳୟରେ କାର୍ଯ୍ୟରତ ଅଧିକାଂଶ ଶିକ୍ଷକ ଏହି ପ୍ରକାର ଅନ୍ତର୍ନିବେଶୀ ପରିସ୍ଥିତିରେ କାର୍ଯ୍ୟକରିବା ନିମନ୍ତେ ଖୁବ୍ କମ୍ ପ୍ରସ୍ତୁତ ଅଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ସେମାନଙ୍କର ଆଞ୍ଚଳିକ ସାଧନ କେନ୍ଦ୍ର (CRCs) କିମ୍ବା ରାଜ୍ୟ ଶିକ୍ଷା ଓ ଗବେଷଣା ପ୍ରଶିକ୍ଷଣ ପରିଷଦର ଅଧ୍ୟାପକ ଏବଂ ଜାତୀୟ ଶିକ୍ଷା ଓ ଗବେଷଣା ପ୍ରଶିକ୍ଷଣ ପରିଷଦ (NCERT) ଙ୍କୁ ଏହି ପରିପ୍ରେକ୍ଷୀରେ ସହାୟତା ଦେବାପାଇଁ ଅନୁରୋଧ କରିଥାନ୍ତି ।

ଏହି ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନେ କିଭଳି ମୁଖ୍ୟସ୍ରୋତରେ ସାମିଲ ହୋଇ ବିଦ୍ୟାଳୟରେ ଉପଯୁକ୍ତ ଭାବେ ଅଧ୍ୟୟନ କରିବେ ଓ ସେମାନଙ୍କର ଶିକ୍ଷକମାନଙ୍କ ସମ୍ମୁଖୀନ ହେଉଥିବା ସମସ୍ୟାକୁ କିଭଳି ସମାଧାନ କରାଯାଇପାରିବ, ସେ ସମ୍ପର୍କରେ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବିଭାଗୀୟ ସଦସ୍ୟମାନେ ଗବେଷଣା କାର୍ଯ୍ୟ ହାତକୁ ନେଇଛନ୍ତି । ଏହି ଗବେଷଣା ଆଧାରରେ, ବିଭାଗୀୟ ଅଧ୍ୟାପକମାନେ ସ୍ୱତନ୍ତ୍ର ଆବଶ୍ୟକତା ବିଶିଷ୍ଟ ଶିକ୍ଷାର୍ଥୀ ସହ ପାରସ୍ପରିକ ଆଲୋଚନା କରିବା ସହ ସମସ୍ତ ପିଲାଙ୍କୁ ଏକାଠି ଶିକ୍ଷାଦାନ ଦେବା ସମ୍ପର୍କରେ ଅନ୍ୟମାନଙ୍କର ଅଭିଜ୍ଞତାକୁ ସଂଗ୍ରହ କରିଥିଲେ । ପରେ ଏହି ଦସ୍ତାବିଜ ପ୍ରସ୍ତୁତ କରାଯାଇଛି ।

'ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ଅନ୍ତର୍ଭୁକ୍ତି' ହେଉଛି ଏହି ପ୍ରକାରର ପ୍ରଥମ ସହାୟକ ପୁସ୍ତିକା । ପ୍ରାଥମିକ ସ୍ତର ପିଲାଙ୍କୁ ଅଧ୍ୟାପନ କରୁଥିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ ଏହା ଉଦ୍ଦିଷ୍ଟ । ଜଣେ ଦୃଷ୍ଟିବାଧିତ ଛାତ୍ର ଚିତ୍ରକୁ ପଢ଼ିପାରିବା ପାଇଁ ସହାୟତା ଦେବା ନିମିତ୍ତ ଏହା ଧାରଣା ଦେଇଥାଏ । ଏହି ପ୍ରଣାଳୀ / ପଦ୍ଧତି ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର  ବୋଧଗମ୍ୟତାକୁ ବଢ଼ାଇବାରେ ସାହାଯ୍ୟ କରିଥାଏ । ଦସ୍ତାବିଜ୍‌ରୁ ଏହି ବାର୍ତ୍ତା ସ୍ପଷ୍ଟରୂପେ ପ୍ରତୀୟମାନ ହେଉଛି । ।

ପୁସ୍ତିକାଟିକୁ ଠିକଣାଭାବେ ସମୀକ୍ଷା କରିଥିବା ପ୍ରଫେସର ନମିତା ରଙ୍ଗନାଥନ୍ ଏବଂ ଏହାର ପ୍ରସ୍ତୁତିରେ ସାହାଯ୍ୟ କରିଥିବା ଶିକ୍ଷକ ଓ ଅନ୍ୟମାନଙ୍କୁ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ କୃତଜ୍ଞତା ଜ୍ଞାପନ କରୁଛି । ପୁନଶ୍ଚ ଆମ ବିଦ୍ୟାଳୟକୁ ଅନ୍ତର୍ନିବେଶୀ କରିବା ପାଇଁ ଯେ କୌଣସି ପ୍ରସ୍ତାବନା ଏହାକୁ ସମୃଦ୍ଧ କରିବ  । ଏହି ଦସ୍ତାବିଜ ଉପରେ ଯେ କୌଣସି ଗଠନମୂଳକ ମତାମତ ସର୍ବଦା ସ୍ୱାଗତ କରୁଛୁ ।  ସେଭଳି ସକାରାତ୍ମକ ତଥା ସ୍ୱାଗତଯୋଗ୍ୟ ମନ୍ତବ୍ୟ (degsnncert61@gmail.com)କୁ ଇମେଲ୍ କରିପାରିବେ ।

**ପରଭିନ୍ ସିନ୍‌କ୍ଲେଆର୍**
**ନିର୍ଦ୍ଦେଶକ**
**ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ**

# ପ୍ରସ୍ତାବନା

ଏକ ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷ ଯେଉଁଠାରେ ମୁଖ୍ୟତଃ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲା ପଢୁଥିବେ । ଶିକ୍ଷାର୍ଥୀମାନଙ୍କର ସଫଳତା ପାଇଁ ଶିକ୍ଷକଙ୍କଠାରେ ଉପଯୁକ୍ତ ଜ୍ଞାନ, କୌଶଳ ଓ ବୋଧ ରହିବା ଆବଶ୍ୟକ ଯଦ୍ୱାରା ସେ ପ୍ରମୁଖ କୌଶଳ ଗୁଡ଼ିକୁ ଶ୍ରେଣୀରେ ପ୍ରୟୋଗ କରିପାରିବେ । ଏହି ପୁସ୍ତିକାକୁ NCERT ର''ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ଶିକ୍ଷା ବିଭାଗ'' ବିଭିନ୍ନ ନିୟମାବଳୀ ସହ ଶିକ୍ଷକଙ୍କୁ ସ୍ୱତନ୍ତ୍ର ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷ ସହ ଶିକ୍ଷକଙ୍କୁ ପରିଚିତ କରିବା ପାଇଁ ପ୍ରସ୍ତୁତ କରିଛି । ସାମଗ୍ରିକ ସଫଳତା କେବଳ ଶ୍ରେଣୀ କକ୍ଷରେ ପିଲାଙ୍କର ଉପସ୍ଥିତିକୁ ବୁଝାଏ ନାହିଁ ତା' ସହିତ ପିଲାଙ୍କର ଅନୁଭୂତିର ମାନ ଓ ପାଠ୍ୟକ୍ରମରେ ସଫଳତା ହାସଲ କରିବାକୁ ବୁଝାଯିବ । ଏହି ପୁସ୍ତିକାଟି ଶ୍ରେଣୀ କକ୍ଷରେ ସ୍ୱତନ୍ତ୍ର ଆବଶ୍ୟକତାଥିବା ପିଲାମାନଙ୍କ ଆବଶ୍ୟକତା ଅନୁସାରେ ଶ୍ରେଣୀ କକ୍ଷକୁ ବଦଳାଇବାରେ ସାହାଯ୍ୟ କରିବ ଯେଉଁଥିରେ ସମସ୍ତ ଶିକ୍ଷାର୍ଥୀ ଆବଶ୍ୟକତାକୁ ଓ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ମଧ୍ୟ ଆବଶ୍ୟକତାକୁ ମଧ୍ୟ ପରିପୂରଣ କରାଯାଇପାରିବ । ଏ ସମସ୍ତ ଅନୁକରଣୀୟ ବିଷୟ ବସ୍ତୁକୁ ନେଇ ଉପଯୁକ୍ତ ଯୋଜନା ମାଧ୍ୟମରେ ବିଦ୍ୟାଳୟ ଏବଂ ସାକ୍ଷରତା ବିଭାଗ, ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ଶିକ୍ଷକଙ୍କ ପରାମର୍ଶକୁ ଆଧାର କରି ତାର ରୂପାୟନ ସର୍ବଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ଆରମ୍ଭ କରିଥିଲା ।

ଏହି ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ରାଜ୍ୟର ଶିକ୍ଷକ ଓ ପିତାମାତାଙ୍କ ସହ ଆଲୋଚନା କରାଯାଇ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଚିହ୍ନଟ କରାଯାଇଥିଲା । ଶିକ୍ଷକ ମାନଙ୍କ କହିବା ସୂଚନା ଅନୁଯାୟୀ ସେମାନଙ୍କ ପାଇଁ ଅଧିକ ପ୍ରଶିକ୍ଷଣ ବ୍ୟବସ୍ଥା କରିବା ପାଠ୍ୟକ୍ରମରେ ସମାଯୋଜନ ପରିବର୍ତ୍ତନ ଓ ଶିକ୍ଷଣ ପ୍ରକ୍ରିୟାରେ ସୁଧାର ଅଣାଯିବା ଆବଶ୍ୟକ ଯାହା ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କୁ ବୁଝିବାରେ ସହାୟକ ହେବ । ଅନେକ ଶିକ୍ଷକ ହୃଦୟଙ୍ଗମ କରିଛନ୍ତି ଯେ CWSN ଙ୍କ ଅନ୍ତର୍ଭୁକ୍ତ ହେଉଛି ଗୋଟିଏ ଅତିରିକ୍ତ ଗୁରୁ ଦାୟିତ୍ୱ ଏବଂ ଏପରି ସ୍ୱତନ୍ତ୍ର ଆବଶ୍ୟକତା ରଖୁଥିବା ପିଲାଙ୍କୁ ଏକ ଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ କରିବା ଉଚିତ୍ ।

ଦ୍ୱିତୀୟ ପର୍ଯ୍ୟାୟରେ ବିଶେଷଜ୍ଞ ଓ ଶିକ୍ଷକମାନଙ୍କୁ ସାମିଲ କରାଯାଇ କର୍ମଶାଳାମାନ ଆୟୋଜନ କରାଯାଇଥିଲା । ଏଗୁଡ଼ିକ ଦେଶର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଅନ୍ତର୍ନିବେଶୀ ଶିକ୍ଷାର ସଫଳ ରୂପାୟନକୁ ବୁଝିବା ପାଠ୍ୟକ୍ରମ ସମଯୋଜନର କେତେକ ନମୁନା ଉଦାହରଣ ତିଆରି କରିବା, ଶିକ୍ଷଣ ପଦ୍ଧତି ଓ ମୂଲ୍ୟାୟନର ସମଯୋଜନ କରିବା ପ୍ରକଳ୍ପର ଶେଷ ପର୍ଯ୍ୟାୟରେ ଏହି ପୁସ୍ତିକା ସମ୍ପର୍କରେ ସମସ୍ତଙ୍କ ମତାମତ ଗ୍ରହଣ କରାଯାଇଥିଲା । ବିଶେଷଜ୍ଞଙ୍କ ସହ ଆଲୋଚନା, ଗବେଷଣା ଉପଲବ୍ଧ ଫଳାଫଳକୁ ଏହି ପୁସ୍ତିକାରେ ସନ୍ନିବେଶ କରାଯାଇଛି । ଆମ ଦେଶରେ ଅନ୍ତର୍ନିବେଶୀ ଶିକ୍ଷାର ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଲକ୍ଷ୍ୟ କରାଯିବ ଯେ, ପିଲାମାନଙ୍କୁ ଦିଆଯାଉଥିବା ମାର୍କା (ନାମପଟି) label କୁ ହଟାଇବାକୁ ହେବ । ଏହି ମାର୍କା ଯୋଗୁ ପିଲାମାନେ କେବଳ ପୃଥକ ହେଉଛନ୍ତି ତାହା ନୁହେଁ ବରଂ ସେମାନଙ୍କଠାରୁ ପିତାମାତା ଓ ଶିକ୍ଷକଙ୍କର ଆଶା ଓ ଆକାଂକ୍ଷା କମିଯାଉଛି ।

ଏହା ଦ୍ୱାରା ପିଲାମାନେ ନିଜକୁ ଅସମ୍ପୂର୍ଣ୍ଣ ବୋଲି ବିବେଚନା କରୁଛନ୍ତି ଓ ସେମାନଙ୍କର ଆତ୍ମପ୍ରତ୍ୟୟ କମ୍ ରହୁଛି । CWSN ପିଲାଙ୍କୁ ପୃଥକ କରି ଶ୍ରେଣୀକାର୍ଯ୍ୟ ପରିଚାଳନା କରିବା ଧାରଣାକୁ ଆମେ ନିରୁତ୍ସାହିତ କରୁଛୁ ଓ ଶିକ୍ଷଣ କୌଶଳକୁ ବୁଝିବା ନିମନ୍ତେ ପର୍ଯ୍ୟାପ୍ତ ସତର୍କତା ଅବଲମ୍ବନ କରାଯାଇଛି । କାରଣ, ଅନେକ ସ୍ଥାନରେ, ଅନ୍ତର୍ନିବେଶୀ ଶିକ୍ଷାନାମରେ ଏହି ପିଲାମାନଙ୍କୁ ଶ୍ରେଣୀବାହାରେ ପୃଥକ କରି ପଢ଼ାଯାଉଛି । ଆମେ ଏଭଳି କୌଶଳ ଉପସ୍ଥାପନ କରିବାକୁ ପ୍ରଚେଷ୍ଟା କରିଛୁ ଯାହା ପ୍ରତ୍ୟେକ ପିଲାଙ୍କ ପାଇଁ ଉପଯୋଗୀ ହେବ ଓ ସମସ୍ତଙ୍କ ପାଇଁ ଶ୍ରେଣୀଗୃହ ଏକ ଫଳପ୍ରଦ ଶିକ୍ଷଣ ସ୍ଥଳୀଭାବେ ବିବେଚିତ ହେବ । ଏହି ପୁସ୍ତିକାରେ ଆମେ ସ୍ପଷ୍ଟଭାବେ CWSN ମାନଙ୍କର ଶିକ୍ଷଣ ଅଧିକାରକୁ ଓ ଜଣେ ବ୍ୟକ୍ତିଭାବେ ସେମାନଙ୍କର ସମ୍ମାନକୁ ଗୁରୁତ୍ୱ ଦେଉଛୁ ।

ଏହି ପୁସ୍ତିକାଟି ସମସ୍ତଙ୍କ ମଧରେ ଆଦୃତ ଲାଭ କରିବା ସହ ବାସ୍ତବତା ଛବିକୁ ଚିତ୍ରିତ କରିପାରିଛି, ଯାହା ପୁସ୍ତକର ସଫଳତା ଅଟେ । ଏହି ପୁସ୍ତକକୁ ସମସ୍ତ ଶିକ୍ଷକ ବା ବିନା ଅସୁବିଧାରେ ବ୍ୟବହାର କରି ପାରିବେ ଏବଂ ପୁସ୍ତକରେ ବର୍ଣ୍ଣିତ ସମସ୍ତ କୌଶଳ ଓ ଯୋଜନାକୁ ବୁଝିପାରିବେ । ତଥାପି ଆମେ କହିରଖୁଛୁ ଯେ, କେବଳ ଗୋଟିଏ ମାତ୍ର ପୁସ୍ତକ ଗୋଟିଏ ଶିଶୁର ସମସ୍ତ ଆବଶ୍ୟକତାକୁ ରଖି ପାରିବେ ନାହିଁ । ଦୁଇଟି ଶିଶୁଙ୍କ ସମାନ ପରିମାଣର ଅକ୍ଷମତା ଥିଲେ ମଧ୍ୟ ସେମାନେ ଭିନ୍ନ ଭିନ୍ନ ସ୍ତରରେ କାର୍ଯ୍ୟ କରନ୍ତି ଓ ଭିନ୍ନ ପ୍ରକାରର ସହାୟତା ଆବଶ୍ୟକ କରନ୍ତି । ତେଣୁ ଏହି ପୁସ୍ତକାଟି କୌଣସି ମାନ ସ୍ଥିର କରିନାହିଁ କିମ୍ବା ନିର୍ଦ୍ଦିଷ୍ଟ ପ୍ରଥା/ନିୟମ ଦ୍ୱାରା ନିର୍ଦ୍ଧାରିତ ହୋଇନାହିଁ । ଏହା ଶିକ୍ଷକଙ୍କ ଚିନ୍ତା କରିବା ଓ ଅଭିନବଭାବେ କାର୍ଯ୍ୟ କରିବା ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟିକରିବ ।

# କୃତଜ୍ଞତା

ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ 'ସ୍ୱତନ୍ତ୍ର ଆବଶ୍ୟକତା ଥିବା ଗୋଷ୍ଠୀର ଶିକ୍ଷା' (DEGSN) ବିଭାଗ ଦ୍ୱାରା ଏହି ପୁସ୍ତିକା ପ୍ରସ୍ତୁତ କରାଯାଇଛି । ଏଥିପାଇଁ ସ୍ୱତନ୍ତ୍ର ଆବଶ୍ୟକତା ଓ ଅନ୍ତର୍ନିବେଶୀ ଶିକ୍ଷାର ବିଶେଷଜ୍ଞଙ୍କ ସମ୍ବଳ ସହାୟତା ଜାତୀୟ ଓ ଆଞ୍ଚଳିକ ସ୍ତରରେ ଅନୁଷ୍ଠିତ ପାଞ୍ଚଟି କର୍ମଶାଳାରୁ ସଂଗୃହୀତ ତଥ୍ୟକୁ ନେଇ ଏହି ଦସ୍ତାବିଜ୍ ପ୍ରସ୍ତୁତ କରାଯାଇଛି ।

ଅନ୍ତର୍ନିବେଶୀ ଶିକ୍ଷା ପାଇଁ ପ୍ରମୁଖ ବିଶେଷଜ୍ଞ ଗୋଷ୍ଠୀଙ୍କ ଅଂଶଦାନ ରେ ଏହି ପ୍ରକଳ୍ପ କାର୍ଯ୍ୟାରମ୍ଭ କରିଥିଲା, ଯେଉଁଥିରେ ଏହି ବିଶେଷଜ୍ଞଙ୍କୁ ନେଇ ଏକ ଯୋଜନା ଦଳ ପ୍ରସ୍ତୁତ ହୋଇଥିଲା । ଯୋଜନା ଦଳର ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ହୋଇ ଏହି ପୁସ୍ତିକାର ବିକାଶ କରାଯାଇଛି ଯେଉଁଥିରେ ଅନ୍ତର୍ଜାତୀୟ, ଜାତୀୟ ସ୍ତରରେ ଥିବା ପ୍ରଚଳିତ ନିତୀକୁ ଗୁରୁତ୍ୱ ଦିଆଯାଇଛି । ଏହି ପ୍ରକଳ୍ପ ବିକାଶରେ ଯେଉଁମାନଙ୍କର ଅବଦାନ ରହିଛି ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ସେମାନେ ହେଲେ ଡ. ସ୍ମୃତି ସ୍ୱରୂପ, ପୂର୍ବତନ ପ୍ରଫେସର ଓ ନିର୍ଦ୍ଦେଶକ, ସ୍ୱତନ୍ତ୍ର ଶିକ୍ଷା କେନ୍ଦ୍ର, SNDT ମହିଳା ବିଶ୍ୱବିଦ୍ୟାଳୟ, ମୁମ୍ବାଇ; ପ୍ରଫେସର ସନ୍ଧ୍ୟା ପାରାଞ୍ଜପେ, ପୂର୍ବତନ ପ୍ରଫେସର ପ୍ରାରମ୍ଭିକ ଶିକ୍ଷା ବିଭାଗ, NCERT; ଆଲୋକା ଗୁହା, ପୂର୍ବତନ ଅଧକ୍ଷ, ଜାତୀୟ ନ୍ୟାସ ଟ୍ରଷ୍ଟ, ସାମାଜିକ ନ୍ୟାୟ ଓ ଶସକ୍ତିକରଣ ମନ୍ତ୍ରାଳୟ, ନୂଆଦିଲ୍ଲୀ; ମିସ୍ ମେରି ବରୁଆ, ସଂସ୍ଥାପକ ନିର୍ଦ୍ଦେଶକ, ସ୍ୱପରାୟଣ ସଂସ୍ଥା, ନୂଆଦିଲ୍ଲୀ; ଶ୍ରୀମତୀ ବର୍ଷା ଘାଟୁ, ବିଭାଗୀୟ ମୁଖ୍ୟ, ଅଲି ଜବର ଜଙ୍ଗ୍ ଜାତୀୟ ଶ୍ରବଣବାଧିତ ସଂସ୍ଥା, AYNIHH ମୁମ୍ବାଇ; ଶ୍ରୀମତୀ ସିଲୁ ମାଥ୍ୟୁ, ଅଧକ୍ଷ, ସେଣ୍ଟମେରୀ ବିଦ୍ୟାଳୟ, ଦ୍ୱାରକା, ନୂଆଦିଲ୍ଲୀ; ଡ. ଅନୁପ୍ରିୟା ଚଢ଼ା, ମୁଖ୍ୟ ପରାମର୍ଶଦାତା, TSG-EDCIL, ପ୍ରଫେସର ଅନୁପମ ଆହୁଜା, ଶ୍ରୀ ବିଜୟ ସିଂ ଓ ଡଃ ଭାରତୀ, DEGSN, NCERT ନୂଆଦିଲ୍ଲୀ ।

ଦସ୍ତାବିଜଟିର ବିକାଶର ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁମାନେ ଧନ୍ୟବାଦର ହକଦାର ସେମାନଙ୍କ ମଧ୍ୟରେ ଅଛନ୍ତି ଅନେକ ସରକାରୀ ବିଦ୍ୟାଳୟ ନିୟମିତ ଶିକ୍ଷକ, ସାଧନ କର୍ମୀ, ବିଭିନ୍ନ ବିଶ୍ୱବିଦ୍ୟାଳୟ କର୍ମଶାଳାର ଶିକ୍ଷାବିତ୍ ବୃନ୍ଦ । ସେଇମାନେ ହିଁ ପାଞ୍ଚଟି ଯାକ କର୍ମଶାଳାରେ ମତାମତ ଦେଇଛନ୍ତି । ସେଇ କର୍ମଶାଳା ଗୁଡ଼ିରୁ ସଂଗୃହୀତ ଧାରଣା/ତଥ୍ୟ ଗୁଡ଼ିକୁ ବ୍ୟବହାର କରି ଦସ୍ତାବିଜର ଚୂଡ଼ାନ୍ତ ଖସଡ଼ା ପ୍ରସ୍ତୁତ କରାଯାଇଛି । କର୍ମଶାଳାଗୁଡ଼ିକରେ ସେହି ଅଂଶଗ୍ରହଣକାରୀମାନଙ୍କର ଅବଦାନ ପାଇଁ ସେମାନଙ୍କଠାରେ କୃତଜ୍ଞତା ଜ୍ଞାପନ ପୂର୍ବକ ସେମାନଙ୍କର ନାମ ପରିଶିଷ୍ଟ -୧ ରେ ପ୍ରଦତ୍ତ ହୋଇଛି । ଏଇ ଅବସରରେ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ଅଧାପନା ବ୍ୟବସ୍ଥା ଉପରେ ପର୍ଯ୍ୟବେଶିତ କର୍ମଶାଳା ସଂଯୋଜନ ପ୍ରଫେସର ଅନୁପମ ଆହୁଜା, ଆଦର୍ଶ ନମୁନା ସାମଗ୍ରୀ ଉପରେ କର୍ମଶାଳା ସଂଯୋଜନା କରିଥିବା ଶ୍ରୀଯୁକ୍ତ ବିନୟ ସିଂହ ଏବଂ ଶିକ୍ଷକମାନଙ୍କ ପାଇଁ ମୂଲ୍ୟାୟନ କର୍ମଶାଳାର ଆବଶ୍ୟକତା ଉପରେ କର୍ମଶାଳାର ସଂଯୋଜିକା ଡଃ. ଭାରତୀଙ୍କୁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ସେମାନଙ୍କ ନିକଟରେ ଚିରକୃତଜ୍ଞ ।

ଏହି ଦସ୍ତାବିଜର ଏକ ଆଦ୍ୟ / ପ୍ରାରମ୍ଭିକ ଖସଡ଼ା ଦୁଇଟି ବ୍ଲକସ୍ତରୀୟ ନିୟମିତ ବିଦ୍ୟାଳୟ ଶିକ୍ଷକମାନଙ୍କ ପାଇଁ ଉଦ୍ଦିଷ୍ଟ କର୍ମଶାଳାରେ ସମୀକ୍ଷା କରାଯାଇଛି (ପ୍ରଥମେ ଗୁଜୁରାଟ ଓ ଦ୍ୱିତୀୟରେ ପୁଦୁଚେରୀ) । ସେହି କର୍ମଶାଳାରେ ଶିକ୍ଷକମାନେ ଯେଉଁ ମନ୍ତବ୍ୟଗୁଡ଼ିକ ଲିଖିତଭାବରେ ଉପସ୍ଥାପନ କରିଥିଲେ ସେହି ମନ୍ତବ୍ୟଗୁଡ଼ିକ ଏହି ଦସ୍ତାବିଜରେ ସଂଲଗ୍ନ କରାଯାଇଛି । ଆମେ ସେଇ ସୁଚିନ୍ତିତ ଓ ସ୍ୱାଗତ ଯୋଗ୍ୟ ମତାମତଗୁଡ଼ିକୁ ଠିକ୍ ସମୟରେ ଉପସ୍ଥାପନ କରିଥିବା ସେଇ ସହୃଦୟ ଶିକ୍ଷକମାନଙ୍କ ନିକଟରେ

ଗଭୀରଭାବରେ କୃତଜ୍ଞ, କାରଣ ସେମାନଙ୍କର ବିକାଶ ମୂଳକ ମତାମତ ଦସ୍ତାବିଜ୍‌ଟିର ବିଷୟବସ୍ତୁକୁ ପରିମାର୍ଜିତ କରିବାରେ ବହୁଳ ଭାବରେ ସାହାଯ୍ୟ କରିଛି ।

ବିଶେଷ କରି ସୁରଟ ଜିଲ୍ଲାର ସର୍ବଶିକ୍ଷା ଅଭିଯାନର ଅନ୍ତିର୍ନିବେଶୀ ଶିକ୍ଷା ସଂଯୋଜକ ସୁଶ୍ରୀ ଦୀପ୍ତି କେ. ରସିଆ, କର୍ଣ୍ଣାଟକର କନିଷ୍ଠ କାର୍ଯ୍ୟକ୍ରମ ନିଷ୍ପାଦକ ଶ୍ରୀଯୁକ୍ତ ଏସ୍.କେ.ପଦ୍ମନାଭ, ପୁଦୁଚେରୀର ରାଜ୍ୟ ଅନ୍ତିର୍ନିବେଶୀ ଶିକ୍ଷା ସଂଯୋଜକ ଶ୍ରୀଯୁକ୍ତ ପି. ସରବନନ୍ ସେମାନଙ୍କର ନିଜ ନିଜ ଅଞ୍ଚଳରେ କର୍ମଶାଳାଗୁଡ଼ିକର ଆୟୋଜନ କରିବା ପାଇଁ ବହୁମୂଲ୍ୟ ପ୍ରଚେଷ୍ଟା କରି ସଫଳ ହୋଇଥିବାରୁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛୁ ।

ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ  ମାନବ କଲ୍ୟାଣ ବିକାଶ ମନ୍ତ୍ରାଳୟ (MHRD) ର ପ୍ରାଥମିକ ଶିକ୍ଷା ସଂସ୍ଥାର ବିଭାଗର ଅତିରିକ୍ତ ସଚିବ ସୁଶ୍ରୀ ବୃନ୍ଦା ସ୍ୱରୂପ ଏବଂ ମାନବ କଲ୍ୟାଣ ବିକାଶ ମନ୍ତ୍ରାଳୟର ନିର୍ଦ୍ଦେଶକ ଡ଼କ୍ଟର ମୀନାକ୍ଷି ଜଲିଙ୍କୁ ଆମେ ସେମାନଙ୍କର ଶ୍ରମ ନିମନ୍ତେ ଧନ୍ୟବାଦ ଜଣାଉଛୁ । ସେମାନେ କେବଳ ଆବଶ୍ୟକ ସାଧନ ସୁବିଧା ଯୋଗାଇ ଚୁପ୍ ହୋଇ ରହିନାହାନ୍ତି, ଆହୁରି ମଧ୍ୟ ସମଗ୍ର ଦସ୍ତାବିଜଟି ଲେଖା ସରିବା ପର୍ଯ୍ୟନ୍ତ ଆବଶ୍ୟକ ସହଯୋଗ ଏବଂ ସୁଚିନ୍ତିତ ପରାମର୍ଶମାନ ପ୍ରଦାନ କରିଛନ୍ତି । ଏହି ପ୍ରକଳ୍ପକାର୍ଯ୍ୟଟିର ସମସ୍ତ  ଖର୍ଚ୍ଚ ମାନବ କଲ୍ୟାଣ ବିକାଶ ମନ୍ତ୍ରାଳୟ ବହନ କରିଛି ।

ସର୍ବଶେଷରେ ଏହି ଦସ୍ତାବିଜ୍‌ଟିକୁ ଫଳପ୍ରଦଭାବେ ସମ୍ପାଦନ କରିଥିବାରୁ ଆମେ ସୁଶ୍ରୀ ଉଷା ନାୟାରଙ୍କୁ ବିଶେଷ କୃତଜ୍ଞତା ଜଣାଉଛୁ ।

# ସୂଚୀପତ୍ର


**ପ୍ରସ୍ତାବନା**

| **ପୃଷ୍ଠଭୂମି** | | **ପୃଷ୍ଠା** |
|---|---|---|
| 1. | ଉପକ୍ରମ | |
| 2. | ଦୃଷ୍ଟିବାଧିତ ପିଲାଙ୍କ ସ୍ୱଭାବ | |
| 3. | ଶ୍ରବଣବାଧିତ ପିଲାଙ୍କ ସ୍ୱଭାବ | |
| 4. | ଶାରୀରିକ ଭିନ୍ନକ୍ଷମ ଶିକ୍ଷାର୍ଥୀ | |
| 5. | ଜ୍ଞାନଗତ ଏବଂ ବୌଦ୍ଧିକ ଭିନ୍ନକ୍ଷମ ପିଲାଙ୍କ ସ୍ୱଭାବ | |
| 6. | ଅନ୍ତର୍ନିବେଶ ପରିସ୍ଥିତିରେ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ | |
| 7. | ଶିକ୍ଷକମାନଙ୍କ ଦ୍ୱାରା ବ୍ୟକ୍ତ କେତେକ ମତାମତ | |

**ସହାୟକ ଗ୍ରନ୍ଥସୂଚୀ**

ପରିଶିଷ୍ଟ –1 କର୍ମଶାଳାରେ ଅଂଶଗ୍ରହଣ କରିଥିବା ସଦସ୍ୟଙ୍କ ତାଲିକା

ପରିଶିଷ୍ଟ–2 ଭାରତରେ ଥିବା ବ୍ରେଲ୍ ଛାପାଖାନାଗୁଡ଼ିକର ତାଲିକା

## ଆପଣ ଜାଣନ୍ତି କି ?

୮୬ ତମ ସାମ୍ବିଧାନିକ ସଂଶୋଧନ ଆଇନ, ୨୦୦୨ ଅନୁସାରେ ୬ ରୁ ୧୪ ବର୍ଷ ବୟସ ପ୍ରତ୍ୟେକ ପିଲାଙ୍କ ପାଇଁ ଅବୈତନିକ ଓ ବାଧ୍ୟତାମୁଳକ ଶିକ୍ଷା ବର୍ତ୍ତମାନ ସମ୍ବିଧାନର ୨୧- କ ଧାରା ଅନୁଯାୟୀ ମୌଳିକ ଅଧିକାର ଅନ୍ତର୍ଭୁକ୍ତ ଅଟେ ।

ଶିକ୍ଷା କୌଣସି ଗୋଟିଏ ସୁବିଧା ସୁଯୋଗ କିମ୍ବା ସପକ୍ଷ ନୁହେଁ ପରନ୍ତୁ ଏହା ପ୍ରତିଟି ବାଳିକା ଏବଂ ମହିଳାମାନଙ୍କ ମୌଳିକ ମାନବିକ ଅଧିକାର ।

*Give Girls Their Chance !*



# ୧. ଉପକ୍ରମ

## ଅନ୍ତର୍ନିବେଶ କାହିଁକି ?

ଅନ୍ତର୍ନିବେଶୀ ଶିକ୍ଷା କହିଲେ ସବୁ ପିଲାଙ୍କର ଶିକ୍ଷାକୁ ବୁଝାଇଥାଏ । ଯେଉଁ ଶିକ୍ଷଣ ପ୍ରକ୍ରିୟାରେ ସମସ୍ତ ପିଲା ସମାନଭାବରେ ଅଂଶଗ୍ରହଣ କରିଥାନ୍ତି ତାହାକୁ ଅନ୍ତର୍ନିବେଶୀ ଶିକ୍ଷା କୁହାଯାଏ । ଭିନ୍ନକ୍ଷମ ପିଲାଙ୍କ ପାଇଁ ଅନ୍ତର୍ନିବେଶୀ ଶିକ୍ଷା ଏହି ବିଶ୍ୱାସ ଉପରେ ଆଧାରିତ ଯେ, ଯେଉଁମାନେ ଭିନ୍ନକ୍ଷମ, ସେମାନେ କେବଳ ସ୍ୱତନ୍ତ୍ର ସୁବିଧା ଉପରେ ନିର୍ଭର କରିବା ଅନୁଚିତ୍ । ବରଂ ସମସ୍ତଙ୍କ ପାଇଁ ଉପଲବ୍ଧ ଶୈକ୍ଷିକ ସମ୍ବଳ, କାର୍ଯ୍ୟ ଓ ଅଭ୍ୟାସ କାର୍ଯ୍ୟରୁ ଲାଭବାନ ହେବା ଉଚିତ୍ । ଏହି ବ୍ୟବସ୍ଥାରେ ଗୋଟିଏ ଦଳରେ ଥିବା ସମସ୍ତ ସଦସ୍ୟ ସମାନ ଭାବରେ ଅଂଶ ଗ୍ରହଣ କରିବାପାଇଁ ସକ୍ଷମ ହୋଇଥାନ୍ତି । ଅର୍ଥାତ୍ ସମସ୍ତଙ୍କୁ ଆଖିଆଗରେ ରଖି ଏଥିରେ ବ୍ୟବସ୍ଥା କରାଯାଇଥାଏ । ଏହା ସ୍ୱତନ୍ତ୍ର ଭାବରେ କେବଳ ସର୍ବସମର୍ଥ, ସର୍ବ ସକ୍ଷମ କିମ୍ବା ଭିନ୍ନକ୍ଷମ ପିଲାମାନଙ୍କ ଉଦ୍ଦିଷ୍ଟ ନୁହେଁ, ପରନ୍ତୁ ଏହା ସମସ୍ତଙ୍କ ପାଇଁ । ସର୍ବୋପରି ଏହି ବ୍ୟବସ୍ଥା ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ସମାନ ପ୍ରାଧାନ୍ୟ ଦେଇଥାଏ ।

ଗୋଷ୍ଠୀ ବା ଦଳର ଜଣେ ସଭ୍ୟ ଭାବରେ ଅଂଶ ଗ୍ରହଣ କରିବାରେ ସମସ୍ତଙ୍କ ପାଇଁ ସମାନ ଅଧିକାର ରହିଛି । ତେଣୁ, ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ସମସ୍ତ ସୁବିଧା ଓ ସୁଯୋଗ ରହିବା ଉଚିତ୍ । ଏହି ଅଧିକାର ଭାରତୀୟ ସମ୍ବିଧାନରେ ଉଲ୍ଲେଖ କରାଯାଇଛି ।

ଏଣୁ ସମାଜ ଓ ଗୋଷ୍ଠୀର ଦାୟିତ୍ୱ ହେଲା, ପ୍ରତ୍ୟେକ ସଭ୍ୟଙ୍କୁ ସାମିଲ କରିବା ଏବଂ ସମାନ ଭାବରେ ସମସ୍ତଙ୍କୁ ସେବା ଯୋଗାଇବା । ଭାରତୀୟ ସମ୍ବିଧାନ ମଧ୍ୟ ସମସ୍ତଙ୍କ ସମାନ ଭାବରେ ସୁଯୋଗମାନ ପ୍ରଦାନ କରିବା ପାଇଁ ଅଙ୍ଗୀକାରବଦ୍ଧ ଅଟନ୍ତି ।

ଶିକ୍ଷା ଅଧିକାର (RTE) ଆଇନ୍ (2009) ଅନୁସାରେ ପ୍ରାଥମିକ ଶିକ୍ଷା ହେଉଛି ପ୍ରତ୍ୟେକ ଶିଶୁର ମୌଳିକ ଅଧିକାର । ଏହା ଉଭୟ ସରକାରୀ ଏବଂ ଘରୋଇ ବିଦ୍ୟାଳୟମାନଙ୍କ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ । ଆମ ବିଦ୍ୟାଳୟ ଏବଂ ଶ୍ରେଣୀ ପ୍ରକୋଷ୍ଠର ଶୈକ୍ଷିକ ପ୍ରକ୍ରିୟା ଏବଂ ଅଭ୍ୟାସ କାର୍ଯ୍ୟଗୁଡ଼ିକରେ ପ୍ରତ୍ୟେକ ଶିଶୁର ସାମାଜିକ, ସାମ୍ବିଧାନିକ ଏବଂ ନ୍ୟାୟିକ ଅଧିକାର ଗୁଡ଼ିକ ପ୍ରତିଫଳିତ ହେବା ନିହାତି ଆବଶ୍ୟକ । ଆବଶ୍ୟକତା ଏବଂ ଦକ୍ଷତା ଭିତ୍ତିରେ ବିବିଧ ପରିବେଶରୁ ଆସୁଥିବା ଶିକ୍ଷାର୍ଥୀମାନଙ୍କୁ ଅନ୍ତର୍ଭୁକ୍ତ କରାଇବା ପାଇଁ ଆମ ଶ୍ରେଣୀ ଗୁଡ଼ିକ ପ୍ରସ୍ତୁତ ହେବା ଦରକାର ।

ଶ୍ରେଣୀକୋଠରି ଏମିତି ଏକ ପରିବର୍ତ୍ତନଶୀଳ ଓ ଉନ୍ନତ ପରିବେଶ ପ୍ରଦାନ କରେ, ଯେଉଁଠାରେ କି ନୂତନ ଚିନ୍ତାଧାରା, ମୂଲ୍ୟବୋଧ, ତଥ୍ୟ ଓ ଜ୍ଞାନର ଅଦାନପ୍ରଦାନ ହୋଇଥାଏ । ଶ୍ରେଣୀ ସଙ୍ଗଠନ ଏବଂ ଶ୍ରେଣୀର ମୌଳିକ ଉପାଦାନ ଯଥା ଶିକ୍ଷାର୍ଥୀ, ଶିକ୍ଷକ ଏବଂ ପାଠ୍ୟକ୍ରମ ମଧ୍ୟରେ ଥିବା ସମ୍ପର୍କ ପିଲାଙ୍କୁ ଅଜ୍ଞାତରୁ ଜ୍ଞାତକୁ ଅଗ୍ରସର କରାଇଥାଏ । ବିକାଶ ଦିଗରେ ଶିକ୍ଷାର ପ୍ରଭାବକୁ ଉପଲବ୍ଧି କରାଯାଉଥିବାରୁ ବର୍ତ୍ତମାନ ଶିକ୍ଷା ଓ ଏହାର ବିଭିନ୍ନ ଦିଗ ପ୍ରତି ଅଧିକ ଦୃଷ୍ଟି ଦିଆଯାଉଛି । ଦେଶର ବିଦ୍ୟାଳୟ ବ୍ୟବସ୍ଥାରେ ପଢୁଥିବା ପିଲାଙ୍କର ଶିକ୍ଷାକୁ ଗୁଣାତ୍ମକ ଓ ଫଳପ୍ରଦ କରିବା ପାଇଁ ବିଦ୍ୟାଳୟ ଗୁଡ଼ିକର ମହତ୍ତ୍ୱପୂର୍ଣ୍ଣ ଉନ୍ନତି ହେବା ଦରକାର ।

କିଛି ବର୍ଷ ହେଲା ଭାରତବର୍ଷର ବିଦ୍ୟାଳୟ ଏବଂ ଶ୍ରେଣୀଗୃହର ସ୍ଥିତି ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ଗବେଷକ ଏବଂ ଅର୍ଥନୀତିଜ୍ଞ ମାନଙ୍କର ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛି । ଭାରତର ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ସାମ୍ବିଧାନିକ ବ୍ୟବସ୍ଥା, ଶିକ୍ଷା ଅଧିକାର ଆଇନ ଓ PWD ଆଇନ ଆଦି ଜନାଦେଶ ରହିଛି । ପ୍ରାୟ 125, 059, 229 ଛାତ୍ରଛାତ୍ରୀ (DISE 2013)ଙ୍କ ମଧ୍ୟରୁ

25.96 ଲକ୍ଷ ଭିନ୍ନକ୍ଷମ ପିଲା ବିଦ୍ୟାଳୟରେ ପଞ୍ଜୀକୃତ ହୋଇଛନ୍ତି, 0.52 ଲକ୍ଷ ପିଲା ନିଶ୍ଚିତ ଶିକ୍ଷା ଯୋଜନା / ବିକଳ୍ପ ଅଭିନବ ଶିକ୍ଷା କେନ୍ଦ୍ରରେ ଏବଂ ଅନ୍ୟାନ୍ୟ 1.38 ଲକ୍ଷ ପିଲାଙ୍କୁ ଗୃହ-ଭିତ୍ତିକ ଶିକ୍ଷା ମାଧ୍ୟମରେ ସହାୟତା ଯୋଗାଇ ଦିଆଯାଉଛି । (ଅନ୍ତର୍ନିବେଶୀ ଶିକ୍ଷାର ପ୍ରଗତି, ସର୍ବଶିକ୍ଷା ଅଭିଯାନ 2009-10, ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ) । ଶୈକ୍ଷିକ କାର୍ଯ୍ୟକ୍ରମରେ ଶ୍ରେଣୀ ଗୃହରେ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନକୁ ପ୍ରୋତ୍ସାହନ ଦିଆଯାଇଛି । ଅନ୍ତର୍ନିବେଶୀ ଶିକ୍ଷା ଏବଂ ମୂଲ୍ୟାୟନରେ NCERT ର ଶିକ୍ଷଣ ମୂଲ୍ୟଙ୍କ ସୂଚକଗୁଡ଼ିକ ଶ୍ରେଣୀ ଗୃହରେ ପଢ଼ିବା ଓ ଶିଖିବାର ଗୁଣବତ୍ତା ବଢ଼ାଇବାର ସୂତ୍ରଧାର ହୋଇଛି । ଶ୍ରେଣୀଗୃହକୁ ଆହୁରି ସରସ, ସୁନ୍ଦର, ଶିକ୍ଷଣୀୟ, ଗ୍ରହଣୀୟ ଓ ଆକର୍ଷଣୀୟ କରିବାକୁ ଧ୍ୟାନ ଦିଆଯାଇଛି । ବର୍ତ୍ତମାନର ଶିକ୍ଷାରେ ନୂତନତା ସ୍ୱରୂପ ଶ୍ରେଣୀକୁ ଉନ୍ନତ ମାନର କରାଯାଇଛି । ଏଥିପାଇଁ (1) ଯୋଜନା (2) ଶିକ୍ଷାଦାନ ପଦ୍ଧତି ଏବଂ (3) ମୂଲ୍ୟାଙ୍କନ ଆଦି ବ୍ୟବସ୍ଥାରେ ପୂର୍ବାଲୋକନ ଏବଂ ସଂଶୋଧନ କରାଯାଉଛି ।

ପାରମ୍ପରିକ ଚଳଣୀ ଭିତରେ କିଛି ନୂତନତାର ପରିକଳ୍ପନା କରିବା ସମୟ ଓ ଶକ୍ତି ସାପେକ୍ଷ ଏବଂ ବେଳେବେଳେ ଏହାକୁ ଅଭ୍ୟାସ କରିବା କଷ୍ଟକର ଜଣାପଡ଼େ । ବୋଧହୁଏ, ଏହା ଶ୍ରେଣୀଗୃହରେ ଉନ୍ନତମାନର ଶିକ୍ଷଣ ଅଭିଜ୍ଞତା ଓ ଉନ୍ନତ ଶିକ୍ଷାଦାନର ସୁଯୋଗ ସୃଷ୍ଟି କରେ । ଶିକ୍ଷକମାନେ ପ୍ରତ୍ୟାଶିତ ପରିବର୍ତ୍ତନକୁ ସହଜରେ ପରିଚାଳନା କରିବା ପାଇଁ ଏହି ପୁସ୍ତକଟିର ଉଦ୍ଦେଶ୍ୟ । ଶ୍ରେଣୀକୁ ଓ ଶିକ୍ଷାଦାନକୁ ଅନ୍ତର୍ନିବେଶୀ କରିବା ପାଇଁ ଶିକ୍ଷକଙ୍କ ନିମନ୍ତେ ଏହି ପୁସ୍ତିକାରେ ଅନେକ ମତାମତ, ଖୋରାକ, ଧାରଣା ଏବଂ କୌଶଳ ଦିଆଯାଇଛି । ଏଗୁଡ଼ିକ ବିବିଧ ଗବେଷଣା, ଅଭିଜ୍ଞତା ଏବଂ DEGSN ଦ୍ୱାରା ସଂଗଠିତ ଅନେକ ଗୁଡ଼ିକ କର୍ମଶାଳାରୁ ସଂଗୃହୀତ ତଥ୍ୟ, ଉପରେ ଆଧାରିତ ପୂର୍ବରୁ କୁହାଯାଇଛି ଯେ ଅନ୍ତର୍ନିବେଶୀ ଶିକ୍ଷା ଅର୍ଥ ସମସ୍ତ ପିଲାଙ୍କୁ ଏକ ଶ୍ରେଣୀ ଗୃହରେ ଅନ୍ତର୍ଭୁକ୍ତ କରିବା ।

ଏହି ପୁସ୍ତିକାଟି ଭିନ୍ନକ୍ଷମତାକୁ ବିଶେଷତ୍ୱ ଦେଇ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଶ୍ରେଣୀକୁ ଅନ୍ତର୍ନିବେଶୀ କରିବାରେ ସହାୟକ ହେବ ।

ନିମ୍ନ ପ୍ରଦତ୍ତ ବିଭାଗରେ ପ୍ରଥମେ ସ୍ୱତନ୍ତ୍ର ଏବଂ ଅନ୍ତର୍ନିବେଶୀ ଶିକ୍ଷା ସମ୍ପର୍କୀୟ ବିଶେଷ ଶବ୍ଦ ଓ ସଜ୍ଞା ଦିଆଯାଇଛି । ପରେ ସରଳ ଭାବରେ ବୁଝିବା ପାଇଁ ବିଭିନ୍ନ ସଂରଞ୍ଚନା ଓ ବିଷୟବସ୍ତୁ ସମ୍ବନ୍ଧୀୟ ବ୍ୟାଖ୍ୟା ଦିଆଯାଇଛି ।

**ଶବ୍ଦ, ଶବ୍ଦାବଳୀ ଓ ବାକ୍ୟାଂଶ**

ଭିନ୍ନକ୍ଷମତା ଏବଂ ସ୍ୱତନ୍ତ୍ର ଆବଶ୍ୟକତା ସହ ସମ୍ପର୍କିତ ଅନେକ ପଦ / ଶବ୍ଦ ଅନେକାଂଶରେ ଦ୍ୱନ୍ଦ୍ୱରେ ପକାଇ ଦେଇଥାଏ, ଏମିତିକି ବୁଝି ମଧ୍ୟ ହୁଏ ନାହିଁ । ଅନ୍ତର୍ନିବେଶୀ ଶ୍ରେଣୀଗୃହରେ କାର୍ଯ୍ୟ କଲା ବେଳେ ଏଭଳିଗୁଡ଼ିଏ ଶବ୍ଦ ପାଇବେ, ଯାହାକି ଏହି ପୁସ୍ତିକାରେ ବୁଝାଇ ଦିଆଯାଇଛି ।

**ହ୍ରାସ ଓ ଅକ୍ଷମତା**

ସ୍ୱତନ୍ତ୍ର ଓ ଅନ୍ତର୍ନିବେଶୀ ଶିକ୍ଷାରେ ଦୁଇଟି ଶବ୍ଦ ଯଥା 'ହ୍ରାସ ଓ ଅକ୍ଷମତା' ପ୍ରାୟ ଓଲଟା ପାଲଟ ଭାବେ ପ୍ରୟୋଗ କରାଯାଇଛି । କୌଣସି ସାମାନ୍ୟ ଶାରୀରିକ କାର୍ଯ୍ୟ କ୍ଷମତାର ବାଧା ଆସୁଥିବାକୁ ଆମେ ''ବାଧିତ'' ବୋଲି କହୁ । ସେହିପରି ଜଟିଳ ସମସ୍ୟାଥିବା ଏବଂ ଶାରିରିକ ବା ମାନସିକ ଅସମର୍ଥ୍ୟତା ବା କୌଣସି କାମ କରିବାକୁ ଅସମର୍ଥ୍ୟ ଥିବା ଅବସ୍ଥାକୁ

''ଅକ୍ଷମତା'' ବୋଲି କହୁ । ଆମେ ସମସ୍ତେ କୌଣସି ନା କୌଣସି କ୍ଷେତ୍ରରେ ବା ସମୟରେ, ଜୀବନରେ ନିଜକୁ ଅସମର୍ଥ ବୋଲି ଅନୁଭବ କରିଥାଉ । ଯଥା– ଦେହ ଖରାପ ସମୟରେ, କି ଶାରୀରିକ ଆଘାତ ପାଇଥିବା ବେଳେ ବା କୌଣସି ଅପରିଚିତ ପରିବେଶ ବା ଯାଗାରେ । ଉଦାହରଣ ସ୍ୱରୂପ: ଦେହ ଖରାପ ବା ଅସୁସ୍ଥତା ହେଲେ କାମ କରିବା ପାଇଁ ସାଧାରଣ ସମୟର ଶକ୍ତି, ଉତ୍ସାହ ଓ ସକ୍ଷମତା ନଥାଏ ।  ଯଦି ଆମ ଦେହର କିଛି ହାଡ଼ ଭାଙ୍ଗିଯାଏ, କୌଣସି ଖଞ୍ଜା ଜୋରରେ ମୋଡ଼ି ବା ମକଚି ଯାଏ ଯାହାଦ୍ୱାରା ଆମେ ସାଧାରଣ ଭାବେ ଚାଲିବା, ଦୌଡ଼ିବା ଓ ଲେଖିବାଭଳି କାମଗୁଡ଼ିକ କରିପାରୁନାହୁଁ ଏବଂ ସାମୟିକ ଅକ୍ଷମତା ବୋଧ ଅନୁଭବ କରିଥାଉ । ଏହିଭଳି ବିଭିନ୍ନ ପରିସ୍ଥିତିରେ ଆମେ ଉପରୋକ୍ତ ଦୁଇଟି ଶବ୍ଦକୁ ବ୍ୟବହାର କରିଥାଉ । ଅତଏବ ଏହି ଦୁଇଟି ଶବ୍ଦ ବିଷୟରେ ଆମେ ଜାଣିଲେ ଏବେ ଏହି ଶବ୍ଦ ସହିତ ଭିନ୍ନକ୍ଷମ ବ୍ୟକ୍ତିଙ୍କ କିପରି ସମ୍ପର୍କ ତାହା ଜାଣିବା ।

**ହ୍ରାସ :** (ଦୋଷ ବା ବିକାର) କୌଣସି ଶାରିରୀକ କାର୍ଯ୍ୟ କରିବାରେ ନିଜର ଅସୁସ୍ଥତା, ଆଘାତ ବା ଜଟିଳତା ଆସୁଥିବା ଅବସ୍ଥାକୁ ବୁଝାଏ ।

ଦୁଇଜଣ ପିଲା ସମାନ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ସେମାନଙ୍କର ଆବଶ୍ୟକତା ଗୁଡ଼ିକ ଅଲଗା ଅଲଗା ହୋଇଥାଏ । ଉଦାହରଣ ସ୍ୱରୂପ –ଦୁଇଜଣ ଛାତ୍ର ଯଦି ଦୃଷ୍ଟିବାଧିତ କିମ୍ବା ଶ୍ରବଣବାଧିତ ଅଟନ୍ତି, ସେମାନେ ଅଲଗା ଅଲଗା ପ୍ରଣାଳୀରେ ଶିଖିବା ପାଇଁ ଆବଶ୍ୟକ ଅନୁଭବ କରନ୍ତି, କାରଣ ସେମାନଙ୍କର ଦୃଷ୍ଟି ଏବଂ ଶ୍ରବଣ ଦକ୍ଷତା ଗୁଡ଼ିକ ଭିନ୍ନ ଅଟେ । ଜଣେ ସ୍ୱଳ୍ପ ଦୃଷ୍ଟି ବାଧିତ ପିଲା ଶ୍ରେଣୀ କକ୍ଷରେ କଳାପଟାରୁ ସୂଚନା ଗ୍ରହଣ କରିପାରନ୍ତି ଏବଂ ଅନ୍ୟ ଜଣେ ଦୃଷ୍ଟି ବାଧିତ ଛାତ୍ର ସେପରି କରିପାରନ୍ତି ନାହିଁ, କାରଣ ତାଙ୍କର ଆବଶ୍ୟକତା ଭିନ୍ନ  ।

**ଅକ୍ଷମତା –** ଅକ୍ଷମତା କହିଲେ ଶାରୀରିକ କାର୍ଯ୍ୟ କରିବା ପାଇଁ ବିଶେଷ ସମସ୍ୟା ବା ଜଟିଳତାକୁ ବୁଝାଇଥାଏ । ସାଧାରଣ କାର୍ଯ୍ୟକଳାପରେ ଯଦି ଏହି ସମସ୍ୟା ବାଧା ଉପୁଜାଇଥାଏ ତେବେ,ପିଲଟିର ଅକ୍ଷମତା ହୋଇଥାଏ ।

ଏହିପରି, ଅନ୍ୟମାନଙ୍କ ଭଳି ସମାନଭାବରେ କାର୍ଯ୍ୟକରିବାର ଅସାମର୍ଥ୍ୟତାର କାରଣ କେବଳ'ହ୍ରାସ'ନୁହେଁ ବରଂ କେଉଁ ଭଳି ପରିସ୍ଥିତିରେ ଶିଶୁଟି ରହୁଛି, ବଢୁଛି, ଶିଖୁଛି, କାମ କରୁଛି ଏବଂ ଚଳପ୍ରଚଳ ହେଉଛି ସେ କ୍ଷେତ୍ରରେ ଶିଶୁର ଚଳନକ୍ଷମତା ପ୍ରଭାବିତ ହୋଇଥାଏ ଏବଂ ସେ ଭଲଭାବେ ନିଜକୁ ଚଳାଇପାରେ । **ଉଦାହରଣ ସ୍ୱରୂପ :** ଜଣେ ଶ୍ରବଣ ବାଧିତ ପିଲା ତା ନିଜ ଘରେ ଆପେ ଆପେ ତା'ର ଦୈନିନ୍ଦିନ କାର୍ଯ୍ୟ ସୁରୁଖୁରୁରେ କରିପାରିଥାଏ । ଏମିତିକି ସେ ତାର ପଡ଼ୋଶୀମାନଙ୍କ ମଧ୍ୟ ଉପ-ଯୋଜନ କରିବାରେ ଟିକିଏ ବି ଅଲଗା ଅନୁଭବ କରିନଥାଏ । ମାତ୍ର ପ୍ରତ୍ୟାଶିତ ଶିକ୍ଷଣ ଅଭିବ୍ୟକ୍ତିରେ ଅଂଶଗ୍ରହଣ ବେଳେ ସେ ଅନ୍ୟ ସାଥୀମାନଙ୍କ ଭଳି କାର୍ଯ୍ୟ କରିବାରେ ଅସମର୍ଥ ହୋଇଥାଏ । ଏଣୁ ଏହି ଭଳି ପିଲାମାନଙ୍କୁ ଅଂଶଗ୍ରହଣ କରାଇବା, ଶିକ୍ଷଣ ପ୍ରତି ମନୋଭାବ କେନ୍ଦ୍ରିତ କରିବା ତଥା ସଫଳତା ପାଇଁ ପଥ ପ୍ରଦର୍ଶନ କରିବା ପାଇଁ ବିବିଧ କାର୍ଯ୍ୟକ୍ରମ ପ୍ରବର୍ତ୍ତନ ହେବା ଅତ୍ୟନ୍ତ ଆବଶ୍ୟକ । ଏଥିପାଇଁ ଶ୍ରେଣୀ କୋଠରିରେ ସୁବ୍ୟବସ୍ଥା ସାଙ୍ଗକୁ ଶିକ୍ଷକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷାକ୍ଷେତ୍ର ଗୁଡ଼ିକରେ ଏଣୁ ଏମିତି ବ୍ୟବସ୍ଥା ଯୋଗାଇବା ଦରକାର । ଯଦ୍ୱାରା ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ଆସୁଥିବା ଅସୁବିଧା ଏବଂ ପ୍ରତିବନ୍ଧକ ଗୁଡ଼ିକୁ କମ୍ କରାଯାଇପାରିବ ।



ଗୋଟିଏ ବାଧିତ ଛାତ୍ର ପୂର୍ବ ଅଭିଜ୍ଞତା ଓ ସୁଯୋଗ ଅନୁସାରେ ତାର ଦକ୍ଷତାରେ ବିକାଶ ସାଧନ କରିପାରେ । ଯେମିତି କି, ସାଧାରଣ ପିଲାଟିଏ ଆପଣଙ୍କ ଶ୍ରେଣୀକୁ ଆସିବା ପୂର୍ବରୁ ସ୍ୱତନ୍ତ୍ର ପ୍ରସ୍ତୁତି କିମ୍ବା ସାଧାରଣ ପାଠ୍ୟ ଖସଡ଼ା ସହିତ ପରିଚିତ ହୋଇଥିବ, ଅପର ପକ୍ଷରେ, ପଠନ ସମ୍ବନ୍ଧୀୟ କୌଣସି ପୂର୍ବ ଅଭିଜ୍ଞତା ନଥାଇ କିମ୍ବା ସଂପୂର୍ଣ୍ଣ ଭାବେ ଶ୍ରେଣୀ ପଠନରେ ସମ୍ପୂର୍ଣ୍ଣ ରୁପେ ଅଜ୍ଞ ଥିବା ଏକ ଭିନ୍ନକ୍ଷମ ଛାତ୍ର, ବିଭିନ୍ନ ଆବଶ୍ୟକତା ଉପଲବ୍ଧି କରେ । ତେଣୁ କିଛି ଦକ୍ଷତାର ବିକାଶ କରିସାରିଥିବା ତାର ସହପାଠୀମାନଙ୍କ ଠାରୁ ସିଏ କିଛି ଅଲଗା ପ୍ରଣାଳୀ ଆବଶ୍ୟକ କରେ ।

ଗୋଟିଏ ଛାତ୍ରର ଭିନ୍ନକ୍ଷମତା ବା ଶିଖିବାରେ ଅପାରଗତା କ୍ଷେତ୍ରରେ ଆମେ ସାଧାରଣତଃ 'ସ୍ୱାଭାବିକ' ବୋଲି ଶବ୍ଦଟେ ବାରମ୍ବାର ଶୁଣିବାକୁ ପାଉ; ଯାହାକି ପାଠପଢ଼ା ପିଲାଙ୍କ ଉଦ୍ଦେଶ୍ୟରେ କୁହାଯାଇଥାଏ । ଏହି 'ସ୍ୱାଭାବିକ' ଶବ୍ଦଟି ନିର୍ଦ୍ଦିଷ୍ଟ ଶିକ୍ଷଣ ଆବଶ୍ୟକତା ଥିବା ପିଲାପାଇଁ ପ୍ରତିକୂଳ ଅର୍ଥବୁଝାଏ । ଏହା ମନେରଖିବାକୁ ହେବ ଯେ, ସାଧାରଣଭାବେ ବିକାଶ କରୁଥିବା ପିଲାଙ୍କର ବିକାଶ ଓ ଶିକ୍ଷଣ ଶୈଳୀରେ ମଧ୍ୟ ଭିନ୍ନତା ରହିଛି । ଆମକୁ ଧ୍ୟାନରେ ରଖିବାକୁ ହେବ, ଆମ ପରିବେଶରେ ବହୁବିଧ ବିଭିନ୍ନତା ରହିଛି । ତେଣୁ ଗୋଟିଏ ସାଧାରଣ ପିଲା ବା ମାନଦଣ୍ଡକୁ ନେଇ ଆମେ 'ସ୍ୱାଭାବିକତା'(Normalcy) ପରିମାପ କରିବା ଅସଙ୍ଗତ ହେବ ।

**Assessment (ମାନ ନିର୍ଦ୍ଧାରଣ):**

ଶିକ୍ଷାଦାନ-ଶିକ୍ଷଣପ୍ରକ୍ରିୟାରେ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ କାର୍ଯ୍ୟ ତଥା ଶ୍ରେଣୀଗୃହର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ସଂଗ୍ରହ କରିବା ଏକ ପାରସ୍ପରିକ ପ୍ରକ୍ରିୟା । ମାନ ନିର୍ଦ୍ଧାରଣ ସ୍ୱଭାବିକ ଭାବେ ଗଠନ ମୂଳକ ଏବଂ ନିରୁପଣ ଭିତ୍ତିକ ଅଟେ । ଏହା ଶିକ୍ଷାର୍ଥୀର ବଳବତ୍ତା /ସାମର୍ଥ୍ୟ ସମ୍ବନ୍ଧରେ ସୂଚନା ଦିଏ । ଏହା ସହିତ, ଶିକ୍ଷଣ ପ୍ରକ୍ରିୟାରେ ଆବଶ୍ୟକୀୟ ଉନ୍ନତି ମୂଳକ ପରିବର୍ତ୍ତନକୁ ଚିହ୍ନଟ କରିବାରେ ସାହାଯ୍ୟ କରେ ।



**Integration (ସମନ୍ୱିତ) :**

ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ଶିକ୍ଷା ପରିପ୍ରେକ୍ଷୀରେ, ସମନ୍ୱିତର ଅର୍ଥ ହେଲା- ନିୟମିତ ଶ୍ରେଣୀରେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲା ଶିକ୍ଷା ପ୍ରଦାନ କରିବା । ସମନ୍ୱିତ ଶିକ୍ଷା ଶ୍ରେଣୀଗୃହରେ ବିଶେଷ କରି ଏହି ଶିକ୍ଷାର୍ଥୀମାନେ ଖାପଖୁଆଇ ପାରୁଛନ୍ତି କି ନାହିଁ, ସେଥିପ୍ରତି ଦୃଷ୍ଟି ରଖାଯାଏ । ଏପରିକି ଆବଶ୍ୟକ ସ୍ଥଳେ ଭିନ୍ନକ୍ଷମତାକୁ ଧ୍ୟାନରେ ରଖି ଅଲଗା ଶ୍ରେଣୀଗୃହରେ ଶିକ୍ଷା ଦିଆଯାଇପାରେ ।



**Evaluation (ମୂଲ୍ୟାୟନ) :**

ଶିକ୍ଷଣ କାର୍ଯ୍ୟକୁ ସୂଚିତ କରାଯାଇଥିବା ଗ୍ରେଡ୍ ବା ଅଙ୍କକୁ ଆଧାରକରି ମୂଲ୍ୟନିର୍ଣ୍ଣୟ କରିବା ପ୍ରକ୍ରିୟାକୁ ମୂଲ୍ୟାୟନ କୁହାଯାଏ । ସାଧାରଣତଃ ସେଗୁଡ଼ିକ ସମାପ୍ତିସୂଚକ । ଏହାକୁ ଗୁଣାତ୍ମକ ସ୍ତରର ପ୍ରକୃତ ପରିମାପ ବୋଲି ଧରାଯାଏ ।

**Inclusion (ଅନ୍ତର୍ଭୁକ୍ତି / ଅନ୍ତର୍ନିବେଶ) :**

ଅନ୍ତର୍ନିବେଶୀ ଶିକ୍ଷା 'ପ୍ରତ୍ୟେକ ପିଲାଙ୍କ ପାଇଁ ଶିକ୍ଷା' କୁ ବୁଝାଏ, ଯେଉଁ ଶିକ୍ଷଣ ପ୍ରକ୍ରିୟାରେ କି ସମସ୍ତ ପିଲା ସମାନଭାବରେ ଅଂଶଗ୍ରହଣ କରିଥାନ୍ତି ।

**Adaptation (ସମଯୋଜନ) :**

ସମଯୋଜନ କହିଲେ ଶିକ୍ଷାର୍ଥୀର ପ୍ରୟୋଜନ ଅନୁଯାୟୀ ପରୀକ୍ଷଣ, ଆବଶ୍ୟକୀୟ ଉପକରଣ, ପାଠ୍ୟକ୍ରମ କିମ୍ବା ଶ୍ରେଣୀଗୃହ ପରିବେଶ ଉପଯୁକ୍ତର ପରିବର୍ତ୍ତନ ବ୍ୟବସ୍ଥାକୁ ବୁଝାଇଥାଏ । ଶିକ୍ଷାଉପଯୋଗୀ ବାତାବରଣ ପାଇଲେ ପିଲାଟି ସକ୍ରିୟ ଅଂଶଗ୍ରହଣ କରିପାରିବ ଓ ନିର୍ଦ୍ଧାରିତ  ଶୈକ୍ଷିକ ଲକ୍ଷ୍ୟ ଗୁଡ଼ିକୁ ଉପଲବ୍ଧି କରିପାରିବେ । ଏହାର କେତୋଟି ଉଦାହରଣ ଦିଆଗଲା ।

ଯଦି ସୁବିଧା ସୁଯୋଗ ଅଛି ତେବେ କୌଣସି ଇଲେକ୍ଟ୍ରୋନିକ୍ ପାଠ୍ୟ, ଓ ଟେପ୍ ରେକର୍ଡ଼ର ବ୍ୟବହାର କରନ୍ତୁ । ପିଲାଙ୍କୁ ତା'ର ସାଥୀଙ୍କ ଗହଣରେ ରଖି ଶ୍ରେଣୀଗତ କାର୍ଯ୍ୟ କରନ୍ତୁ । ଦେଖିବେ, ଯେଉଁ ପିଲାମାନେ ଅନ୍ୟମନସ୍କ, ବିବ୍ରତ, ଅସ୍ଥିର ଚଞ୍ଚଳ ଓ ଶିକ୍ଷଣ ପ୍ରତିଧ୍ୟାନ ଦେଉ ନଥିବେ, ସେମାନଙ୍କ ପାଇଁ ବସିବା ବ୍ୟବସ୍ଥାରେ ସ୍ୱଳ୍ପ ପରିବର୍ତ୍ତନ କରନ୍ତୁ ।

ପିଲାଙ୍କର  ଜ୍ଞାନ ଏବଂ ବୋଧ ଶକ୍ତିର ଜାଣିବା ପାଇଁ ବିଶେଷ ଭାବେ ଲିଖିତ କାର୍ଯ୍ୟ ପରିବର୍ତ୍ତେ ମୌଖିକ ଉପସ୍ଥାପନା, ଚିତ୍ର ଅଙ୍କନ ତଥା ଅନ୍ୟାନ୍ୟ କଳାତ୍ମକ ବା ସୃଜନାତ୍ମକ ଢ଼ାଞ୍ଚାରେ ଉପସ୍ଥାପନକୁ ବିକଳ୍ପ ଭାବରେ ଶ୍ରବଣ କରନ୍ତି ।

- ପରୀକ୍ଷଣ ସମୟରେ, ତଥା ଆବଶ୍ୟକ ସ୍ଥଳେ କାମଟି ସାରିବା ପାଇଁ ଅଧିକ ସମୟ ଦିଅନ୍ତୁ ।
- ସୁଯୋଗ ଥିଲେ. କମ୍ପ୍ୟୁଟର ସଫ୍ଟ୍‌ୱେୟର ବ୍ୟବହାର କରନ୍ତୁ, ଯେଉଁଥିରେ କଥା ଏବଂ କଥାରୁ ବାକ୍ୟ କରାଯାଇପାରେ ।
- ପିଲାର ଶିକ୍ଷଣ ଶୈଳୀ ଓ ଆବଶ୍ୟକତା ଅନୁସାରେ ଉପକରଣ ମାଧ୍ୟମରେ ବହୁବିଧ ଅଭିଜ୍ଞତା ଦିଅନ୍ତୁ । ବିବିଧ ଦୃଷ୍ଟାନ୍ତ ଦେଇ ପିଲାଙ୍କ ପ୍ରତ୍ୟେକ୍ଷ ଅଭିଜ୍ଞତା ଭିତ୍ତିରେ ଆସ୍ତେ ଆସ୍ତେ ସେମାନଙ୍କ ଚିତ୍ତ ବୃତ୍ତିକୁ କେନ୍ଦ୍ରୀଭୂତ କରନ୍ତୁ । ସେମାନେ ଯାହା ଆବଶ୍ୟକ କରୁଛନ୍ତି, ଯୋଗାଇ ଦିଅନ୍ତୁ । ବ୍ୟକ୍ତିଗତ ଭାବେ ଅତ୍ୟନ୍ତ କମ୍ ଆଲୋଚନା କରି ଦଳଗତ କାର୍ଯ୍ୟରେ ପିଲାଙ୍କୁ ବିଶେଷ ଭାବେ ନିୟୋଜିତ କରନ୍ତୁ । ଅଧିକ ସମୟଦେଇ ପିଲାଙ୍କୁ କାର୍ଯ୍ୟରେ ନିୟୋଜିତ କରନ୍ତୁ । ଉଦାହରଣସ୍ୱରୁପ- ''ଗଛ କିପରି ବଢ଼େ ?'' ଏହାକୁ ବହି ମାଧ୍ୟମରେ ପ୍ରତ୍ୟେକ୍ଷ ଅନୁଭୂତି ମାଧ୍ୟମରେ, ପର୍ଯ୍ୟବେକ୍ଷଣ ଭିତ୍ତିକ ତଥ୍ୟ ସଂଗ୍ରହ ମାଧ୍ୟମରେ ଓ ଦଳଗତ ଆଲୋଚନା ମାଧ୍ୟମରେ ପଢ଼ାଯାଇପାରିବ ।

**Modifications (ପରିବର୍ତ୍ତନ):**

ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଆବଶ୍ୟକତାକୁ ପୂରଣ କରିବା ପାଇଁ ଶିକ୍ଷଣ ଲକ୍ଷ୍ୟ, ଶିକ୍ଷାଦାନ ପ୍ରକ୍ରିୟା, ଶିକ୍ଷଣ କାର୍ଯ୍ୟ ଓ ମାନ ନିର୍ଦ୍ଧାରଣରେ ଅଦଳବଦଳ କରିବାକୁ ପରିବର୍ତ୍ତନ କୁହାଯାଏ । ଏହାର ନମୁନା ପରେ ଦିଆଯାଇଛି । ଉଦାହରଣ ସ୍ୱରୂପ- ଶିକ୍ଷାର୍ଥୀର ଶିକ୍ଷଣ ଆବଶ୍ୟକତା ଅନୁସାରେ ଶିକ୍ଷଣ କାର୍ଯ୍ୟରେ ପରିବର୍ତ୍ତନ ଯଥା-'ପିଲାଙ୍କୁ ବିଶୁଦ୍ଧ ଉଚ୍ଚାରଣ' 'ଅକ୍ଷର କାର୍ଡ଼'ର ବ୍ୟବହାର କରିବା ପାଇଁ ଅନୁମତି ଦିଆଯାଇଛି । ଏମିତି କି ଅକ୍ଷର କାର୍ଡ଼ରେ ରଙ୍ଗୀନ ଚିତ୍ରଥିଲେ ଶିକ୍ଷଣ କାର୍ଯ୍ୟ ଆହୁରି ଫଳପ୍ରଦ ହେବ ।

ବୌଦ୍ଧିକ ଅକ୍ଷମ ଶିକ୍ଷାର୍ଥୀଙ୍କ ପାଇଁ ପ୍ରତ୍ୟକ୍ଷ ଅନୁଭୂତି ଓ ବାସ୍ତବ ଅନୁଭୂତି ଦିଆଯିବ । କିଛି ଶିକ୍ଷାର୍ଥୀଙ୍କ ପାଇଁ ଧାରଣାର ଜଟିଳତାର ସ୍ତରକୁ ସରଳ କରାଯିବ ।




**ପାଠ୍ୟକ୍ରମ :**

ଶ୍ରେଣୀଗୃହରେ ବାଧିତ ପିଲାମାନଙ୍କୁ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିବା ପାଇଁ ଆବଶ୍ୟକୀୟ ଧାରଣାକୁ ବୁଝିପାରିବା ସହିତ ଶ୍ରେଣୀର ପାଠ୍ୟକ୍ରମ ଏବଂ ଅଭ୍ୟାସ କାର୍ଯ୍ୟ ଗୁଡ଼ିକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭାବେ ହୃଦୟଙ୍ଗମ କରିବା ଉଚିତ୍ । ବିଦ୍ୟାଳୟରେ ଅନ୍ତର୍ନିବେଶୀ ସଂସ୍କୃତି ବା ପରଂପରା ସୃଷ୍ଟି କରିବା ପାଇଁ  ଅନୁକୂଳ ପାଠ୍ୟକ୍ରମକୁ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ଯାହାକୁ ନେଇ ପାଠ୍ୟ ଖସଡ଼ା କରାଯାଏ । ଏହାର ଉପାଦାନ ଗୁଡ଼ିକ ହେଲା– ପାଠ୍ୟ ବିବରଣି, ପାଠ୍ୟ ପୁସ୍ତକ, ଆବଶ୍ୟକୀୟ ଶିକ୍ଷଣ ସାମଗ୍ରୀ / ଉପକରଣ, ଶୈକ୍ଷିକ ନୀତି, ପ୍ରକ୍ରିୟା, ନିର୍ଦ୍ଧାରଣ ଏବଂ ମୂଲ୍ୟାୟନ ପ୍ରକ୍ରିୟା । ପାଠ୍ୟକ୍ରମର ବିକାଶ ଏବଂ ସଂସ୍କାର ସମ୍ପର୍କୀୟ ପ୍ରୟାସ ଆଲୋଚନା କଲାବେଳେ, ଜାତୀୟ ପାଠ୍ୟକ୍ରମ ଆଧାର – 2005 ପାଠ୍ୟକ୍ରମ ପ୍ରସ୍ତୁତି ସଂପର୍କରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏଥିରେ ‘‘ପିଲାମାନଙ୍କ ପାଇଁ ଏକ ସଂଯୁକ୍ତ ଏବଂ ଅର୍ଥପୂର୍ଣ୍ଣ ଅଭିଜ୍ଞତା’’ ପାଠ୍ୟକ୍ରମ ପ୍ରସ୍ତୁତିର ଆବଶ୍ୟକ ବୋଲି କୁହାଯାଇଛି । ଏଥିରେ କୁହାଯାଇଛି ଯେ ଆମେ ପିଲାକୁ ଓ ତାର ଶିକ୍ଷଣ ପ୍ରକ୍ରିୟାକୁ ଦେଖୁଥିବା ଦୃଷ୍ଟିଭଙ୍ଗିରେ ଏକ ମୌଳିକ ପରିବର୍ତ୍ତନର ଆବଶ୍ୟକତା ରହିଛି ।

ଶିକ୍ଷାର୍ଥୀଙ୍କ ମଧ୍ୟରେ ଅନ୍ତର୍ନିବେଶୀ ମନୋଭାବ ବୃଦ୍ଧିପାଇଁ ଶ୍ରେଣୀଗୃହ ସଂସ୍କୃତି ଓ ଶିକ୍ଷଣ ପ୍ରକ୍ରିୟା/ ପଦ୍ଧତିକୁ ଭଲ ଭାବରେ ବୁଝିବା ପାଠ୍ୟକ୍ରମର ଏକ ମହତ୍ୱପୂର୍ଣ୍ଣ ଅଙ୍ଗ । ଶ୍ରେଣୀର ଶିକ୍ଷଣ କାର୍ଯ୍ୟ ଏବଂ ଶିକ୍ଷଣ ପ୍ରଣାଳୀରେ ପରିବର୍ତ୍ତନ ଆଣିବାକୁ ହେବ ।

ଅନ୍ତର୍ନିବେଶୀ ଶ୍ରେଣୀଗୃହରେ ଏବଂ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ସହ କାର୍ଯ୍ୟକଲାବେଳେ ଉପରେ ଆଲୋଚିତ ସମସ୍ତ ଶବ୍ଦର ଅର୍ଥ ଆମେ ବୁଝିଲେ । ପରବର୍ତ୍ତୀ ବିଭାଗରେ ଶିକ୍ଷଣ ପୁସ୍ତକ ଏବଂ ଏହାର ବିଷୟ ବସ୍ତୁକୁ କିଭଳି ଭାବରେ ସଂରଚନା କରାଯାଇଛି ସେ ସଂପର୍କରେ ଆଲୋଚନା କରାଯାଇଛି । ଅନ୍ତର୍ନିବେଶୀ ଶ୍ରେଣୀ ଏବଂ ଶ୍ରେଣୀ ପରିଚାଳନା ପାଇଁ ଏଥିରେ ଆବଶ୍ୟକୀୟ ସୂଚନା, ଶୈକ୍ଷିକନୀତି ଓ ମତାମତମାନ ସନ୍ନିବେଶିତ ହୋଇଛି ।

### ପୁସ୍ତିକାର ଗଠନ

ଆଗରୁ କୁହାଯାଇଛି, ପ୍ରତ୍ୟେକ ଶିଶୁର ଶିକ୍ଷା ଲାଭ କରିବାର ଅଧିକାର ରହିଛି । ବିବିଧ ଶିକ୍ଷଣ ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ  ପାଇଁ ଆମ ଶ୍ରେଣୀ ଗୃହଗୁଡ଼ିକ ଶିକ୍ଷଣୋପଯୋଗୀ ହେବା ଆବଶ୍ୟକ । ଯେହେତୁ ଶିଶୁ ପାଇଁ ଶିକ୍ଷା ହେଉଛି ମୌଳିକ ଅଧିକାର ଏଣୁ ଶ୍ରେଣୀ ଗୁଡ଼ିକ ଶିକ୍ଷାର୍ଥୀପାଇଁ ନୈତିକତାର ସହ ଅନୁକୂଳ ହେବା ବାଧ୍ୟତା ମୂଳକ ଅଟେ । ଆମର ଅନେକ ବିଦ୍ୟାଳୟରେ ନିୟମିତ ଶ୍ରେଣୀ ବ୍ୟବସ୍ଥାରେ ଭିନ୍ନକ୍ଷମ ପିଲାମାନେ ମଧ୍ୟ ଶିକ୍ଷଣ କାର୍ଯ୍ୟରେ ଯୋଗ ଦେଉଛନ୍ତି, କିନ୍ତୁ ବିଭିନ୍ନ ବେସରକାରୀ ଅନୁଷ୍ଠାନମାନଙ୍କ ତରଫରୁ ଅନ୍ତର୍ନିବେଶୀ ଶିକ୍ଷାର କାର୍ଯ୍ୟକ୍ରମ ବହୁତ ଭଲଭାବରେ ସମ୍ପାଦନ ହେଉଛି ।

'ଶିକ୍ଷା ଅଧିକାର'କୁ କାର୍ଯ୍ୟରେ ପରିଣତ କରିବାକୁ ହେଲେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀ ଏବଂ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଶିକ୍ଷଣ ପ୍ରକ୍ରିୟା, ମୂଲ୍ୟାଙ୍କନ, ମୂଲ୍ୟାୟନ ପ୍ରଣାଳୀ ଏବଂ ଅତିରିକ୍ତ ଶୈକ୍ଷିକ କାର୍ଯ୍ୟ ନିମିତ୍ତ ପ୍ରତିଟି ଶ୍ରେଣୀଗୃହ ପ୍ରସ୍ତୁତ ହେବା ଜରୁରୀ ଅଟେ । ଏସବୁକୁ ଦୃଷ୍ଟିରେ ରଖି ଏହି ପୁସ୍ତିକାଟି ପ୍ରସ୍ତୁତ କରାଯାଇଛି । ଏହାର ବିଷୟବସ୍ତୁ ଗୁଡ଼ିକୁ କିଭଳି ଭାବରେ ସଂରଚନା କରାଯାଇଛି, ସେସବୁ ଏଠାରେ ଉଲ୍ଲେଖ କରାଯାଇଛି ।

ଏହି ପୁସ୍ତିକାଟି ଦୁଇଟି ମୁଖ୍ୟ ବିଭାଗରେ ପ୍ରସ୍ତୁତ କରାଯାଇଛି । ପ୍ରଥମ ବିଭାଗରେ ଅନ୍ତିର୍ନିବେଶୀ ଶ୍ରେଣୀ ଗୃହ ପାଇଁ କିଛି ସୂଚନା, ମତାମତ, ଆଭାସ, ପ୍ରସ୍ତାବ, ଅଗ୍ରୀମ ସୂଚନା ବା ସଂକେତ, ଯୋଜନା ଏବଂ ନୀତି ସଂପର୍କରେ ଆଲୋଚନା କରାଯାଇଛି । ବିଶେଷ କରି ଇନ୍ଦ୍ରିୟଜନିତ ସଂକ୍ରାନ୍ତୀୟ ଭିନ୍ନକ୍ଷମ, ଶାରୀରିକ ଭିନ୍ନକ୍ଷମ ଏବଂ ସଂବେଦନ, ବୌଦ୍ଧିକ ଦୃଷ୍ଟିରୁ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ସ୍ୱତନ୍ତ୍ର ଆବଶ୍ୟକତା ସମ୍ବନ୍ଧରେ ଆଲୋଚନା କରାଯାଇଛି । ଦ୍ୱିତୀୟ ବିଭାଗରେ ନିରନ୍ତର ମୂଲ୍ୟାୟନ ଏବଂ ଅନ୍ତର୍ନିବେଶୀ ଶିକ୍ଷଣ ବ୍ୟବସ୍ଥାରେ ଏହାର ସମ୍ୟକ ବ୍ୟବହାର ସମ୍ପର୍କରେ ଅଭିମତମାନ ପଦତ୍ତ ହୋଇଛି ।

ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଏହି ପୁସ୍ତିକାରେ ସନ୍ନବେଶିତ ସ୍ୱତନ୍ତ୍ର ଆବଶ୍ୟକତା ଥିବା ବିଭିନ୍ନ ବର୍ଗର ଭିନ୍ନକ୍ଷମଙ୍କ ସମ୍ପର୍କରେ ଉପସ୍ଥାପନା କରାଯାଇଛି ।

### Sensory Disabilities (ଇନ୍ଦ୍ରିୟଜନିତ ଭିନ୍ନକ୍ଷମ) :

ଇନ୍ଦ୍ରିୟଜନିତ ଭିନ୍ନକ୍ଷମତା ସେତେବେଳେ ପରିଦୃଷ୍ଟ ହୁଏ, ଯେତେବେଳେ ଜଣେ ପିଲା ଇନ୍ଦ୍ରିୟ ଜନିତ ଶକ୍ତି ଅନୁଭୂତି ହରାଇ ସଫଳଭାବରେ କାର୍ଯ୍ୟକ୍ଷମ ହୋଇ ନଥାଏ । ସ୍ୱାଦ ବାରିବା, ଶୁଙ୍ଘିବା, ଉତ୍ତାପ ଜାଣିପାରିବା ଥଣ୍ଡା, କଷ୍ଟ, ସ୍ପର୍ଶ, ଚାପ,

ଦେଖିବା, ଶୁଣିବା ପାଇଁ ଏହି ଇନ୍ଦ୍ରିୟ ଗୁଡ଼ିକ ଉଦ୍ଦିଷ୍ଟ । ଭିନ୍ନଭିନ୍ନ ଇନ୍ଦ୍ରିୟ ପରିବେଶରୁ ତଥ୍ୟ ସଂଗ୍ରହ କରନ୍ତି । ଏଗୁଡ଼ିକ ମସ୍ତିଷ୍କ କେନ୍ଦ୍ରୀୟ ଶାରୀରିକ ସ୍ନାୟୁବିକ ବୃହତ ସଂଗଠିତ ଜଟିଳ ବ୍ୟବସ୍ଥାର ଅଂଶ ବିଶେଷ ଅଟନ୍ତି ।

ଇନ୍ଦ୍ରିୟଗୁଡ଼ିକ ମଧ୍ୟରୁ ଦୃଷ୍ଟି ଏବଂ ଶ୍ରବଣ ଇନ୍ଦ୍ରିୟରେ ବାଧକତା ପିଲାଙ୍କ ଶିକ୍ଷଣ ପ୍ରକ୍ରିୟାରେ ପ୍ରଭାବ ପକାଏ । କାହିଁକି ନା, ପାଠ ପଢ଼ିବା ପାଇଁ ଏହି ଦୁଇଟି ଇନ୍ଦ୍ରିୟର ବିଶେଷ ଗୁରୁତ୍ୱ ରହିଥାଏ ।

ଦୃଷ୍ଟି ବାଧିତ ଏବଂ ଶ୍ରବଣ ବାଧିତ ପିଲାଙ୍କର ଶୈକ୍ଷିକ ସମାଧାନ ନିମନ୍ତେ ଏହି ପୁସ୍ତିକାରେ ସମ୍ୟକ୍ ମତାମତ, ସୂଚନା ତଥା ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବା ପାଇଁ ନୀତି ନିୟମମାନ ଉଲ୍ଲେଖ କରାଯାଇଛି । ଯଥା :

(1) ସାଧାରଣତଃ ବାଧିତ ବା ଅସାମର୍ଥ୍ୟର ପ୍ରକୃତି ବା ସ୍ୱଭାବ ସଂପର୍କରେ ବୁଝିବା ।

(2) ସଠିକ୍ ପ୍ରଣାଳୀ ବିଚାର ଏବଂ

(3) ଦୃଷ୍ଟି ଏବଂ ଶ୍ରବଣ ବାଧିତ ପିଲାଙ୍କ ପାଇଁ ଅନ୍ତର୍ନିବେଶୀ ଶ୍ରେଣୀଗୃହ ସୃଷ୍ଟି ସଂପର୍କରେ ମୂଲ୍ୟବାନ ସୂଚନା ।

**ଶାରୀରିକ ଭିନ୍ନକ୍ଷମ**

ଶିଶୁଟିଏ ଶାରୀରିକ ଅଙ୍ଗ ପ୍ରତ୍ୟଙ୍ଗ ଦୁର୍ବଳ ବଶତଃ  ଠିକ୍ ଭାବେ ଚାଲି ପାରେ ନାହିଁ, ଦୌଡ଼ିପାରେ ନାହିଁ କିମ୍ବା ନିପୁଣତା ପ୍ରଦର୍ଶନ କରିପାରେ ନାହିଁ । ତେଣୁ ସେ କେତେକ କ୍ଷେତ୍ରରେ ଅଂଶଗ୍ରହଣ କରିବାରେ ସମର୍ଥ ହୋଇ ନଥାଏ, ଏଇ ସ୍ଥଳରେ ଶାରୀରିକ ଭିନ୍ନ କ୍ଷମତ୍ୱ ପରିଦୃଷ୍ଟ ହୁଏ । ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ବିଲ୍ 2012 ଅନୁଯାୟୀ ମସ୍ତିଷ୍କ ପକ୍ଷାଘାତ, ଅଚଳ ବା ପକ୍ଷାଘାତ ରୋଗ ଗ୍ରସ୍ତ ଅବସ୍ଥା ଶାରୀରିକ ଭିନ୍ନକ୍ଷମତ୍ୱର ଚିହ୍ନଟ କରିଛି । ଏହି ବିଭାଗରେ ଶାରୀରିକ ଭିନ୍ନକ୍ଷମ ବା ଅକ୍ଷମ ଶିକ୍ଷାର୍ଥୀମାନଙ୍କ ଅନ୍ତର୍ନିବେଶୀ ଶ୍ରେଣୀ ଗୃହକୁ ଦୃଷ୍ଟିରେ ରଖି କେତେକ ସତର୍କ, ସୂଚନା, ମତାମତ ଏବଂ ଧାରଣା ଉପସ୍ଥାପନ କରାଯାଇଛି ।

**Cognitive, Intellectual Disabilities**

**ବୌଦ୍ଧିକ ଭିନ୍ନକ୍ଷମତା**

ପିଲାଟିଏ ଶିଖିବା ସମୟରେ ଜ୍ଞାନେନ୍ଦ୍ରିୟ, ଶରୀରର ବିଭିନ୍ନ ଅଂଗପ୍ରତ୍ୟଙ୍ଗ ଏବଂ ମସ୍ତିଷ୍କ ଦ୍ୱାରା ପ୍ରଭାବିତ ହୋଇଥାଏ । ଯଦି କୌଣସି କାରଣରୁ ପିଲାର ଜ୍ଞାନନ୍ଦ୍ରିୟ ତଥା ଅଙ୍ଗପ୍ରତ୍ୟଙ୍ଗ ଗୁଡ଼ିକର ମସ୍ତିସ୍କ ସହ ସନ୍ତୁଳିତ ଭାବରେ ଜ୍ଞାନ ଆହରଣ କରିବାରେ ଅସମର୍ଥ ହୁଏ, ସେତେବେଳେ ତାର ବୌଦ୍ଧିକ ବିକାଶ ସ୍ୱାଭାବିକ ରୀତିରେ ଘଟି ନଥାଏ । ଏଣୁ କିଛି ସତନ୍ତ୍ର ଭିନ୍ନକ୍ଷମତ୍ୱ ପରିଦୃଷ୍ଟ ହୋଇଥାଏ । ଯେମିତି କି ସ୍ୱପରାୟଣତା, ବୌଦ୍ଧିକ ବାଧିତ ଏବଂ ଶିକ୍ଷଣ ବାଧିତ । ଅତଏବ ମସ୍ତିଷ୍କ ସହ ପ୍ରତ୍ୟେକ ଜ୍ଞାନେନ୍ଦ୍ରିୟ ଏବଂ ଅଂଗ ପ୍ରତ୍ୟଙ୍ଗାଦିର ଯୋଗଯୋଗ ଅସନ୍ତୁଳିତ ହେଲେ ହିଁ ବୌଦ୍ଧିକ ଭିନ୍ନକ୍ଷମ ଜଣାପଡ଼ିଥାଏ । ଏହି ପ୍ରକାର ବୌଦ୍ଧିକ ଭିନ୍ନକ୍ଷମ ଶିଶୁ ଶ୍ରେଣୀ ଗୃହରେ ସ୍ୱାଭାବିକ ଢ଼ଙ୍ଗରେ ଶିକ୍ଷଣ କାର୍ଯ୍ୟରେ ଅଂଶ ଗ୍ରହଣ କରି ନଥାଏ । ଏହି ବିଭାଗରେ ଜ୍ଞାନାତ୍ମକ ବା ବୌଦ୍ଧିକ ଭିନ୍ନକ୍ଷମ ପିଲାଙ୍କ ସ୍ୱଭାବ, ଏବଂ ସେମାନଙ୍କର ଆବଶ୍ୟକତା ଗୁଡ଼ିକୁ ଦୃଷ୍ଟିରେ ରଖି କିଭଳି ସେମାନଙ୍କୁ ଅନ୍ତର୍ନିବେଶୀ ଶିକ୍ଷାରେ ସାମିଲ କରାଯାଇ ପାରିବ ସେ ସମ୍ପର୍କରେ ଉପସ୍ଥାପିତ ହୋଇଛି । ଏତଦ୍ ସହ ମସ୍ତିଷ୍କର ବିକାଶ ବା ମାନସିକ ବିକାଶ ପାଇଁ କିଭଳି ଭାବରେ ଶିଶୁକୁ ପ୍ରସ୍ତୁତ କରିବାକୁ ହେବ, ସେହିଭଳି ଅଭ୍ୟାସ ମୂଳକ ମତାମତମାନ ଦିଆଯାଇଛି ।

ଏହି ପୁସ୍ତିକା ବୌଦ୍ଧିକ ଭିନ୍ନକ୍ଷମଙ୍କ ସହ ଜଡ଼ିତ ଶବ୍ଦ ଗୁଡ଼ିକର ଉପଯୁକ୍ତ ବ୍ୟବହାର ଏବଂ ଅପବ୍ୟବହାର ସଂପର୍କରେ ସଚେତନ କରାଏ । ଶ୍ରେଣୀ ଗୃହରେ କାର୍ଯ୍ୟରତ ଶିକ୍ଷକଙ୍କୁ ନିମଗ୍ନ କରାଇବା ସଂଗେ ସଂଗେ ବିବିଧ କାର୍ଯ୍ୟରତ ବ୍ୟବସ୍ଥା ଏବଂ ସେଗୁଡ଼ିକର ପ୍ରୟୋଗ ସମ୍ବନ୍ଧରେ ମଧ୍ୟ ଆଲୋକପାତ କରାଯାଇଛି । ଏହି ପୁସ୍ତିକାରେ ଦିଆଯାଇଥିବା ସୂଚନାଗୁଡ଼ିକୁ ବୁଝିବାରେ ସାହାଯ୍ୟ କରିବା ଏବଂ ଆପଣଙ୍କର ଶିକ୍ଷଣକୁ ସମୃଦ୍ଧ କରିବା ପାଇଁ, ଏଥିରେ ଦିଆଯାଇଥିବା ଶବ୍ଦ ଜ୍ଞାନାତ୍ମକ ଓ ବୌଦ୍ଧିକ ଅକ୍ଷମତା ବିଷୟରେ ବର୍ଣ୍ଣନା କରାଯାଇଛି ।

**Our Brain and Its Mysteries**

**ଆମ ମସ୍ତିଷ୍କର ରହସ୍ୟ**

ଆମ ମସ୍ତିଷ୍କ କିଭଳି ଭାବରେ କାର୍ଯ୍ୟକରେ, ସେଇ ସଂପର୍କରେ ସବିଶେଷଭାବେ ଜାଣିବା ପାଇଁ ଆଜି ବି ଗବେଷଣା ଚାଲିଛି । ''ଆମ ମସ୍ତିଷ୍କ କିଭଳି ଭାବରେ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ମାଧ୍ୟମରେ ତଥ୍ୟ ସଂଗ୍ରହକରେ ଏବଂ ସଂଗଠନ କରି ପ୍ରତିକ୍ରିୟାଶୀଳ ହେବା ପାଇଁ ପ୍ରେରଣା ଦିଏ'', ଏ ସମ୍ବନ୍ଧିତ ନୂତନ ତଥ୍ୟଗୁଡ଼ିକ ଆମେ ଅନୁଧ୍ୟାନ କରିଥାଉ । ମନୁଷ୍ୟର ମସ୍ତିଷ୍କ ବିଷୟରେ ଅଧିକ ବୁଝିଲେ ମଧ୍ୟ ମସ୍ତିଷ୍କରେ କାର୍ଯ୍ୟକାରିତାରୁ ସୃଷ୍ଟି ହେଉଥିବା ଅକ୍ଷମତା ବର୍ତ୍ତମାନ ସମସ୍ତ ବିଦ୍ୱାନ, ଗବେଷକ ଓ ଶିକ୍ଷକଙ୍କର ଦୃଷ୍ଟି ଆକର୍ଷଣ କରିଛି । ସମସ୍ତ ଅବସ୍ଥା ମଧ୍ୟରୁ ମସ୍ତିଷ୍କ ସମ୍ବନ୍ଧିତ ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ଓ ସ୍ୱପରାୟଣ ବର୍ତ୍ତମାନ ଦୃଷ୍ଟି ଆକର୍ଷଣ କରିଛି ।

ଏମାନଙ୍କ ପାଇଁ ପ୍ରତ୍ୟକ୍ଷ ଭାବରେ ଶିକ୍ଷାଦାନ ଏବଂ ଶିକ୍ଷଣ କୌଶଳ ମାନ ନିର୍ଣ୍ଣୟ କରାଯାଇ ବିଭିନ୍ନ ପଦ୍ଧତିର ପ୍ରସ୍ତୁତ ହୋଇଛି । ଆମେ ବହୁବାର ଆମ ବିଦ୍ୟାଳୟମାନଙ୍କରେ ଏଭଳି ନିର୍ଦ୍ଦିଷ୍ଟ ଶିକ୍ଷଣ ଅନଗ୍ରସରତା ଶବ୍ଦ କହୁ । ଏଣୁ ଏହା ଆମ ପାଇଁ ଏକ ପ୍ରମୁଖ ବିଷୟ, କାରଣ ସ୍ୱତନ୍ତ୍ର ଶିକ୍ଷଣ ଅନଗ୍ରସରତା ଯୁକ୍ତ ଶିକ୍ଷାର୍ଥୀଙ୍କ ପାଇଁ ଶ୍ରେଣୀକୋଠରିରେ ବ୍ୟବସ୍ଥା ରହିବା ଆବଶ୍ୟକ, ଏହା ଆମକୁ ଅଭିପ୍ରେରଣା ଦିଏ । ଏଣୁ ଆମକୁ ଏ ପ୍ରକାର ଶିକ୍ଷାର୍ଥୀମାନଙ୍କୁ ମୂଲ୍ୟାୟନ ଜରିଆରେ ଚିହ୍ନଟ କରିବାକୁ ହେବ ଓ ଚିହ୍ନଟ କଲାପରେ ସେମାନଙ୍କର ବିକାଶ ପାଇଁ ବ୍ୟବସ୍ଥାଗତ ନୀତିମାନ ଅବଲମ୍ବନ କରିବାକୁ ପଡ଼ିବ । ଏହି ପରିପେକ୍ଷୀରେ ଶୈକ୍ଷିକ ବିଚାର କରି ସେମାନଙ୍କୁ ଉପଯୁକ୍ତ ସେବା ଏବଂ ପରିବେଶ ଯୋଗାଇବା ଅତ୍ୟନ୍ତ ଆବଶ୍ୟକ ।

ସମସ୍ୟାଗୁଡ଼ିକୁ ଭଲଭାବେ ଚିହ୍ନଟ କରିବା ପାଇଁ ପ୍ରଥମେ ପରୀକ୍ଷା ନିରୀକ୍ଷା କରାଯାଇ ଏକ ପଦ୍ଧତିରେ ପ୍ରସ୍ତୁତ କରାଯିବା ଆବଶ୍ୟକ । ଏହି ପ୍ରକାର ପଦ୍ଧତିର ପ୍ରସ୍ତୁତି ପିଲା ଏବଂ ପରିବାର ପାଇଁ ଅନେକ ସମୟରେ ସମ୍ଭବ ହୋଇ ନଥାଏ । ଏଣୁ ସେମାନେ ନିରୁପାୟଭାବେ ବିଦ୍ୟାଳୟର ଆଶ୍ରୟ ନେଇଥାନ୍ତି ।

ଅତଏବ ଜଣେ ଭିନ୍ନକ୍ଷମ ପିଲାଙ୍କର ଶ୍ରେଣୀ ନିରୁପଣ କରିବା ମୁଖ୍ୟ ବିଷୟ ଅଟେ । ଯଦି ଠିକ୍ ଭାବରେ ଏଭଳି ପିଲାଙ୍କୁ ଚିହ୍ନଟ କରାନଯାଏ କିମ୍ବା ଶ୍ରେଣୀ ନିରୂପଣ କରା ନ ଯାଏ, ତେବେ ଏପରି ପିଲାଙ୍କୁ ବୁଝିବା କଷ୍ଟକର ହୋଇପଡ଼ିବ । ଆମ ବିଦ୍ୟାଳୟ ବ୍ୟବସ୍ଥାରେ ଅଦ୍ୟାବଧି ଏ ପ୍ରକାର ପିଲାଙ୍କୁ ଚିହ୍ନଟ କରିବା ଏବଂ ବୁଝିବା ଭଳି କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇ ନାହିଁ । ଏ ପ୍ରକାର ପିଲାମାନେ କିଭଳି ପାର୍ଥିକ ଜଗତ ସହ ପରିଚିତ ହୋଇ ଶିଖିବେ ଆମ ଶିକ୍ଷା ବ୍ୟବସ୍ଥା ଏ ଯାଏଁ କୌଣସି ବ୍ୟବସ୍ଥା ଗ୍ରହଣ କରିପାରିନାହିଁ ଫଳରେ ଶିକ୍ଷାର୍ଥୀମାନେ ଅଲଗା ହୋଇଯାଉଛନ୍ତି । ଏମାନେ ଠିକ ଭାବେ ମୁଖ୍ୟସ୍ରୋତରେ ସାମିଲ୍ ହୋଇ ପାରୁନାହାନ୍ତି । ଅତଏବ ଏହିଭଳି ଭୁଲ୍ ବୁଝାମଣା ଯୋଗୁଁ ପିଲାମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହୋଇ ସମସ୍ୟାରୂପେ ବିଦ୍ୟାଳୟ ବ୍ୟବସ୍ଥାରେ ଛିଡ଼ା ହୋଇଥାନ୍ତି । ଏଣୁ ଶୈକ୍ଷିକ ହସ୍ତକ୍ଷେପ କରି ଏମାନଙ୍କୁ ବିଦ୍ୟାଳୟ ବ୍ୟବସ୍ଥାରେ ସାମିଲ କରିବା ପାଇଁ, ଏମାନଙ୍କ ପାଇଁ ବିଶେଷ ଧ୍ୟାନ ଦେବା ପୂର୍ବକ ଶିକ୍ଷାପୋଯୋଗୀ ବାତାବରଣ ସୃଷ୍ଟି କରିବା ଅନିବାର୍ଯ୍ୟ ଅଟେ ।

କେବଳ ସ୍ୱପରାୟଣତା ଏବଂ ସ୍ୱତନ୍ତ୍ର ଶିକ୍ଷଣ ଅନଗ୍ରସରତା ସମ୍ପର୍କରେ ଏଣେତେଣେ ଆଲୋଚନା କଲେ, ଏହା ନିୟନ୍ତ୍ରିଣ ହୋଇ ପାରିବ ନାହିଁ, ଏହି ପରିପ୍ରେକ୍ଷୀରେ ଏହାକୁ ଆହ୍ୱାନରୂପେ ଗ୍ରହଣ କରିବାକୁ ହେବ । ପ୍ରଥମେ ଅଭିଜ୍ଞ ପେଶାଦାର ପରୀକ୍ଷକଙ୍କ ଦ୍ୱାରା ଅନୁକୂଳ ପରିବେଶରେ ଗବେଷଣା ମୂଳକ ଏବଂ କ୍ଷେତ୍ରୀୟ ପରୀକ୍ଷାମୂଳକ ଭାବେ ପରୀକ୍ଷା କରାଯିବା ଉଚିତ୍ । ଦ୍ୱିତୀୟରେ ଏହି ମୂଲ୍ୟାୟନ ପ୍ରଣାଳୀଗୁଡ଼ିକ ଯୁକ୍ତିସଂଗତ ହେବା ସାଂଗକୁ ବିଭିନ୍ନ ପୃଷ୍ଠଭୂମିକୁ ନେଇ କରାଯିବା କଥା । ତୃତୀୟତଃ ଅଧୁନାତନ ଗବେଷଣାକୁ ଦୃଷ୍ଟିରେ ରଖି ଏମାନଙ୍କୁ ପରୀକ୍ଷା ନିରୀକ୍ଷା କରାଯିବା କଥା, କାରଣ ଏହା ମସ୍ତିଷ୍କ ସମ୍ବନ୍ଧିତ ଅଟେ ।

ପରବର୍ତ୍ତୀ ଅନୁଚ୍ଛେଦଗୁଡ଼ିକ  ଜ୍ଞାନଗତ ବାଧିତ ତଥା ବୌଦ୍ଧିକ ଦୃଷ୍ଟିରୁ ବାଧିତ ଆଧାରିତ ତଥ୍ୟ ଉପରେ ପର୍ଯ୍ୟବେଶିତ ।

**AUTISM - ସ୍ୱପରାୟଣତା**

ବିକଳ୍ପଶବ୍ଦ : ସ୍ୱପରାୟଣତା (ASD) ଗୋଟିଏ ବିକାଶଜନିତ ଅସୁସ୍ଥତା । ଏହା ସାଧାରଣତଃ ଶିଶୁଟିର ବିକାଶରେ ବାଧା ସୃଷ୍ଟି କରିଥାଏ । ଏହାଏକ ସ୍ନାୟବିକ ଅସୁବିଧା ଅଟେ । ସ୍ୱପରାୟଣ ଜନିତ ଅସୁସ୍ଥତା, ସ୍ୱରାୟଣତା ଅଥବା ପ୍ରାଚୀନ ସ୍ୱରାୟଣତା ବର୍ଣ୍ଣକ୍ରମ ଅସୁସ୍ଥତା, ସ୍ୱପରାୟଣତା ବର୍ଣ୍ଣକ୍ରମ ଅସୁସ୍ଥତା ଠାରୁ ମାରାତ୍ମକ ଅଟେ । ଏହା ଜୀବନର ପ୍ରଥମ ପାହାଚରେ ଦେଖାଯାଇଥାଏ । ବିଶେଷ କରି ଜନ୍ମରୁ ତିନି ବର୍ଷ ମଧ୍ୟରେ ଦେଖାଯାଇଥାଏ ଏବଂ ନିୟମିତ ସାମାଜିକ ସଂପର୍କ  ଏବଂ ଯୋଗାଯୋଗ ସ୍ଥାପନ  କରିବାରେ ଏହା ଅସୁବିଧା ସୃଷ୍ଟି କରିଥାଏ ।

ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଚିଠା ବିଲ୍ 2012 ସ୍ୱରାୟଣତା ବର୍ଣ୍ଣକ୍ରମ ଅସୁସ୍ଥତା ହେଉଛି  । ଜୀବନର  ପ୍ରଥମ ତିନିବର୍ଷ ବୟସ ମଧ୍ୟରେ ଦେଖାଯାଉଥିବା ଏକ ସ୍ନାୟବିକ, ମନୋବୈଜ୍ଞାନିକ ଅବସ୍ଥା, ଯାହାକି ଜଣେ ବ୍ୟକ୍ତିର ଯୋଗାଯୋଗ ସ୍ଥାପନ, ସାମାଜିକ ସଂପର୍କ ସ୍ଥାପନ, ଭାବବ୍ୟକ୍ତ କରିବାର ଶୈଳୀ, ଖୋଲାଖୋଲି ଭାବେ ଅନ୍ୟମାନଙ୍କ ସହ ମିଳାମିଶା କରିବା, ଅସାଧାରଣ ମାନଙ୍କ ସହ ମିଳିମିଶି କାମ କରିବା, ଗତାନୁଗତିକ ପାରଂପରିକତା ଏବଂ ବ୍ୟବହାର ପ୍ରଦର୍ଶନ କରିବା ଭଳି ତଥା ସାମର୍ଥ୍ୟର ବିକାଶ କ୍ଷେତ୍ରର ଅସୁବିଧା ସୃଷ୍ଟି କରିଥାଏ ।

ଅସାଧାରଣମାନଙ୍କ ସହ ମିଳିମିଶି ରହିବା କାମ କରିବା ପାଇଁ ପାରମ୍ପରିକ ଗତାନୁଗତିକ ଶିଶୁ ମଧ୍ୟରେ ଆବଶ୍ୟକତା ଅଲଗା ଅଲଗା ରହିଛି ମାତ୍ର ପ୍ରତ୍ୟେକ ବର୍ଣ୍ଣକ୍ରମ ସ୍ୱପରାୟଣତାଯୁକ୍ତ ଶିଶୁ ଯୋଗାଯୋଗ ସ୍ଥାପନ ଏବଂ ଅନ୍ୟମାନଙ୍କ ସହ ଭାବ ବିନିମୟ କରିବାରେ ଅସୁବିଧା ଅନୁଭବ କରିଥାନ୍ତି । ସେମାନେ ସାମାଜିକ ଅନଗ୍ରସରତା, ଯୋଗାଯୋଗ ବିଚ୍ଛିନ୍ନତା, ବାରମ୍ବାର ଗତାନୁଗତିକ ଆଚରଣ ଶୈଳୀ ପ୍ରଦର୍ଶନ କରିଥାନ୍ତି । ଏଭଳି ସମସ୍ୟାର ଚିହ୍ନଟ ଏବଂ ସମାଧାନ ପାଇଁ ଅନୁଧ୍ୟାନ ଏବଂ ଗବେଷଣାମାନ ମଧ ଚାଲିଛି । ଆଜି ପର୍ଯ୍ୟନ୍ତ କୌଣସି ଆରେଗ୍ୟଦାୟକ ପ୍ରତିକାର  ସମ୍ଭବପର ହୋଇନାହିଁ । ପରନ୍ତୁ କେତେକ ନିର୍ଦ୍ଦିଷ୍ଟ ହସ୍ତକ୍ଷେପ ବ୍ୟବସ୍ଥା ପ୍ରଚଳନ ଫଳରେ ଶିଶୁଟିଏ ଉପଯୋଜନ କରିବା ସଂଗେ ସଂଗେ ସେମାନଙ୍କର ବିବିଧ ଜୀବନ ଶୈଳୀ ଏବଂ ଶୈକ୍ଷିକ ଅନୁଭୂତି ସମ୍ପନ୍ନ ବିକାଶ ମୂଳକ ପରିବର୍ତ୍ତନରେ ସାମିଲ ହୋଇ ପାରିବେ ।

**ନିର୍ଦ୍ଦିଷ୍ଟ ଶୈକ୍ଷିକ ଅପାରଗତା**

ଏହି ଶବ୍ଦଟି 'ସ୍ୱତନ୍ତ୍ର ପ୍ରକାରର ଶିକ୍ଷଣ ସମସ୍ୟା'  ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି । ଶିକ୍ଷଣ ଭିନ୍ନକ୍ଷମତ୍ୱ ବା ଅନଗ୍ରସରତା ଶିକ୍ଷଣ ଦକ୍ଷତା ଏବଂ କୌଶଳର ପ୍ରୟୋଗଗତ ଦକ୍ଷତା ହାସଲରେ ବାଧା ସୃଷ୍ଟି କରିଥାଏ । ଏହାଦ୍ୱାରା ପିଲାର ପଠନ,

ଲିଖନ, ଶ୍ରବଣ, କଥନ, ଚିନ୍ତନ, ପ୍ରତ୍ୟକ୍ଷ ଧ୍ୟାନ, ଗାଣିତିକ ଗଣନ, ସଂଗଠନ ଏବଂ ସମନ୍ୱିତ ଚଳନ ଏକତ୍ରୀକରଣ ଭଳି ନିର୍ଦ୍ଦେଶ ପ୍ରତି ଧ୍ୟାନ ଆଦି ଦକ୍ଷତା ପ୍ରତିହତ ହୋଇଥାଏ । ଉଚ୍ଚାରଣ ଗତ ବ୍ୟାଘାତ ବା ପଠନାନୁଭୂତିରେ ସମସ୍ୟା, ପଠନଗତ ସମସ୍ୟା ଏବଂ ଗଣନଗତ ବ୍ୟାଘାତ ବା ଗଣିତ ଗତସମସ୍ୟା ଏବଂ ଗଣିବା ହିସାବ କିତାବ କରିବାରେ ଅତିଶୟ ଅସୁବିଧା ଏବଂ ରୈଖିକଗତ ବ୍ୟାଘାତ ବା ଲିଖନ କାର୍ଯ୍ୟରେ ଅସୁବିଧା ପ୍ରଭୃତି ସମସ୍ୟା ଗୁଡ଼ିକ ଭିନ୍ନକ୍ଷମତ୍ୱକୁ ସମ୍ବୋଧିତ କରିଥାଏ । ଏସବୁ ଦ୍ୱାରା ଶିକ୍ଷଣର ସ୍ୱତନ୍ତ୍ର ବିଭାବମାନ ପ୍ରଭାବିତ ହୋଇଥାଏ ।

ମୁଖ୍ୟତଃ ଆମକୁ ଜାଣିବାକୁ ହେବ ଯେ, ଶିକ୍ଷଣ ଅନଗ୍ରସର କହିଲେ ଅଳସୁଆ କିମ୍ବା ବୋକା ନୁହେଁ । ଏଭଳି ଅନଗ୍ରସର ବ୍ୟକ୍ତି କୌଣସି ଏକ ନୂଆ ଜିନିଷ ଶିଖିବାରେ ସକ୍ରିୟ ହୋଇ ନଥାଏ, କାରଣ ତାହାର ମସ୍ତିଷ୍କ ଠିକ୍ ଭାବରେ ଶୁଣିବା ଏବଂ କୌଣସି ସିଦ୍ଧାନ୍ତ ନେବାରେ ଅସମର୍ଥ ହୋଇଥାଏ । ତଥ୍ୟ ଲିପିବଦ୍ଧ କିମ୍ବା ବିଶ୍ଳେଷଣ କରିବାରେ ଅସମର୍ଥ ହୋଇଥାଏ । ଏଥିପାଇଁ ପ୍ରଥମେ ମୁଖ୍ୟତଃ କୌଣସି ପରିବେଶ ଗତ ସମସ୍ୟାକୁ ବାଦ୍ ଦେବା, ଯାହାକି , ଶିକ୍ଷାର୍ଥୀର ଶିକ୍ଷଣ ପାଇଁ ଅନେକ କ୍ଷୀଣ ଦୃଷ୍ଟି, ଅନ୍ୟାନ୍ୟ ବିଭ୍ରାନ୍ତ ଅବସ୍ଥା, ସ୍ୱାସ୍ଥ୍ୟ ଗତ ସମସ୍ୟା, କ୍ଳାନ୍ତି, ଶାନ୍ତି, ପୁଷ୍ଟିହୀନତା ଆଦି ସମସ୍ୟା ସୃଷ୍ଟିକରେ ।

ସ୍ୱପରାୟଣତା ସହ ସ୍ୱତନ୍ତ୍ର ଶିକ୍ଷଣ ଅନଗ୍ରସର ବିଷୟକ ପ୍ରକୃତି ଚିହ୍ନଟ ଏବଂ ଯୋଜନାଗତ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ପ୍ରଥମେ ସ୍ୱତନ୍ତ୍ର ପରୀକ୍ଷଣ ଏବଂ ମୂଲ୍ୟାୟନର ଆବଶ୍ୟକତା ରହିଛି । ସ୍ୱତନ୍ତ୍ର ଶିକ୍ଷଣ ଭିନ୍ନକ୍ଷମ ଶିଶୁମାନେ ଏକାପ୍ରକାରର ନୁହନ୍ତି । କାହାର ଲିଖନ ଦକ୍ଷତା କମ ଥାଇପାରେ ତ ଅନ୍ୟ ଜଣେ ଶିଶୁର ଗଣନ ଦକ୍ଷତା କମ୍ଥାଇପାରେ ପୁନଶ୍ଚ କାହାର ପଠନରେ ହୁଏତ ଉତ୍ତମମାନର ଦକ୍ଷତା ନଥାଇପାରେ ।

## ବୌଦ୍ଧିକ ଅସାମର୍ଥ୍ୟ

ବୌଦ୍ଧିକ ଭିନ୍ନକ୍ଷମତ୍ୱ ଶବ୍ଦଟି ମାନସିକ ସ୍ତରରେ ସ୍ୱଳ୍ପ ସାମର୍ଥ ବା ଦକ୍ଷତାକୁ ହିଁ ବୁଝାଇଥାଏ । ଏଣୁ ଏହି ଶବ୍ଦ ମାନସିକ ଅନଗ୍ରସରତା ସଂପର୍କରେ ସୂଚନା ଦେଇଥାଏ । ଏହି ଅନଗ୍ରସରତା ଶବ୍ଦଟି ପର୍ଯ୍ୟାୟ ଭାବେ ବ୍ୟବହାର ହୋଇ ଆସୁଅଛି । 2003 ମସିହାରେ ଏହାକୁ ନେଇ ଏକ ଜନମତ ସର୍ଭେ କରାଯାଇଥିଲା । ଏହି (Retardation) ବା ଅନଗ୍ରସର ଶବ୍ଦଟି ସବୁଠାରୁ ଅପମାନ ଜନକ ବା ଘୃଣ୍ୟ ଶବ୍ଦ ବୋଲି ଜନମତ ଆସିଥିଲା (Rose 2004) । ଏକ ସକାରାତ୍ମକ ପରିବେଶକୁ ଦୃଷ୍ଟିରେ ରଖି ଏକ ଆସ୍ତିବାଚକ ଶବ୍ଦ 'ବୌଦ୍ଧିକ ଭିନ୍ନକ୍ଷମତ୍ୱ' ଶବ୍ଦକୁ ଗ୍ରହଣ କରାଗଲା । ଏହି ଶବ୍ଦଟି ଶ୍ରେଣୀ ଗୃହରେ କମ୍ ଦକ୍ଷତା ବା ସାମର୍ଥ୍ୟଯୁକ୍ତ ଅନୁଭୂତି କୁ ହିଁ ସୂଚାଇଥାଏ । ଏହି ପ୍ରାକର ଭିନ୍ନକ୍ଷମତ୍ୱ ସହ ବାକ୍ଶକ୍ତିର ତ୍ରୁଟି ମଧ୍ୟ ପରିଲକ୍ଷିତ ହୋଇଥାଏ, ଯେମିତିକି ଅସ୍ପଷ୍ଟ ଉଚ୍ଚାରଣ ବା ଖନେଇ ଖନେଇ କହିବା ଇତ୍ୟାଦି ।

'ଏଥିପାଇଁ ପ୍ରଥମେ ମୁଖ୍ୟତଃ କୌଣସି ପରିବେଶ ଗତ ସମସ୍ୟାକୁ ବାଦ୍ଦେବା, ଯାହାକି ଶିକ୍ଷାର୍ଥୀର ଶିକ୍ଷଣ ପାଇଁ ଅନେକ କ୍ଷୀଣ ଦୃଷ୍ଟି, ଅନ୍ୟାନ୍ୟ ବିଭ୍ରାନ୍ତ ଅବସ୍ଥା, ସ୍ୱାସ୍ଥ୍ୟଗତ ସମସ୍ୟା, କାନ୍ତି, ପୁଷ୍ଟିହୀନତା ଆଦି ସମସ୍ୟା ସୃଷ୍ଟିକରେ ।'

ଯେତେବେଳେ ମସ୍ତିଷ୍କର ମାନସିକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ, ତାହା ଦ୍ୱାରା ଶିଶୁଟିଏ ତାର ଦୈନନ୍ଦିନ ଜୀବନ କୌଶଳ ଏବଂ ଯୋଗାଯୋଗ ସ୍ଥାପନ କରିବାରେ ଅସୁବିଧା ହୋଇଥାଏ । ସାମାଜିକ କୌଶଳ ପ୍ରୟୋଗ ସର୍ବୋପରି ତାର ପ୍ରତିଟି ବିକାଶ କ୍ଷେତ୍ର ପ୍ରଭାବିତ ହୋଇଥାଏ ଏବଂ ବୌଦ୍ଧିକ ଭିନ୍ନକ୍ଷମତ୍ୱ ପରିଲକ୍ଷିତ ହୋଇଥାଏ ।

ଏହି ଅସୁବିଧାଗୁଡ଼ିକ ଶିଶୁପାଇଁ ସ୍ୱଳ୍ପ ବିକାଶ ଏବଂ ଶିକ୍ଷଣର କାରଣ ପାଲଟିଥାଏ । ଏହି ଅସୁବିଧାଯୁକ୍ତ ଶିଶୁ ତା'ର ସାଙ୍ଗସାଥୀ ମାନଙ୍କ ଅପେକ୍ଷା ଗତାନୁଗତିକାଭବେ ସ୍ୱଳ୍ପ ଭାବରେ ବିକାଶ ଲାଭ କରିଥାଏ । ସେ କଥାକହିବା, ଚାଲିବା ଏବଂ ନିଜକୁ ନିଜେ ସନ୍ଦେହ ହେବାରେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାଏ । ଏହି ପ୍ରକାର ପିଲାର ଗତାନୁଗତିକ ବା ପାରଂପରିକ ବୃଦ୍ଧି ଏବଂ ବିକାଶ ବହୁ ବିଳମ୍ବରେ ସଂଘଟିତ ହୋଇଥାଏ । ଅତଏବ ଅନଗ୍ରସର ଅପେକ୍ଷା ମନ୍ଥର ଶବ୍ଦ ଏମାନଙ୍କ ପାଇଁ ବିଶେଷଭାବେ ପ୍ରଯୁଜ୍ୟ ହୋଇପାରେ । ଏହି ଶବ୍ଦ ସହିତ ନାସ୍ତିସୂଚକ ଲକ୍ଷଣ ମିଶିଥିବାରୁ ଏହା ଆଗରୁ ବହୁଳଭାବରେ ବ୍ୟବହୃତ ହେଉ ନଥିଲା ।

**ପରୀକ୍ଷଣ ଏବଂ / ମୂଲ୍ୟାଙ୍କନ**

ବୌଦ୍ଧିକ କାର୍ଯ୍ୟକଳାପର ମାତ୍ରା ବା ପରିମାଣ କୁ ମାପିବା ଅଥବା ଚିହ୍ନଟ କରିବା ପାଇଁ ଦୁଇ ପ୍ରକାର ପରିମାପକ ବ୍ୟବହାର କରାଯାଇଥାଏ ପ୍ରଥମତଃ ଶିକ୍ଷାର୍ଥୀର ବୁଦ୍ଧିର ପରୀକ୍ଷା ଏବଂ ପାରିପାର୍ଶ୍ୱିକ ଅବସ୍ଥାକୁ ଗ୍ରହଣ କରି ନିଜକୁ ନିୟୋଜିତ କରିବାର ଦକ୍ଷତାକୁ ମପାଯାଇଥାଏ ।

**ବୁଦ୍ଧିର ପରିମାପ**

ଭାରତୀୟ ପରୀକ୍ଷଣ ବ୍ୟବସ୍ଥାରେ, ଛାତ୍ରମାନଙ୍କର IQ 'ବା' ବୁଦ୍ଧ୍ୟାଙ୍କ ମାପିବା  ପାଇଁ ମାନକୀକରଣ ଭାବରେ ବୁଦ୍ଧ୍ୟାଙ୍କ ପରିମାପକୁ ଗ୍ରହଣ କରାଯାଇଥାଏ । ଭାରତୀୟ ସାମାଜିକ ଓ ସାଂସ୍କୃତିକ ବିକାଶ କ୍ଷେତ୍ରରେ ପିଲାମାନେ  କେତେଦୂର ବିକଶିତ ଏବଂ କ'ଣ ଧ୍ୟାନ ରଖିଛନ୍ତି । ଏହା ମୁଖ୍ୟ ଅଟେ ।

**ଗ୍ରହଣୀୟ ମାପଚିହ୍ନ :**

ଅନ୍ୟ ଏକ ପରିବେଶକୁ ଗ୍ରହଣ କରିବା ପାଇଁ ଦକ୍ଷତା ବା ସାମର୍ଥ୍ୟ ଲୋଡ଼ା । ଏହି ସମଯୋଜନ କୌଶଳର ପରିମାପ ପାଇଁ ସମଯୋଜନଗତ ପରିମାପ ବା ମୂଲ୍ୟାୟନ ଆବଶ୍ୟକ ହୋଇଥାଏ ଯୋଗାଯୋଗ ସ୍ଥାପନ, ସାମାଜିକ ବୁଝାମଣା, ସାମାଜିକ ସଂପର୍କ ସ୍ଥାପନ ଏବଂ (ଆତ୍ମ-ଯତ୍ନ) ସ୍ୱଯତ୍ନ ବା ନିଜକୁ ଚିହ୍ନିବା ଭଳି ଦୈନିନ୍ଦିନ ଜୀବନରେ ଆସୁଥିବା କୌଶଳ ଗୁଡ଼ିକର ମୂଲ୍ୟାୟନ ଏହି ମାପଦ୍ୱାରା କରାଯାଇଥାଏ ।

ବୌଦ୍ଧିକ ଭିନ୍ନକ୍ଷମ ମାନଙ୍କପାଇଁ ଦରକାରୀ ତଥ୍ୟ ଏବଂ ସମାଧାନ କୌଶଳ ଗୁଡ଼ିକ ଏହି ବିଭାଗରେ ପ୍ରଦତ୍ତ ହୋଇଛି । ଜ୍ଞାନଗତ ତଥା ବୌଦ୍ଧିକ ଭିନ୍ନକ୍ଷମମାନଙ୍କ ପାଇଁ କେତେକ ସୀମିତ ପରୀକ୍ଷଣ ଏବଂ ମୂଲ୍ୟାୟନର ବ୍ୟବସ୍ଥା କରାଯାଇଛି, ସେଗୁଡ଼ିକ ଏଥିରେ ସାମିଲ କରାଯାଇଛି । ଏମିତି କିଛି ଶିକ୍ଷାର୍ଥୀ ଥାଆନ୍ତି ଯେଉଁମାନେ କି ଜ୍ଞାନାତ୍ମକଦୃଷ୍ଟିରୁ ବାଧିତ କି ବୌଦ୍ଧିକ ଦୃଷ୍ଟିରୁ ବାଧିତ ସେମାନଙ୍କୁ ସଠିକ୍ ଚିହ୍ନଟ କରିବା କଷ୍ଟକର ହୋଇପଡ଼େ । ଏମିତି ହୋଇପାରେ, ଯେଉଁ ପିଲାମାନେ ଅଭାବୀ ପରିବାରରୁ ଆସିଛନ୍ତି, ବାପା ମାଆ ଅଶିକ୍ଷିତ, ପାଠ ପଢ଼ି ନାହାନ୍ତି, ଯତ୍ନର ଅଭାବ, ପରିବାରର ଛୋଟ ପିଲାଙ୍କର ଯତ୍ନ ନିଅନ୍ତି, ଘର କାମ କରନ୍ତି । ଅନ୍ୟର ଘରକାମ କରି ଅର୍ଥ ଉପାର୍ଜନ କରନ୍ତି ଏବଂ ନିର୍ଯ୍ୟାତିତ ହେଉଥାନ୍ତି । ସେମାନଙ୍କର ଶିକ୍ଷଣ ଶୈଳୀ ନିଷ୍କ୍ରିୟ ଭାବରେ ଅନ୍ୟାନ୍ୟ ପିଲାଙ୍କ ଠାରୁ ଭିନ୍ନ ହୋଇଥାଏ । ଏହି ସବୁ ଅସୁବିଧା ଯୋଗୁଁ ପିଲାଙ୍କର ଶିକ୍ଷଣକାର୍ଯ୍ୟରେ ଧ୍ୟାନ ରହି ନଥାଏ । ସେମାନେ ଅସ୍ଥିର ହୋଇଥାନ୍ତି । ଏହି ଅମନ ଯୋଗୀତା ପାଇଁ ସେମାନେ ବୌଦ୍ଧିକ ଭିନ୍ନକ୍ଷମ / ଅନଗ୍ରସରତାରେ ସଂଶ୍ଳିଷ୍ଟ ହୋଇଥାନ୍ତି ।

ଏହିସବୁ ଜଟିଳ ପରିବେଶ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି ଶ୍ରେଣୀ ସଜ୍ଜା, କାର୍ଯ୍ୟକଳାପ, ନିର୍ଦ୍ଦେଶନାମା, ସଂପର୍କରେ ଏହି ବ୍ୟବସ୍ଥାଗତ ଆଲୋଚନା କରାଯାଇଛି । ଅନ୍ତର୍ନିବେଶୀ ଶିକ୍ଷା ପାଇଁ ଆବଶ୍ୟକୀୟ ଶିକ୍ଷଣ ଶୈଳୀ ଏବଂ ବିଦ୍ୟାଳୟ ବ୍ୟବସ୍ଥା ସଂପର୍କରେ ମଧ୍ୟ ଏଠାରେ ସୂଚନା ଦିଆଯାଇଛି ।

ଆପଣଙ୍କ ଶ୍ରେଣୀଗୃହ ପ୍ରତ୍ୟେକ ପିଲାଙ୍କୁ ସେମାନଙ୍କର ମନଲାଖି ଶିକ୍ଷଣ ପରିବେଶ ସୃଷ୍ଟି କରିବା ଆବଶ୍ୟକ । ଏଥିପାଇଁ ଶ୍ରେଣୀଗୃହରେ ସମସ୍ତ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସାଙ୍ଗକୁ ଶିକ୍ଷଣ କାର୍ଯ୍ୟ, ଶିକ୍ଷଣ ଅଭ୍ୟାସ, ଶ୍ରେଣୀ ସଂଗଠନ, ଅନ୍ତର୍ନିବେଶୀ ଭାଷା, ନିର୍ଦ୍ଦେଶ ଶୈଳୀ, ଶ୍ରେଣୀ ବିନ୍ୟାସ, ଶିକ୍ଷକଙ୍କ ନିର୍ଦ୍ଦେଶ- କୌଶଳ ଇତ୍ୟାଦି ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଦୃଷ୍ଟିରେ ରଖି କିପରି ହେବା ଆବଶ୍ୟକ, ତାହା ଏହି ପୁସ୍ତିକାରେ ପ୍ରଦର୍ଶିତ ହୋଇଛି । ଯେତେବେଳେ ପ୍ରତ୍ୟେକ ଶିକ୍ଷାର୍ଥୀ ଏକାଠି ଶିକ୍ଷଣ କାର୍ଯ୍ୟରେ ସାମିଲ ହୋଇଯିବେ, ସେତେବେଳେ ସେମାନଙ୍କର ପରସ୍ପର ମଧ୍ୟରେ ଭାବ ଆଦାନପ୍ରଦାନ, ନିଜ ନିଜ ଜୀବନ ଶୈଳୀର ଶିକ୍ଷଣ କାର୍ଯ୍ୟ ଉପରେ ପ୍ରୟୋଗ ବା ପ୍ରତିଫଳନ ଫଳରେ ଶିକ୍ଷଣ କାର୍ଯ୍ୟ ସଫଳ ହେବ । ଆଶାକରାଯାଏ, ଏହି ତଥ୍ୟ ପୁସ୍ତିକାଟି ଆପଣଙ୍କୁ ଏମିତି ଏକ ଶ୍ରେଣୀ ପରିକଳ୍ପନାରେ ସାହାଯ୍ୟ କରିବ, ଯେଉଁଠିକି ସମସ୍ତ ପିଲା ସମାନ ଭାବରେ ଅଂଶ ଗ୍ରହଣ କରିପାରୁଥିବେ । ଯାହାକି ଶିକ୍ଷକ ଭାବରେ ଆପଣ ଓ ଆପଣଙ୍କ ପିଲାମାନେ ଚାହାନ୍ତି ସେହିଭଳି ପରିବେଶ ସେହି ଶ୍ରେଣୀର ଥିବ ।

# ୭. ଦୃଷ୍ଟି ବାଧକତାର ଲକ୍ଷଣ

ଦୃଷ୍ଟି ବାଧକତା କହିଲେ ଦୃଷ୍ଟିଶକ୍ତି ହ୍ରାସ ଯୋଗୁଁ ଉପୁଜୁଥିବା ସମସ୍ୟା ସମ୍ବନ୍ଧିତ ଅବସ୍ଥାକୁ ହିଁ ବୁଝିଥାଉଁ । ଦୃଷ୍ଟିଶକ୍ତିର ହ୍ରାସ ସବୁ ଦୃଷ୍ଟିବାଧକ ଶିକ୍ଷାର୍ଥୀଙ୍କଠାରେ ସମାନ ଭାବରେ ପରିଲକ୍ଷିତ ହୋଇ ନଥାଏ ।

ନିବାରକ ଚଷମା (corrective glass) ବ୍ୟବହାର ସତ୍ତ୍ୱେ ଯେଉଁମାନଙ୍କର ଅଧିକାଂଶ ଦୃଷ୍ଟିଶକ୍ତି ନଷ୍ଟ ହୋଇଥାଏ ସେମାନଙ୍କୁ ଦୃଷ୍ଟି ବାଧକର ଅନ୍ତର୍ଭୁକ୍ତ କରାଯାଇଥାଏ । ଦୃଷ୍ଟିବାଧକତାର ପରିମାଣ ଓ ପ୍ରକୃତିକୁ ନେଇ ପିଲାମାନେ ପରସ୍ପରଠାରୁ ଭିନ୍ନ ହୋଇଥାନ୍ତି, ତେଣୁ ପ୍ରତ୍ୟେକ ଦୃଷ୍ଟିବାଧକ ପିଲାର ଫଳପ୍ରଦ ଶିକ୍ଷଣ ନିମନ୍ତେ ସେମାନେ ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟା ଓ ସାମଗ୍ରୀରେ ନିର୍ଦ୍ଦିଷ୍ଟଭାବେ ସମଯୋଜନ ଆବଶ୍ୟକ କରିଥାନ୍ତି । ଆନ୍ତର୍ଜାତୀୟ ରୋଗ ଶ୍ରେଣୀ ବିଭାଗୀ କରଣ (2006) ଅନୁସାରେ, ସ୍ୱଳ୍ପ ଦୃଷ୍ଟି ଓ ସମ୍ପୂର୍ଣ୍ଣ ଦୃଷ୍ଟିହୀନକୁ ଏକାଠି ନେଇ ଦୃଷ୍ଟିବାଧକକୁ ବୁଝାଯାଇଥାଏ; ଅର୍ଥାତ୍ ଦୃଷ୍ଟିବାଧକ ଶବ୍ଦ ମଧ୍ୟରେ ଆଂଶିକ ସ୍ୱଳ୍ପଦୃଷ୍ଟି, ଅତିବେଶୀ ସ୍ୱଳ୍ପ ଦୃଷ୍ଟି ଓ ସମ୍ପୂର୍ଣ୍ଣ ଦୃଷ୍ଟିହୀନ ଧାରଣା ଅନ୍ତର୍ଭୁକ୍ତ । ଦୃଷ୍ଟିବାଧକ ସଂପର୍କରେ ଆଲୋଚନା କରିବା ବେଳେ ଦୃଷ୍ଟି ସ୍ୱଚ୍ଛଳତା ଓ / କିମ୍ବା ଦୃଷ୍ଟି କ୍ଷେତ୍ରପରିସର ସଂପର୍କରେ ଚିନ୍ତା କରାଯାଇଥାଏ । ସାଧାରଣଭାବେ ଦୃଷ୍ଟି ସ୍ୱଚ୍ଛଳତା କହିଲେ ଏକ ନିର୍ଦ୍ଦିଷ୍ଟ ଦୂରତ୍ୱ ବ୍ୟବଧାନରେ ଜଣେ ବ୍ୟକ୍ତି ଗୋଟିଏ ଜିନିଷକୁ କେତେ ଭଲ ଭାବରେ ଦେଖେ ତାହାକୁ ବୁଝାଇଥାଏ । ଏଥିପାଇଁ ସାଧାରଣ ଭାବେ ସ୍ନେଲେନ ଚାର୍ଟର ବ୍ୟବହାର କରାଯାଇଥାଏ । ଜଣେ ବ୍ୟକ୍ତିର ସାଧାରଣ ଦୃଷ୍ଟି ସ୍ୱଚ୍ଛଳତା ହେଉଛି 20/20 ଫୁଟ ବା 6/6 ମିଟର ।




ପାଲ ଏଣ୍ଡ ପାଲ (2005) ଙ୍କ ମତରେ, ଏକ ନିର୍ଦ୍ଦିଷ୍ଟ ସ୍ଥିର ବିନ୍ଦୁକୁ ଲକ୍ଷ୍ୟ କରିବା ବେଳେ ଯେଉଁ ଅଞ୍ଚଳକୁ ଆମେ ଦେଖିଥାଉ ତାହାକୁ ଦୃଷ୍ଟିକ୍ଷେତ୍ର ପରିସର (Field of vision) କୁହାଯାଇଥାଏ । ଏହାକୁ ଡିଗ୍ରୀ ଏକକରେ ପ୍ରକାଶ କରାଯାଇଥାଏ । ଏକକରେ ପ୍ରକାଶ କରାଯାଇଥିଲା । ଦୃଷ୍ଟିହୀନ (Blindness) ସମ୍ପୂର୍ଣ୍ଣ ଦୃଷ୍ଟିହୀନତାରୁ ନିର୍ଭରଯୋଗ୍ୟ ହୋଇନଥିବା ଦୃଷ୍ଟିଶକ୍ତିକୁ ହିଁ ବୁଝାଇଥାଏ । ଆଇନତଃ (ଭିନ୍ନକ୍ଷମଙ୍କ ଚିଠା ଅଧିକାର ବିଲ୍ 2012) କହିବାକୁ ଗଲେ ଦୃଷ୍ଟିହୀନ ହେଉଛି ସେହି ବ୍ୟକ୍ତି ଯାହାର ଦୃଷ୍ଟି ସ୍ୱଚ୍ଛଳତା ହେଉଛି 20/200 (ଉପଯୁକ୍ତ ଚଷମା ବ୍ୟବହାର କରିବା ପରେ) ରୁ ଆରମ୍ଭ କରି ବ୍ୟବହାର ଉପଯୋଗୀ ଦୃଷ୍ଟିଶକ୍ତି ନଥିବାକୁ ବୁଝାଇଥାଏ । କିମ୍ବା ଯାହାର ଦୃଷ୍ଟିପରିସର $20^{\circ}$ ବା ତାଠାରୁ କମ୍ ପରିମାଣର କୋଣକୁ କମିଯାଇଥାଏ । 20/200 ଦୃଷ୍ଟି ସ୍ୱଚ୍ଛଳତାର ଅର୍ଥହେଉଛି ଜଣେ ସାଧାରଣ ବ୍ୟକ୍ତି ଯେଉଁ ବସ୍ତୁକୁ 200ଫୁଟ୍ ଦୂରତାରୁ ଦେଖିପାରେ ତାହାକୁ ମାତ୍ର 20ଫୁଟ୍ ଦୂରତା ମଧ୍ୟରେ ଦେଖିପାରିବ ।

ଦୃଷ୍ଟି ପରିସରରେ ହ୍ରାସର ଅର୍ଥ ବ୍ୟକ୍ତିର ସୀମିତ ପ୍ରାନ୍ତ ବର୍ତ୍ତୀ ଦୃଷ୍ଟି (Peripheral Vision) ସହିତ ସୂଡ଼ଙ୍ଗ ଦୃଷ୍ଟି (Tunnel Vision) କୁ ବୁଝାଇଥାଏ ।

ନିମ୍ନଲିଖିତ ଅବସ୍ଥାକୁ ଆମେ ସ୍ୱଳ୍ପଦୃଷ୍ଟି ସମ୍ପନ୍ନ ବୋଲି କହିଥାଉଁ : ଆବଶ୍ୟକ ଚଷମା ବ୍ୟବହାର ପରେ ।

(କ) ସ୍ୱଚ୍ଛଳତା ଦୃଷ୍ଟି 6/18 କିମ୍ବା 20/60 ରୁ ଅଧିକ ହେଉନଥିବ ଏବଂ 6/60 କିମ୍ବା 20/200 ରୁ କମ ହେଉ ନଥିବ ।

(ଖ)ଦୃଷ୍ଟି ପରିସର ସୀମିତ ହୋଇ 10 ରୁ 40 ଡ଼ିଗ୍ରୀ ମଧ୍ୟରେ ହୋଇଥିବ । (ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାରର ଚିଠା ବିଲ୍- 2012)

ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅଧିକାଂଶ ସ୍ୱଳ୍ପଦୃଷ୍ଟି ସମ୍ପନ୍ନ ବର୍ଗର ହୋଇଥାନ୍ତି । ସ୍ୱଳ୍ପଦୃଷ୍ଟି ସଂପନ୍ନ ପିଲାମାନଙ୍କୁ ଅବଶେଷ ଦୃଷ୍ଟିଶକ୍ତିର ଉପଯୋଗ ପାଇଁ ପ୍ରୋତ୍ସାହିତ କରିବା ଆବଶ୍ୟକ । ଏମାନଙ୍କୁ ଦୃଷ୍ଟିବର୍ଦ୍ଧକ ସହାୟକ ଉପକରଣ, ବଡ଼ ଫଣ୍ଟ ଥିବା ଅକ୍ଷର, ଅଭିବର୍ଦ୍ଧନ ଯନ୍ତ୍ର ବ୍ୟବହାର ପାଇଁ ପରାମର୍ଶ ଦିଆଯିବା ଆବଶ୍ୟକ । ଦୃଷ୍ଟିହୀନ ବୋଲି କୁହାଯାଉଥିବା ପିଲାମାନଙ୍କର କିଛି ପରିମାଣର ଦୃଷ୍ଟି ଶକ୍ତିଥାଏ । ସଂପୂର୍ଣ୍ଣ ଦୃଷ୍ଟିହୀନ ବ୍ୟକ୍ତିମାନେ ଲେଖାପଢ଼ାର ମାଧ୍ୟମଭାବେ ସାଧାରଣତଃ ବ୍ରେଲ୍‌କୁ ବ୍ୟବହାର କରିଥାନ୍ତି ।

**ଆମେ ମଧ୍ୟ ଦୃଷ୍ଟି ବାଧିତଙ୍କୁ ଦୁଇ ଭାଗରେ ବିଭକ୍ତ କରିପାରିବା । ଯଥା : ଜନ୍ମରୁ ଦୃଷ୍ଟିହୀନ** (Congenital ) **ଓ ଆକସ୍ମିକ ବା ବହିରାଗତ** (adventitious)

**ଜନ୍ମରୁ ଦୃଷ୍ଟିହୀନ:-** ଏହି ପ୍ରକାର ଅବସ୍ଥା, ଜନ୍ମବେଳରେ ହିଁ ଥାଏ ଅର୍ଥାତ୍ ପିଲାଟି ଜନ୍ମ ନେବା ସମୟରୁ ହିଁ ଦୃଷ୍ଟିଶକ୍ତି ହରାଇଥାଏ ।

**ଆକସ୍ମିକ ବା ବହିରାଗତ ଦୃଷ୍ଟିଶକ୍ତି ବାଧିତ :** କୌଣସି ଦୁର୍ଘଟଣା କିମ୍ବା ବେମାର ପଡ଼ିବା ଫଳରେ ଦୃଷ୍ଟି ଶକ୍ତି କ୍ରମଶଃ ହ୍ରାସ ପାଇଲେ ତାକୁ ଆକସ୍ମିକ ବା ବହିରାଗତ ଦୃଷ୍ଟି ବାଧିତ ଭାବେ ଅଭିହିତ କରାଯାଏ । ଏହା ଜନ୍ମ ପରେ ହୋଇଥାଏ । ଛାତ୍ରର ବିକାଶର ବୟସ ଏବଂ ସ୍ତର ଅନୁଯାୟୀ ଏଭଳି ପିଲା ନୂଆ କୌଶଳ ଶିକ୍ଷା ଏବଂ ଧାରଣାକୁ ବୁଝିବାରେ ଅସୁବିଧାର ସମ୍ମୁଖୀନ ହୋଇଥାଏ । ଅବଶ୍ୟ ଦୁଇ ପ୍ରକାର ବାଧିତ ଛାତ୍ରମାନଙ୍କ ମଧ୍ୟରେ ପ୍ରଭେଦ ହେଲା, ଜନ୍ମରୁ ଦୃଷ୍ଟିହୀନ ଶିଶୁ ପାଇଁ କୌଣସି ଏକ ଜିନିଷ, ବସ୍ତୁ ବା ବ୍ୟକ୍ତି ସମ୍ପର୍କରେ ଧାରଣା ପାଇବା ପାଇଁ ମଧ୍ୟ କଷ୍ଟକର ହୋଇଥାଏ, ଅନ୍ୟ ପକ୍ଷରେ ଯେହେତୁ ଆକସ୍ମିକ ଭାବରେ ଦୃଷ୍ଟିଶକ୍ତି ହରାଇଥିବା ବ୍ୟକ୍ତି ପୂର୍ବରୁ ଦେଖିଥିବା ଜିନିଷକୁ ତଥା ପୂର୍ବଅଭିଜ୍ଞତାକୁ ବ୍ୟବହାର କରି ଧାରଣାଟିର ପରିପ୍ରକାଶ କରିପାରେ ।

ଏଠାରେ ମନେରଖିବାକୁ ହେବ ଯେ, ଯଦିଓ ଦୁଇ ପ୍ରକାର ପିଲାଙ୍କ ସମାନ ପ୍ରକାର ନିଦାନ ପରୀକ୍ଷା କରାଯାଇଥାଏ ତଥାପି ସେମାନଙ୍କର କାର୍ଯ୍ୟକରିବା ଶୈଳୀ / ଢ଼ଙ୍ଗ ତଥା ଶିକ୍ଷଣ ପ୍ରଣାଳୀ ଅଲଗା ଅଲଗା ହୋଇଥାଏ ।

**ଦୃଷ୍ଟି ଦୋଷ ସମ୍ବନ୍ଧୀୟ ବିବରଣୀ**

ଛାତ୍ରର ଦୃଷ୍ଟି ସମ୍ବନ୍ଧୀୟ ବିବରଣୀ ଯଦି ଥାଏ, ତେବେ ପ୍ରକୃତ ଦୋଷ, ପୂର୍ବ ଲକ୍ଷଣ, ନିଦାନ ଏବଂ ତୀବ୍ରତା ସଂପର୍କରେ ଧାରଣା ମିଳିଯାଏ । ଯେତେବେଳେ ଛାତ୍ରଟିଏ ବିଦ୍ୟାଳୟକୁ ଆସେ, (ପ୍ରଥମ ପ୍ରବେଶ) ସେତେବେଳେ ପ୍ରଥମ କରି ଏହି ବିବରଣୀକୁ ଶିକ୍ଷକ ଭଲ ଭାବେ ଦେଖିବା ଉଚିତ୍ । ଆହୁରି ମଧ୍ୟ ତାକୁ ଠିକ୍ ଭାବେ ଆବଶ୍ୟକ ଅନୁସାରେ ଅନୁଧ୍ୟାନ କରିବା ଉଚିତ୍ । ଆଖି ଡ଼ାକ୍ତରଙ୍କ ଦ୍ୱାରା ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ଆଖି ପରୀକ୍ଷା ନିୟମିତ ଭାବେ କରିବା ସଙ୍ଗେ ସଙ୍ଗେ ତା'ର ଶିକ୍ଷା ପାଇଁ ମଧ୍ୟ ପରାମର୍ଶ ଲୋଡ଼ାଯିବା ଆବଶ୍ୟକ ।




ସାଧାରଣ ଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଦେଖୁଥିବା ଜିନିଷ



ସ୍ୱଳ୍ପ ଦୃଷ୍ଟି ସଂପନ୍ନ ବ୍ୟକ୍ତି ଦେଖୁଥିବା ଜିନିଷ



ଜଣେ ଚଷମା ବ୍ୟବହାର କରୁଥିବା ସାଧାରଣ ବ୍ୟକ୍ତି ଦେଖୁଥିବା ଦୃଶ୍ୟ



ଚଷମା ବ୍ୟବହାର କରି ଜଣେ ସ୍ୱଚ୍ଛ ଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଦେଖୁଥିବା ଦୃଶ୍ୟ



ପ୍ରାନ୍ତୀୟ ଦୃଷ୍ଟି ପରିସର ସମସ୍ୟା





ସୀମିତ ପ୍ରାନ୍ତବର୍ତ୍ତି ପରିସର ଦୃଷ୍ଟି ଦୋଷ



କେନ୍ଦ୍ରୀୟ /ମଧ୍ୟବର୍ତ୍ତୀ କ୍ଷେତ୍ର ଦୃଷ୍ଟିଦୋଷ

**କେନ୍ଦ୍ରୀୟ କ୍ଷେତ୍ର ଅସୁବିଧା**

ସ୍ୱଳ୍ପ ଦୃଷ୍ଟି ସମ୍ପନ୍ନ ପିଲାଙ୍କୁ ସେମାନଙ୍କର ଅବଶେଷ ଦୃଷ୍ଟିଶକ୍ତିର ବ୍ୟବହାର କରିବା ପାଇଁ ଉତ୍ସାହିତ କରାଯିବା ଆବଶ୍ୟକ । ଏମାନଙ୍କୁ ଦୃଷ୍ଟିବର୍ଦ୍ଧକ ସହାୟକ ଉପକରଣ, ବଡ଼ ଫଣ୍ଟ ବିଶିଷ୍ଟ ଅକ୍ଷର, ଅଭିବର୍ଦ୍ଧକ ଯନ୍ତ୍ର ବ୍ୟବହାର କରିବାପାଇଁ ପରାମର୍ଶ ଦିଆଯିବା ଆବଶ୍ୟକ ସମ୍ପୂର୍ଣ୍ଣ ଦୃଷ୍ଟିହୀନ ବ୍ୟକ୍ତିମାନେ ଲେଖାପଢ଼ାର ମାଧ୍ୟମ ଭାବେ ସାଧାରଣତଃ ବ୍ରେଲକୁ ବ୍ୟବହାର କରିଥାନ୍ତି ।

## ଚକ୍ଷୁରେ ସମସ୍ୟା ଥିବା ଶିକ୍ଷାର୍ଥୀମାନଙ୍କଠାରେ ଲକ୍ଷ୍ୟ କରାଯାଉଥିବା ଲକ୍ଷଣ

<u>ଶାରୀରିକ ଲକ୍ଷଣ</u>

- ବହୁଦିନ ଧରି ଲାଲ ଦେଖାଯିବା, ଆଖି ଫୁଲିବା ।
- ବହୁଦିନ ଧରି ଆଖିରୁ ପାଣି ଝରିବା ।
- ଆଖିରେ ଲେଞ୍ଜରା ଲାଗିବା ।
- ଆଖିଦ୍ୱୟ ଅସମାନଭାବେ ଥିବା (ଗୋଟିଏ ସ୍ଥାନରେ ଆଖିଦ୍ୱୟ କେନ୍ଦ୍ରୀଭୂତ ହେଉନଥିବ) ।
- ଆଖିରୁ ବାରମ୍ବାର ପାଣି ଝରିବା
- ଆଖି ଫୁଲିବା ।
- ଆଖିଡୋଳା ଅବତନ ହେବା ବା ତଳକୁ ନଇଁ ପଡ଼ିବା ।
- ଆଲୋକ ପ୍ରତି ସମ୍ବେଦନଶୀଳ ହେବା (ଆଲୋକକୁ ଚାହିଁ ହେଉନଥିବା)
- ଟେରେଇ କରି ଚାହିଁବା, ଚକ୍ଷୁରେ ବକ୍ରତା ଦେଖା ହେବା ।
- ଆଖିକୁ ଘଷିବା, ଗୋଟିଏ ଆଖି ବନ୍ଦ ରଖିବା ।
- ଆଖି ଯେପରି ଦେଖାଯାଏ ସାଧାରଣତଃ ସେପରି ଦେଖା ନଯିବା ।

**ପିଲାଙ୍କ ବ୍ୟବହାର**

- ପିଲା ଆଖିକୁ ହେଉଥିବା, ଆଖିରେ ଯନ୍ତ୍ରଣା ହେଉଥିବା ଓ ଆଖିରେ ଅସ୍ୱଭାବିକତା ଅନୁଭବ ହେବାର ଅଭିଯୋଗ କରିଥାଏ ।
- ମୁହଁର ଅତିପାଖକୁ ବହି ନେଇ ପଢୁଥିବ ।
- କୌଣସି ଲେଖା ବା ଚିତ୍ର ଅସ୍ପଷ୍ଟ ଦେଖାଯିବା ।
- ଅତିଶୟ ଭାବରେ ଆଖି ଦଳୁଥିବ ।
- ଆଖି କ୍ରମାଗତ ଭାବେ ଭ୍ରୁକୁଞ୍ଚନ ହେଉଥିବ
- ଦୃଶ୍ୟକାର୍ଯ୍ୟରେ ଗୋଟିଏ ଆଖିକୁ ବନ୍ଦ କରି ଜିନିଷକୁ ଦେଖୁଥିବ ।
- କୌଣସି ଜିନିଷକୁ ଦେଖିବା ବେଳେ ମୁଣ୍ଡକୁ ଢ଼ଳେଇ କରି ରଖୁଥିବ ।

- ଭଲଭାବରେ ଦେଖିବା ପାଇଁ ଆଗକୁ ନଉଁଥିବ ।
- ଅଧିକ ମାତ୍ରାରେ ଆଖି ମିଟିମିଟି କରୁଥିବ ।
- ଆଲୋକ ପ୍ରତି ଅତ୍ୟଧିକ ସମ୍ବେଦନଶୀଳ /ପ୍ରତିକ୍ରିୟା ଶୀଳ ହେଉଥିବ ।
- ଆଖିର ନିକଟରେ ବା ଆଖି ସମୀପସ୍ଥ କାର୍ଯ୍ୟ କରିବା ବେଳେ ଚିଡ଼ିଚିଡ଼ା ସ୍ୱଭାବ ଦେଖାଇବା ।
- କୌଣସି କାମକୁ ଠିକଣାଭାବେ ନକରିବା ବା କୌଣସି ସ୍ଥାନରେ ପହଞ୍ଚିବା ବେଳେ ଠିକ୍ ଭାବେ ପହଞ୍ଚି ନପାରିବା ।
- କଳାପଟାରେ ଲେଖାଥିବା ଅକ୍ଷରକୁ ପଢ଼ିବାରେ ଅସୁବିଧାର ସମ୍ମୁଖିନ ହେବା
- ପଢ଼ିବା ବେଳେ ଆଙ୍ଗୁଳି ଟିପ ଦେଇ ପଢ଼ିବା ।

(ଉତ୍ସ: Bishop, 1996, American Academy of Pediatrics 2011, Eye-Q-India 2011, Julka, A1999)

ଏହି ଲକ୍ଷଣ ଗୁଡ଼ିକରୁ ଧରି ନିଆଯିବ ଯେ ଶିଶୁଠାରେ ଅନ୍ୟ କୌଣସି ମାଂସପେଶୀର ସମସ୍ୟା ନାହିଁ

**ସ୍ୱତନ୍ତ୍ର ଆବଶ୍ୟକ ପନ୍ଥା**

ଅଣଦୃଶ୍ୟ ପ୍ରକାରର କାର୍ଯ୍ୟ ମାଧ୍ୟମରେ ଶିକ୍ଷଣ :

ସ୍ପର୍ଶ : ବାସ୍ତବ, ସ୍ଥୁଳବସ୍ତୁର ବ୍ୟବହାର

ଶ୍ରବଣ: ସବିଶେଷ ଓ ବର୍ଣ୍ଣନାତ୍ମକ ସୂଚନାର ବହୁଳ ବ୍ୟବହାର

ଶୁଙ୍ଘିବା ଓ ଚାଖିବା : ବାସ୍ତବ ଓ ସ୍ଥୁଳବସ୍ତୁ ସହ ସଂପୃକ୍ତ ଶୁଙ୍ଘିଂବା ଓ ଚାଖିବା କାର୍ଯ୍ୟର ବ୍ୟବହାର ।

**ସ୍ୱତନ୍ତ୍ର ଆବଶ୍ୟକଭିତ୍ତିକ ବିଚାର:**

ଶିକ୍ଷାର୍ଥୀଠାରେ ଥିବା ଦୃଶ୍ୟ କୌଶଳର ବ୍ୟବହାର, କେଉଁଠାରେ/ କେତେବେଳେ ଶିକ୍ଷାର୍ଥୀଙ୍କୁ କଳାପଟାର ନିକଟରେ ବସାଇବେ

ପ୍ରତିଫଳିତ ପୃଷ୍ଠର କମ୍ ବ୍ୟବହାର

ଉପଯୁକ୍ତ ଆଲୋକ ବ୍ୟବସ୍ଥା

ଭିନ୍ନ ଭିନ୍ନ ଅସମତା / ବୈସାଦୃଶ୍ୟ ରଙ୍ଗର ବ୍ୟବହାର ।

ସ୍ୱତନ୍ତ୍ର ଧରଣର ଶିକ୍ଷଣ ସାମଗ୍ରୀର ବ୍ୟବହାର ଯେପରି (ବ୍ରେଲ ସ୍ଲେଟ୍, ଟେଲର ଫ୍ରେମ୍,ଗଣିତ କିଟ୍)

ପାରିପାର୍ଶ୍ୱିକ ଜ୍ଞାନ ଓ ଗତିଶୀଳତା ସୂଚନା ।

## ଦୃଷ୍ଟିବାଧିତ ଶିକ୍ଷାର୍ଥୀର ଅନ୍ତର୍ଭୁକ୍ତି ପାଇଁ କେତେକ ପ୍ରସ୍ତାବନା

- ✍ ଶ୍ରେଣୀରେ ଆଗଧାଡ଼ିରେ ପିଲା ପାଇଁ ସ୍ଥାନ ସଂରକ୍ଷଣ ହେବା ଆବଶ୍ୟକ କିମ୍ବା ଶିକ୍ଷକଙ୍କ ଖୁବ୍ ପାଖରେ ବସାଇବା ଆବଶ୍ୟକ ।
- ✍ ଶ୍ରେଣୀକୋଠରିର ପ୍ରବେଶ ପଥ ବାଧାମୁକ୍ତ ହେବା ଆବଶ୍ୟକ ଓ ଶ୍ରେଣୀ କୋଠରିରେ ପର୍ଯ୍ୟାପ୍ତ ଖୋଲା ସ୍ଥାନ ରହିବା ଦରକାର ।
- ✍ ପିଲା ସହିତ ସ୍ୱତନ୍ତ୍ର ଭାବରେ ତା'ର ନାମ ଧରି କଥାବାର୍ତ୍ତା କରିବାକୁ ଥିବାବେଳେ ଡ଼ାକନ୍ତୁ ।
- ✍ ଦତ୍ତ କାର୍ଯ୍ୟଗୁଡ଼ିକରେ ଆବଶ୍ୟକ ପରିବର୍ତ୍ତନ / ସମଯୋଜନ କରାଯିବା ଆବଶ୍ୟକ । (କେତେକ ନମୁନା ଉଦାହରଣ ପୃ- ୨୩-୪୩ ରେ ଦିଆଯାଇଛି)
- ✍ ଶିକ୍ଷାର୍ଥୀଙ୍କୁ ସ୍ପର୍ଶକରିବା ନିମନ୍ତେ ଉଚ୍ଚା ଗ୍ରାଫ୍ ଓ ଚିତ୍ର ଖାତାରେ ଦିଅନ୍ତୁ । ପୃଷ୍ଠା 34ରେ ଥିବା କେତେକ ନମୁନା ଉଦାହରଣ ଦେଖନ୍ତୁ ।
- ✍ ବିକଳ୍ପ ଉଦାହରଣକୁ ବ୍ୟବହାର କରନ୍ତୁ (ଉଦାହରଣ ସ୍ୱରୂପ- ଶିକ୍ଷକ କେତେକ ପ୍ରଶ୍ନକୁ କଳାପଟାରେ ଲେଖି ପିଲାମାନଙ୍କୁ ସେଗୁଡ଼ିକ ନିଜ ଖାତାରେ ଲେଖିନେବାକୁ କହିଥାନ୍ତି; କିନ୍ତୁ ତା'ବଦଳରେ, ଦୃଷ୍ଟିବାଧିତ ପିଲାପାଇଁ ପ୍ରସ୍ତୁତ କାର୍ଯ୍ୟଫର୍ଦ୍ଦ ଦିଆଯାଇପାରିବ, ଯେଉଁଥିରେ ପ୍ରଶ୍ନ ଲେଖାଥିବ ଓ ପିଲା ସିଧାସଳଖ ସେଥିରେ ଉତ୍ତର ଲେଖିପାରିବ ।)
- ✍ ଏହା ମନେରଖନ୍ତୁ, ଶ୍ରେଣୀରେ ବ୍ୟବହୃତ ହେଉଥିବା ଅନେକ ସାମଗ୍ରୀ ସହିତ ଦୃଷ୍ଟିବାଧିତ ପିଲାମାନେ ପୂର୍ବରୁ ପରିଚିତ ନଥାନ୍ତି । (ଉଦାହରଣ ସ୍ୱରୂପ ଖାଦ୍ୟର ଅନ୍ୟ ରୂପ: ଭଜା ମକା ମଞ୍ଜି ବନାମ ମକା ମଞ୍ଜି, କଟା ଆମ୍ବ, ଗୋଟାଳିଆ ଆମ୍ବ; ବସ୍ତୁ ଓ ତାର ଉତ୍ସ: ପାଣି -ବରଫ, ଦହି-ଘୋଳ ଦହି; କ୍ଷୀର-ଗାଈ), ବୃତ୍ତି (ଦରଜୀ ଡ଼ାକ୍ତର, ଇଞ୍ଜିନିୟର)

## ଦୃଷ୍ଟିବାଧିତ ଛାତ୍ର ଉପସ୍ଥାପନରେ ଅନ୍ତର୍ନିବେଶୀ ଶ୍ରେଣୀଗୃହ ପରିଚାଳନା

- ✍ କଥାକୁହା ବହି (talking books), ଟେପ୍ ରେକର୍ଡ଼ର, କମ୍ପ୍ୟୁଟର ଭଳି ଶିକ୍ଷଣ ସାମଗ୍ରୀର ବ୍ୟବହାର ।
- ✍ ରଙ୍ଗ, ଅସମତା ରଙ୍ଗ ତଥା କପଡ଼ାର ବ୍ୟବହାର କରନ୍ତୁ ।
- ✍ ଶ୍ରେଣୀରେ ବା ବିଦ୍ୟାଳୟରେ କୋଳାହଳକୁ କମ୍ କରିବାକୁ ଚେଷ୍ଟା କରନ୍ତୁ ଯେପରି ଦୃଷ୍ଟିବାଧିତ ପିଲାମାନେ ଆପଣଙ୍କ ବହୁମୂଲ୍ୟ କଥାକୁ ଭଲଭାବରେ ଶୁଣିପାରିବେ ।
- ✍ କଥାକହୁଥିବା ବେଳେ, ପିଲାଙ୍କ ଆଡ଼କୁ ମୁହଁକରି କୁହନ୍ତୁ । ଯଦି ଆପଣ ଅନୁଭବ କରୁଥାଆନ୍ତି ଯେ ଦୃଷ୍ଟିବାଧିତ ପିଲାଟିଏ ଶ୍ରେଣୀରେ ଅମନଯୋଗୀ ଅଛି, ତେବେ ତାଙ୍କର କାନ୍ଧ ବା ବାହୁକୁ ଛୁଇଁ ଦିଅନ୍ତୁ; ଏହା ତାଙ୍କୁ ସୂଚନା ଦେବ ଯେ ଆପଣ ସେହି ପିଲାକୁ ଶ୍ରେଣୀର ଆଲୋଚନା ଓ ଆପଣଙ୍କ ସୂଚନାରେ ସାମିଲ କରିବାକୁ ଚାହାନ୍ତି ।

- ✍ ଦୃଷ୍ଟିବାଧିତ ପିଲାକୁ ପାଠ୍ୟପୁସ୍ତକର ପଢ଼ାଯାଉଥିବା ଅଂଶର ବଡ଼ ଛପା ଫର୍ଦ୍ଦ (Large Print Material) ଓ ବ୍ରେଲ୍ ରୂପର ସାମଗ୍ରୀ ଦିଅନ୍ତୁ ଯଦ୍ୱାରା ଶ୍ରେଣୀରେ ସେ ସାଧାରଣ ପିଲାଙ୍କ ସହିତ ପଢ଼ିପାରିବ ।

- ✍ ଆବଶ୍ୟକସ୍ଥଳେ ଦୃଷ୍ଟିବାଧିତ ପିଲାର ଜଣେ ସହପାଠୀକୁ ତା'କୁ ସହାୟତା କରିବାର ଦାୟିତ୍ୱ ଦିଅନ୍ତୁ (ଭିନ୍ନ ଭିନ୍ନ କାର୍ଯ୍ୟ ଓ ବିଷୟପାଇଁ ଅଲଗା ଅଲଗା ପିଲାଙ୍କୁ ବାଛନ୍ତୁ ଯଦ୍ୱାରା ସାମାଜିକୀକରଣ ଲକ୍ଷ୍ୟ, ଅନ୍ୟମାନଙ୍କ ଦ୍ୱାରା ଆଦୃତ ହେବା ତଥା ଶ୍ରେଣୀରେ ଥିବା ବିଭିନ୍ନତା ବା ପାର୍ଥକ୍ୟକୁ ବୁଝିବାରେ ଏହା ସହାୟକ ହେବ)

- ✍ ବାସ୍ତବ ବସ୍ତୁ ବ୍ୟବହାର କରନ୍ତୁ ଏବଂ ଦୃଷ୍ଟିବାଧିତ ପିଲାକୁ ତାହା ଛୁଇଁ ସେଥିରୁ ଅଭିଜ୍ଞତା ଆହରଣ କରିବାକୁ କୁହନ୍ତୁ । (ଆପଣ ପାଠକୁ ଅନ୍ତର୍ନିବେଶୀ ତଥା ଆନନ୍ଦଦାୟକ କରିପାରିବ ଓ ପିଲାକୁ ଅଧିକରୁ ଅଧିକ ଅଭିଜ୍ଞତା ପ୍ରଦାନ କରିପାରିବେ)

- ✍ ଦୃଷ୍ଟିବାଧିତ ପିଲାକୁ ଉପଲବ୍ଧ ସ୍ପର୍ଶଜନିତ ଲେଖଚିତ୍ର ଓ ଚିତ୍ର ଦିଅନ୍ତୁ (ପୃ 34 ଓ 42ରେ ଥିବା ଉଦାହରଣ ଦେଖନ୍ତୁ)

- ✍ ସର୍ବଦା ବିକଳ୍ପ ଦଉକାର୍ଯ୍ୟ ସମ୍ପର୍କରେ ଚିନ୍ତା କରନ୍ତୁ (ପୂର୍ବ କୋଠରିରେ ଏହା ବର୍ଣ୍ଣନା କରାଯାଇଛି)

**ଦୃଷ୍ଟିବାଧିତ ଛାତ୍ର ଉପସ୍ଥାପନରେ ଅନ୍ତର୍ନିବେଶୀ ଶ୍ରେଣୀଗୃହ ପରିଚାଳନା**

- ✍ ମିଶ୍ରିତ ଦଳର ବ୍ୟବହାର କରନ୍ତୁ । ଶ୍ରେଣୀର ପିଲାମାନଙ୍କୁ ଦଳରେ ଭାଗ କରନ୍ତୁ । ଦୃଷ୍ଟିବାଧିତ ପିଲାକୁ ସ୍ଥୁଳବସ୍ତୁ ବ୍ୟବହାର କରି ଆବଶ୍ୟକ ସହାୟତା ଦେବାରେ ଏହା ଆପଣଙ୍କ ନିମନ୍ତେ ସୁଯୋଗ ସୃଷ୍ଟି କରିବ ।

- ✍ ଶ୍ରେଣୀଗୃହକୁ ନୂତନ ମାର୍ଗରେ ସଙ୍ଗଠନ କରନ୍ତୁ ଯଦ୍ୱାରା ଦୃଷ୍ଟବାଧିତ ପିଲାର ଆବଶ୍ୟକକୁ ଆପଣ ପରିପୂରଣ କରିପାରିବେ, ଉଦାହରଣ ସ୍ୱରୂପ - ଅର୍ଦ୍ଧବୃତ୍ତାକୃତି କିମ୍ବା ବୃତ୍ତାକୃତି ଶ୍ରେଣୀ ବ୍ୟବସ୍ଥା ।

- ✍ କୌଣସି ନ୍ୟସ୍ତକାର୍ଯ୍ୟର ସମାପ୍ତି ନିମନ୍ତେ ଦିଆଯାଇଥିବା ସମୟ ସମ୍ପର୍କରେ ନମନୀୟ ହୁଅନ୍ତୁ । ଦୃଷ୍ଟିବାଧିତ ପିଲା ଓ ତାର ସହପାଠିମାନେ ଦଳଗତ କାର୍ଯ୍ୟ କରୁଥିବାବେଳେ କାର୍ଯ୍ୟ ସମାପ୍ତିର ସମୟରେ ନମନୀୟ ହେବା ଭଲ କାରଣ ଦୃଷ୍ଟିବାଧିତ ପିଲାଟି ତଥ୍ୟର ବ୍ୟବହାର କରିବା ବେଳେ ସାଧାରଣ ପିଲାଙ୍କ ତୁଳନାରେ ଅଧିକ ସମୟ ନେଇଥାଏ ।

- ✍ ସମଗ୍ର ଶ୍ରେଣୀରେ ବହୁଥିବାବେଳେ ଆପଣଙ୍କ ସୂଚନା ନିର୍ଦ୍ଦିଷ୍ଟ ହେବା ଦରକାର । (ଯଥା-ବହିର ଏହି ପୃଷ୍ଠା ଖୋଲି କହିବା ବଦଳରେ ପୃଷ୍ଠା ସଂଖ୍ୟା-5 କୁ ଖୋଲିବାକୁ କହିପାରିବେ)

- ✍ ମୌଖିକ ସୂଚନା ସହ ମୁଖମଣ୍ଡଳର ଭାବକୁ ମଧ୍ୟ ବ୍ୟବହାର କରନ୍ତୁ ।

- ✍ ଯଦି ଦୃଷ୍ଟିବାଧିତ ପିଲାଟି ଶ୍ରେଣୀକାର୍ଯ୍ୟ କରୁନାହିଁ ବା ଆପଣଙ୍କ ସୂଚନାକୁ ଅନୁସରଣ କରୁନାହିଁ, ତେବେ ସେ ବୁଝିନାହିଁ ବୋଲି ଧରିନେବାକୁ ହେବ (ଉଦାହରଣ ସ୍ୱରୂପ, ଆପଣ କଳାପଟାରେ ଲେଖୁଥିବା ସମୟରେ ସେ ଶ୍ରେଣୀକାର୍ଯ୍ୟରେ ଭାଗନେଇ ପାରେ ନ ପାରେ ଓ ସେହି ସମୟରେ ସେ ପାଖରେ ବସିଥିବା ପିଲା ସହିତ କଥାବାର୍ତ୍ତା କରିପାରେ । ସେ ଜାଣିପାରେ ନାହିଁ ଯେ ଶ୍ରେଣୀର ସମସ୍ତ ପିଲା କଳାପଟା କାର୍ଯ୍ୟକୁ କରୁଛନ୍ତି ।) ଆପଣ ସେମାନଙ୍କଠାରୁ କ'ଣ ଆଶା କରୁଛନ୍ତି ତାହା ପ୍ରତ୍ୟେକ ପିଲା ବୁଝିଛନ୍ତି ବୋଲି ନିଶ୍ଚିତ ହୁଅନ୍ତୁ ।

## ଦୃଷ୍ଟିବାଧିତ ପିଲା ପାଇଁ ପଠନକାର୍ଯ୍ୟକୁ ସୁଗମ କରାଇବା

| ପଠନ ସମୟର ସମସ୍ୟା । | ଆପଣ କ'ଣ କରିପାରିବେ |
| --- | --- |
| ଆଖି ଓ ହାତର ଚଳନରେ ଅନିୟମିତତା । | ପିଲାକୁ ଲକ୍ଷ୍ୟ କୈନ୍ଦ୍ରିକ ହେବାକୁ କୁହନ୍ତୁ । ଧିରେ ଧିରେ ସେ ପଠନ ସାମଗ୍ରୀର ନିର୍ଦ୍ଦିଷ୍ଟ ଅଂଶକୁ ଭଲଭାବରେ ଦୃଷ୍ଟିନିବେଶ କରିପାରିବ । |
| ଅକ୍ଷରଗୁଡ଼ିକ ପିଲାକୁ ଅସ୍ପଷ୍ଟ ଦେଖାଯାଇପାରେ । | ବୈସାଦୃଶ୍ୟ () ଅସିମତାକୁ ବଢ଼ାନ୍ତୁ ତଥା ଆଲୋକକୁ ବ୍ୟବସ୍ଥିତ କରନ୍ତୁ । |
| ପଢ଼ିବା ସମୟରେ ଧାଡ଼ି ଛାଡ଼ି ଦେଇପାରେ, ଧାଡ଼ିର କିଛି ଅଂଶ କେବଳ ପଢ଼ିଥାଏ । ଧାଡ଼ିର ବାମ ଧାରକୁ ଖୋଜିବାରେ ଅସମର୍ଥ ହୋଇଥାଏ ଫଳରେ ପୃଷ୍ଠାର ଡ଼ାହାଣ ପାର୍ଶ୍ୱ ପର୍ଯ୍ୟନ୍ତ ଠିକ୍‌ରେ ଅଗ୍ରଗତି କରି ପାରିନଥାଏ । | ଧାଡ଼ିର ଆରମ୍ଭକୁ ଚିହ୍ନିତ କରିବା ପାଇଁ ଆଙ୍ଗୁଠି ବା କାଗଜ କ୍ଲିପ୍ ବ୍ୟବହାର କରନ୍ତୁ ।<br>ଧାଡ଼ିର ଧାରକୁ ଜାଣିବା ପାଇଁ ରଙ୍ଗୀନ କାଳି ବ୍ୟବହାର କରନ୍ତୁ ଏହା ଦୃଶ୍ୟ ଆଭାସ () ଭାବେ କାର୍ଯ୍ୟକରିଥାଏ । |
| ସମାନ ଦେଖାଯାଉଥିବା ଅକ୍ଷରରେ ବିଭ୍ରାନ୍ତ ହୋଇଥାଏ, ଶବ୍ଦର ବନାନ କହିଥାଏ କିନ୍ତୁ ଉଚ୍ଚାରଣ କରିପାରିନଥାଏ । ଶବ୍ଦକୁ ଓ ଶବ୍ଦର ନଥିବା ଅକ୍ଷରକୁ ଅନ୍ଦାଜ କରି କହିଥାଏ । | ବଡ଼ ଛାପା ଫର୍ଦ୍ଦ, ବୈସାଦୃତ ଓ ରଙ୍ଗ ଥିବା ଲେଖା, ଅକ୍ଷର ମାନଙ୍କ ମଧ୍ୟରେ ଅଧିକ ସ୍ଥାନ ଥିବା ଲେଖା ଦିଅନ୍ତୁ । ଆପଣ ମଧ୍ୟ ଉଚ୍ଚାରଣ ଶିଖିବାରେ ସେମାନଙ୍କୁ ସାହାଯ୍ୟ କରିପାରିବେ । |
| ଧିରେ ଧିରେ (ମନ୍ଥର ଗତି)ରେ ପଢ଼ିଥାନ୍ତି ଓ ଯାହା ପଢ଼ିଲେ ତାକୁ ଭୁଲିଯାନ୍ତି । | ଅଳପ କେତୋଟି ଧାଡ଼ି ପଢ଼ିବାରେ ପରେ ଅଟକିବାକୁ କହନ୍ତୁ ଓ ସେହି ପଢ଼ିବା କାର୍ଯ୍ୟକୁ ଦୋହରାଇବାକୁ କହନ୍ତୁ । |
| ଅକ୍ଷର ବା ଲେଖାଗୁଡ଼ିକ ଘଞ୍ଚ/ ଗହଳି ହେବା ଭଳି ବା ଗୋଟିଏ ସ୍ଥାନରେ ଠୁଳ ହୋଇଥିବା ଭଳି ଜଣାପଡ଼ିବ । | ପ୍ରତ୍ୟେକ ଶବ୍ଦ ତଳେ ଆଙ୍ଗୁଳି ଚାଳନା କରିବାକୁ କହନ୍ତୁ । ଆଙ୍ଗୁଳି ନ ଉଠାଇ ଗୋଟିଏ ଶବ୍ଦପରେ ଗୋଟିଏ ଶବ୍ଦ ପଢ଼ିବାକୁ କହନ୍ତୁ ।<br>ପଢ଼ିବା ସମୟରେ ସ୍କେଲ ବ୍ୟବହାର କରିବାକୁ କହନ୍ତୁ । ଧାଡ଼ି ତଳେ ସ୍କେଲକୁ ରଖନ୍ତୁ ଓ ସେହି ଧାଡ଼ି ପଢ଼ି ସାରିବା ପରେ ପରବର୍ତ୍ତୀ ଧାଡ଼ି ତଳେ ସ୍କେଲ ରଖନ୍ତୁ । |



## ସମଯୋଜନର ଉଦାହରଣ

### ଗଣିତ

1. ପିଲାଙ୍କୁ 'ସମୟ' ସଂପର୍କରେ ଧାରଣା ଦେବାପାଇଁ ଅନେକଗୁଡ଼ିକ ବାସ୍ତବଜୀବନର ପରିସ୍ଥିତି ଦିଆଯାଇପାରେ କୌଣସି ଏକ ଖରାଟିଆ ଦିନରେ ପିଲାମାନଙ୍କୁ ସକାଳେ, ମଧ୍ୟାହ୍ନ ଓ ସନ୍ଧ୍ୟାବେଳେ ବାହାରକୁ ଆଣନ୍ତୁ । କୌଣସି ଦିନର ବିଭିନ୍ନ ପର୍ଯ୍ୟାୟ ମଧ୍ୟରେ ପାର୍ଥକ୍ୟକୁ ଅନୁଭବ କରିବାରେ ଏହା ସହାୟକ ହେବ ।

2. ଯୋଗର କ୍ରମବିନିମୟୀ ଧର୍ମର ଶିକ୍ଷାଦାନ ନିମନ୍ତେ, ଦୁଇଟି ଭିନ୍ନ ବାଲଟି ମଧ୍ୟରେ ଦୁଇ ଭିନ୍ନ ପ୍ରକାରର ଜିନିଷ (ଚକୋଲେଟ୍ ଓ ବଲ) ରଖନ୍ତୁ । ପିଲାମାନଙ୍କୁ ଉଭୟ ବସ୍ତୁକୁ ଗଣି ଯୋଗ କରିବାକୁ କହନ୍ତୁ, ଉଦାହରଣସ୍ୱରୁପ, ଦୁଇଟି ଚକୋଲେଟ୍ ଓ ତିନୋଟିରେ ଓ ପରେ ତିନୋଟି ଚକୋଲେଟ୍ ସହ ଦୁଇଟ ବଲ୍




3. ପିଲାଙ୍କୁ 'ଆୟତନ' ସମ୍ବନ୍ଧୀୟ ଧାରଣା ଦେବାପାଇଁ ଦଳଗତ କାର୍ଯ୍ୟ କରାଯାଇପାରେ, ଉଦାହରଣ ସ୍ୱରୂପ,

   ଅଲଗା ଅଲଗା ଦୁଇ ପ୍ରକାରଆକାର ବିଶିଷ୍ଟ ପାଣି ବୋତଲ ନିଅନ୍ତୁ ଏବଂ ପିଲାଙ୍କୁ ସେଗୁଡ଼ିକୁ ପାଣି ଭର୍ତ୍ତି କରିବାକୁ ସୂଚନା ଦିଅନ୍ତୁ । ଧରାଯାଉ, ପ୍ରଥମ ବୋତଲ ତିନି ଗ୍ଲାସ ପାଣି ଧରିଲା । ଏବଂ ଦ୍ୱିତୀୟ ବୋତଲରେ ଦୁଇ ଗ୍ଲାସ ପାଣି ଧରିଲା । ଏଣୁ ପ୍ରଥମ ବୋତଲର ଧାରଣ ଶକ୍ତି ଦ୍ୱିତୀୟ ବୋତଲ ଅପେକ୍ଷା ଅଧିକ ଅଟେ । ପିଲାମାନେ ପାଣି ଭର୍ତ୍ତିକରିବା, ଗଣିବା ଓ ଲିପିବଦ୍ଧ କରିବା କାମ ଅଲଗା ଅଲଗା ପିଲା କରିପାରିବ ।

4. ଏହାପରେ ସମସ୍ତ ପିଲାଙ୍କୁ ନେଇ ଦୋକାନ କାର୍ଯ୍ୟ ଭଳି ମଜାଳିଆ କାର୍ଯ୍ୟର ଆୟୋଜନ କରିପାରିବେ । ସେମାନେ ଦୋକାନରୁ ଜିନିଷ କିଣି ତା'ବିନିମୟରେ ଟଙ୍କା ଦେବେ । ଏହାଦ୍ୱାରା ଦୃଷ୍ଟିବାଧିତ ପିଲାମାନେ ସ୍ପର୍ଶ କରି ମୁଦ୍ରା ଓ ନୋଟ୍ ଚିହ୍ନିପାରିବେ । ମୁଦ୍ରା ଓ ନୋଟ ମଧ୍ୟରେ ଥିବା ଭିନ୍ନତାକୁ ବୁଝିବା ପାଇଁ ଏହି କାର୍ଯ୍ୟକୁ ବାରମ୍ବାର କରନ୍ତୁ ।

### ପରିବେଶ ଶିକ୍ଷା

(1) ମେଘ ପାଇଁ ବର୍ଷା ପୂର୍ବରୁ ତାପମାତ୍ରାରେ ହ୍ରାସ ଘଟିଥାଏ - ଏ ସମ୍ପର୍କରେ ଶ୍ରେଣୀରେ ଆଲୋଚନା କରାଯାଇପାରେ । ପିଲାମାନଙ୍କୁ ଥଣ୍ଡା ସ୍ଥାନ ଯଥା: ଶୀତଳଭଣ୍ଡାର /ଫ୍ରିଜ୍‌କୁ ପାଖକୁ ନିଆଯାଇପାରେ ।

(2) 'ଦିନ ଓ ରାତି' ସଂପର୍କରେ ଧାରଣା ଦେବାକୁ ହେଲେ ଦିନର ବିଭିନ୍ନ ସମୟର ତାପମାତ୍ରା ମଧ୍ୟରେ ଭିନ୍ନତା /ପାର୍ଥକ୍ୟ ଓ ଦିନ ରାତିର କୋଳାହଳ ସମ୍ପର୍କରେ ଧାରଣା ଦିଅନ୍ତୁ । ଦିନଗୁଡ଼ିକ ଗରମ ଏବଂ କୋଳାହଳ ପୂର୍ଣ୍ଣ ଏବଂ ରାତିଗୁଡ଼ିକ ତୁଳନାତ୍ମକ ଭାବରେ ଶୀତଳ ଏବଂ ଶାନ୍ତ ।



(3) 'ମୂଳର କାର୍ଯ୍ୟ' ସମ୍ପର୍କରେ ବୁଝାଇବା ବେଳେ ପିଲାଙ୍କୁ କିଛି ଚାରାଗଛ ଆଣିବାକୁ କହନ୍ତୁ । ଚାରାଗଛ ଗୁଡ଼ିକର ନିମ୍ନଅଂଶ 'ବା' ଚେରଗୁଡ଼ିକୁ ଛୁଇଁବା ପାଇଁ ସୂଚନା ଦିଅନ୍ତୁ । ତା' ପରେ ସେଗୁଡ଼ିକୁ ରୋପଣ କରିବାକୁ ଦିଅନ୍ତୁ । କିଛି ଚାରାଗଛ ର ଚେର ଗୁଡ଼ିକୁ ଛିଣ୍ଡାଇ ସେଗୁଡ଼ିକୁ ରୋପଣ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ । କିଛି ଦିନ ଗଲାପରେ ପିଲା କେଉଁ ଗଛ ମରିଯାଇଛି, କେଉଁ ଗଛ ଜୀଇଁଛି ଦେଖିବେ ଓ ମୂଳର କାର୍ଯ୍ୟ ବୁଝିପାରିବେ ।

(4) ବିଭିନ୍ନ ପ୍ରକାର ପ୍ରାଣୀମାନଙ୍କ ମଧ୍ୟରେ ପାର୍ଥକ୍ୟକୁ ଜାଣିବା ପାଇଁ ସ୍ପର୍ଶାନୁଭୂତ ଚିତ୍ର ବା ମଡ଼େଲ ଗୁଡ଼ିକ ବ୍ୟବହାର କରନ୍ତୁ । ଦୃଷ୍ଟି ବାଧିତ ପିଲାମାନଙ୍କୁ ପ୍ରାଣୀମାନଙ୍କର ଶବ୍ଦ ସମ୍ପର୍କରେ ପରିଚିତ କରାଇବା ଆବଶ୍ୟକ ।

(5) କାଚ, ସୁନା ପ୍ରଭୃତି ବସ୍ତୁ ବା ଜିନିଷ ସମ୍ବନ୍ଧୀୟ ଧାରଣା ପିଲାମାନେ ସ୍ପର୍ଶ ମାଧ୍ୟମରେ ପାଇପାରିବେ । ବସ୍ତୁଗୁଡ଼ିକୁ ସ୍ପର୍ଶକରି ଓ ସେମାନଙ୍କର ବିନ୍ୟାସକୁ ଜାଣିବା ପାଇଁ କୁହାଯାଇପାରେ ଓ ସେ ସମ୍ପର୍କରେ ଆଲୋଚନା କରାଯାଇପାରେ ।

**ଭାଷା**

(1) ପିଲାଙ୍କୁ ପ୍ରଥମେ ନିଜ ସମ୍ପର୍କରେ ପୂରା ବାକ୍ୟରେ କହିବାକୁ ଉତ୍ସାହିତ କରନ୍ତୁ । ତା ପରେ ଅଂଗ ପ୍ରତ୍ୟଙ୍ଗ ଗୁଡ଼ିକୁ ସ୍ପର୍ଶ କରି ତା' ସମ୍ପର୍କରେ ବାକ୍ୟ କହିବାକୁ କହନ୍ତୁ । ନିଜ ଅଭିଜ୍ଞତାରୁ ଯେମିତି ପିଲା କହେ, ସେଥିପାଇଁ ପରିବେଶ / ବାତାବରଣ ସୃଷ୍ଟି କରନ୍ତୁ । ଉଦାହରଣ ସ୍ୱରୁପ ଗୋଟିଏ ଗରମ କପ୍ ଛୁଇଁବାକୁ କହି କୁହନ୍ତୁ, ଗୋଟିଏ ବାକ୍ୟ ଗଢ଼ିବାକୁ କହନ୍ତୁ: ଏହି କପ୍‌ଟି ଗରମ, ସେହିଭଳି ବିଭିନ୍ନ ଶବ୍ଦକୁ ଶୁଣିବାକୁ ସୁଯୋଗ ଦିଅନ୍ତୁ ।

(2) ବିଶେଷଣ ସମ୍ପର୍କରେ ଧାରଣାଦେବା ବେଳେ ପରିବେଶରୁ ବାସ୍ତବ ଦୃଷ୍ଟାନ୍ତ ନେଇ ତାକୁ ପରିପ୍ରକାଶ କରିବାକୁ କହିବେ । ଯେମିତି କି ତାଙ୍କୁ ତାଙ୍କ ସାଂଗସାଥୀଙ୍କ ସଂପର୍କରେ କହିବାକୁ ସୂଚନା ଦେବେ । ସ୍ପର୍ଶ ଜନିତ ବିଭିନ୍ନ ଅଭିଜ୍ଞତା ଆଧାରରେ ତାକୁ ବିଶେଷଣର ଧାରଣା ଦେବେ ।

(3) ଶ୍ରେଣୀରେ ଚିତ୍ର ଦେଖାଉଥିବାବେଳେ ଦୃଷ୍ଟିବାଧିତ ପିଲାପାଇଁ ତାକୁ ମୌଖିକ ଭାବରେ ବର୍ଣ୍ଣନା କରନ୍ତୁ । ଯେପରି କ'ଣ କିଏ, କେତେବେଳେ, କେଉଁଠାରେ ବୋଧଗମ୍ୟତା ଆଧାରରେ ପିଲାଙ୍କୁ ମୌଖିକ ଉତ୍ତର ଦେବାକୁ କହନ୍ତୁ ଓ ସାରାଂଶ ନିର୍ଣ୍ଣୟ କରିବାରେ ସହାୟତା ଦିଅନ୍ତୁ । ସ୍ପର୍ଶଜନିତ ଓ ମାଂସପେଶୀୟ ଅଭିଜ୍ଞତା ପିଲାକୁ ବୁଝିବାରେ ସହାୟକ ହୋଇଥାଏ । ଉଦାହରଣ ସ୍ୱରୂପ, ଲସି ଓ ଚା ମଧ୍ୟରେ ଥିବା ସାମଞ୍ଜସ୍ୟ ଓ ପାର୍ଥକ୍ୟକୁ ଜାଣିବା ।

# ଦୃଷ୍ଟିବାଧିତ ପିଲାଙ୍କ ପାଇଁ ସମଯୋଜନା- ଏକ ନମୁନା ଅଧ୍ୟାୟ

## ବିଷୟ: ଭାଷା (ଇଂରାଜୀ)

## ପ୍ରଥମ ଶ୍ରେଣୀ- ପୃଷ୍ଠା ୪୫ ରୁ ୫୦

## ଚତୁର୍ଥ ଅଧ୍ୟାୟ : Mittu and the yellow mango

ହଳଦିଆ ଭଳି ରଙ୍ଗର ଧାରଣା ଆମ୍ବ (mango) ସବୁଜ ଶୁଆ,'କଳା ରଙ୍ଗର କାଉ', ଲାଲଥଣ୍ଟ ସମ୍ପର୍କରେ ପଢ଼ାହେବା ବେଳେ ସେଗୁଡ଼ିକୁ ବସ୍ତୁ ସହ ସମ୍ପର୍କ ଓ କରାଯାଇପାରିବ । ଯେପରି ଶୁଆ ସବୁଜ ଘାସ ସବୁଜ, କାଉ କଳା ମୁଣ୍ଡଚୁଟି କଳା ।



ମିଟୁ ନାଁରେ ଶୁଆଟେ
ଗୋଟେ ଶାଗୁଆ ଶୁଆ
ତା ଥଣ୍ଟ ନାଲି
ମିଟୁ ବୁଲେ ଉଡ଼ି
ଏକ ବଡ଼ ଗଛରେ
ହଳଦିଆ ଆମ୍ବଟିଏ
ତା' ନଜର ଗଲାପଡ଼ି ।



ମିଟୁକୁ ଭଲ ଲାଗିଲା
ହଳଦିଆ ଆମ୍ବ ଖାଇବି ବୋଲି
ଖୁସିରେ ସିଏ କହିଲା
ସେଠାରୁ ତଳକୁ ଆସ୍ତେ ସିଏ ଉଡ଼ି ଆସିଲା



କା କା କା, ପଳା ଯା...
ଏହା ମୋର ବୋଲି ରାବଦେଲା କୁଆ
ମିଟୁ ଉପରକୁ ଦେଖିଲା ।
କା' କା' ଯା' ଯା କହୁଥିଲା
କାଉଟି ଥିଲା କଳା,
ବଡ଼ ପାଟିରେ କୁଆ କହିଲା
ମିଟୁ ତାକୁ ଦେଖିକରି
ଭୟରେ ଉଡ଼ିଗଲା ।

45



ଚଳପ୍ରଚଳକୁ ବ୍ୟାଖ୍ୟା କରିବାକୁ / ବୁଝାଇବାକୁ ଶିକ୍ଷଣ କାର୍ଯ୍ୟ ଓ ପ୍ରଦର୍ଶନକୁ ବ୍ୟବହାର କରାଯାଇପାରିବ ।

- ଉଡ଼ିବା (flying) କୁ ଦୋଳି ଖେଳ ଦ୍ୱାରା ବର୍ଣ୍ଣନା କରାଯାଇପାରିବ ।
- ପିଲାମାନେ ମଧ୍ୟ ସେମାନଙ୍କର ଦୁଇ ହାତକୁ ବିସ୍ତାରିତ କରି ଉପର ତଳ କରିପାରିବେ ।

ତଳ, ପଛ ଆଦି ଅବସ୍ଥିତିର ଧାରଣାକୁ ପ୍ରଦର୍ଶନ ଦ୍ୱାରା ବର୍ଣ୍ଣନା କରାଯାଇପାରିବ । ଆଉଗୋଟିଏ ପିଲାର ପଛପଟେ ଠିଆ ହୁଅ, ଟେବୁଲର ତଳେ ବହିଟିକୁ ରଖ । ପାଉଛର ତଳକୁ ଚିହ୍ନାଅ ।

ମିଟୁ ଦେଖିଲା ଲାଲବେଲୁନ୍
ଠିକ୍ ଗଛର ତଳେ
ତାର ଗୋଟିଏ ଧାରଣା ଆସିଲା
ବେଲୁନ ଉଠାଇ ଧରେ
ବେଲୁନ୍ ଯେପରି ଫାଟି ନ ଯାଏ
ଧୀରେ ଚଢ଼ିଲା ଆମ୍ବଗଛକୁ
କାଉଟି ସେଠି ବସିଥିଲା
ମିଟୁଗଲା ଗଛ ପଛକୁ





ନାଲିଥଣ୍ଟରେ ବେଲୁନ୍ ଠୁକିଲା
ବେଲୁନ ଫାଟିଲା ଠୋ
ବେଲୁନ୍ ଶବ୍ଦରେ କମ୍ପିଗଲା
ବେଲୁନ୍ ଶୁଭିଲା ଢ଼ୋ



କାଉ ରଡ଼ିଲା କା’ କା
ଗଛ ଉପରକୁ ଗଲା
କା’ କା’ ମୋ ପଛରେ ଗୋଟେ
ବଡ଼ ବନ୍ଧୁକ ଧାଉଁଛି ବୋଲି କହିଲା କାଉ
ରାବରେ କମ୍ପାଇ ଦେଇ ଭୟରେ କାଉ ଗଲା ... ଯେ ଗଲା
ଗଛକୁ ଫେରିଲା ନାହିଁ ।




ଫାଟିବା ଭଳି ଧାରଣାକୁ ଶିକ୍ଷଣକାର୍ଯ୍ୟ ମାଧ୍ୟମରେ ବର୍ଣ୍ଣନା କରିହେବ । ଉଦାହରଣ ସ୍ୱରୂପ- ପିଲାମାନେ ଗୋଟିଏ ବେଲୁନକୁ ଫୁଙ୍କି ତାହାକୁ ଫଟାଇବେ ଓ ଫାଟିବାର ଧାରଣାର ଅଭିଜ୍ଞତା ପାଇବେ ।

ମିଟୁ ଗଛକୁ ଆସିଲା
ହଳଦିଆ ଆମ୍ବ ଖାଇଲା
ଯୁମି ଯୁମି ରାବିଲା
ସୁନ୍ଦର ଆମ୍ବକୁ ଖୁମ୍ପିଲା
ଖୁସିରେ ସିଏ ନାଚି ନାଚି
ସୁନ୍ଦର ଗୀତ ଗାଇଲା ।



## ନୂତନ ଶବ୍ଦ

କଳା
କାଉ

ଆମ୍ବ
ଶୁଆ


## ଆସ ପଢ଼ିବା

ମୁଁ ଆମ୍ବ ଖାଇବାକୁ ଭଲପାଏ । / ମୋତେ ଆମ୍ବ ଖାଇବାକୁ ଭଲ ଲାଗେ ।
ମୁଁ କାଉକୁ ଶୁଆଇବାକୁ ଭଲପାଏ । ମୋତେ କାଉକୁ ଶୁଆଇବାକୁ ଭଲ ଲାଗେ ।

## କୌତୁକ ପଠନ / ପଠନ ଏକ ମଜା

- ମିଟୁ ଗଛ ଉପରେ କ'ଣ ଦେଖିଲା ?
- ବଡ଼ କଳାକାଉ କ'ଣ କହିଲା ?
- ମିଟୁ ଗଛତଳେ କ'ଣ ଦେଖିଲା ?

## ଆସ କଥା ହେବା

- ତୁମେ କ'ଣ ଆମ୍ବ ଖାଇବାକୁ ଭଲପାଅ ?
- ତୁମକୁ କ'ଣ ଶାଗୁଆ ଆମ୍ବ ଭଲ ଲାଗେ ? କାହିଁକି କିମ୍ବା କ'ଣ ପାଇଁ ?
- ତୁମକୁ କ'ଣ ହଳଦିଆ ଆମ୍ବ ଭଲ ଲାଗେ ? କାହିଁକି କିମ୍ବା କ'ଣ ପାଇଁ ?

ଆଂଶିକ ଦୃଷ୍ଟି ସମ୍ପନ୍ନ ପିଲା ପାଇଁ ବିବର୍ଦ୍ଧକ କାଚ ଓ ବଡ଼ ଛାପା ଫର୍ଦ୍ଦ ବ୍ୟବହାର କରି ସେମାନଙ୍କର ପଠନ କୌଶଳର ବିକାଶ କରାଯାଇପାରିବ । ପର୍ଯ୍ୟାପ୍ତ ଓ ଆବଶ୍ୟକ ଆଲୋକ, ବୈଷମ୍ୟ ବା ବୈସାଦୃଶ ରଙ୍ଗ, ବିସ୍ତାରିତ କରିବା ଦ୍ୱାରା ପଢ଼ିବାରେ ସହାୟକ ହୋଇଥାଏ ।

## ଆସ ଭାବ ବିନିମୟ କରିବା

ତୁମ ପସନ୍ଦ ଅନୁଯାୟୀ / ଅନୁସାରେ ଶୁଆ ଏବଂ ଲାଲ ଲଙ୍କାଟିକୁ ରଂଗ କର ।

ଗୋଟିଏ କାଗଜ ଡ୍ରଇଁ ସିଟ୍ କିମ୍ବା କାର୍ଡ଼ବୋର୍ଡ଼ରେ ମସୃଣ ଯୁକ୍ତ ଚିତ୍ର କରି ପିଲାଙ୍କୁ ଦିଅନ୍ତୁ । ପିଲାଏ ହାତରେ ଚିତ୍ରରୁ ଆକାର ଚିତ୍ରର ଅଂଶଗୁଡ଼ିକ ଜାଣିପାରିବେ । ଚିତ୍ରଟିକୁ ରଙ୍ଗ କରିବା ପାଇଁ ପିଲାମାନଙ୍କୁ ବିଭିନ୍ନ ରଙ୍ଗ ଦିଆଯାଇପାରେ ।





Sing



ମସୃଣଯୁକ୍ତ ଚିତ୍ରର ଧାର ଗୁଡ଼ିକ ଲାଗି ଛିଦ୍ରମାନ କରନ୍ତୁ । ତା ପରେ ଦୃଷ୍ଟି ବାଧିତ ପିଲାଙ୍କୁ ସେଇ ଚିତ୍ରଗୁଡ଼ିକରେ କ୍ରମାନୁସାରେ ସୂତା ଲଗାଇବାକୁ ସୂଚନା ଦିଅନ୍ତୁ । ଦେଖିବେ ପିଲା ଆଗ୍ରହ ସହ ଏହି କାର୍ଯ୍ୟ କରିବେ ଏବଂ ଚିତ୍ରର ଆକାର ସଂପର୍କରେ ଧାରଣା ପାଇବେ । ଏହି କାର୍ଯ୍ୟଟି କେବଳ ଟ୍ରେସିଂ କାର୍ଯ୍ୟର ପ୍ରତିବଦଳରେ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, ଆହୁରି ମଧ୍ୟ ଅଂଗପ୍ରତ୍ୟଙ୍ଗଆଦି ସଂଯୋଗ କ୍ରିୟା ମଧ୍ୟ ଏହା ଦ୍ୱାରା ବିକାଶ ହେବ ।

## କେଉଁ ଗଛରୁ କେଉଁ ଫଳ ଫଳେ, ମିଳାଅ



କଦଳୀ

ନଡ଼ିଆଗଛ





ନଡ଼ିଆ

ସେଓଗଛ





ସେଓ

କଦଳୀ ଗଛ





ଅଙ୍ଗୁର ପେନ୍ଥା

ଆମ୍ବଗଛ





ଆମ୍ବ

ଅଙ୍ଗୁରଲତା



ଏହି ପ୍ରଶ୍ନର ସମଯୋଜନା କରିବାବେଳେ ପିଲାମାନଙ୍କୁ କୁହନ୍ତୁଯେ ସେମାନେ ଫଳ ଓ ପରିବାର ରଙ୍ଗ କହିବେ ଏବଂ ଫଳ ଓ ପନିପରିବା ମଧ୍ୟରେ ପାର୍ଥକ୍ୟ ଦର୍ଶାଇବେ ।

ଆପଣ ମଧ୍ୟ ବିକଳ୍ପ ସମ୍ପର୍କରେ ଚିନ୍ତା କରିପାରନ୍ତି ।



ଖଣ୍ଡିଏ କାର୍ଡ଼ବୋର୍ଡ଼ ବା କାଗଜ ପୃଷ୍ଠାରୁ କାଟି ସ୍ପର୍ଶ ଅନୁଭୂତି ସମ୍ପନ୍ନ ଚିତ୍ର (Tactile) ତିଆରି କରାଯାଇଥାଏ । ଆପଣ କାର୍ଡ଼ବୋର୍ଡ଼କୁ କାଟି ଆବଶ୍ୟକ ଆକୃତି ପାଇପାରିବେ । ଦୃଷ୍ଟିବାଧିତ ପିଲା ନିଜର ଚିତ୍ରର ଆକୃତିର ଧାରରେ ହାତ ଚାଳନା କରି ତା'ର ନିର୍ମାଣ ସମ୍ପର୍କରେ ବୁଝିପାରିବେ ।



ସ୍ପର୍ଶ ଅନୁଭୂତି ସମ୍ପନ୍ନ ଚିତ୍ରର ଧାରକୁ ଲାଗି କ୍ଷୁଦ୍ର କଣା ତିଆରି କରାଯାଇପାରିବ । ଦୃଷ୍ଟିବାଧିତ ପିଲାକୁ ଏହି କଣା /ଛିଦ୍ର ଗୁଡ଼ିକରେ ସୂତା ଭର୍ତ୍ତିକରିବାକୁ କୁହାଯାଇପାରିବ । ଏହା କେବଳ ପିଲାକୁ ବସ୍ତୁର ଆକୃତିକୁ ବୁଝିବାରେ ସହାୟକ ହେବ ତାହାନୁହେଁ ବରଂ ମାଂସପେଶୀ ସମନ୍ୱୟ କରିବାରେ ସାହାଯ୍ୟ କରିଥାଏ ।

## ଗଣିତର ଏକ ନମୁନା ଅଧ୍ୟାୟର ସମଯୋଜନ (ଦୃଷ୍ଟିବାଧିତ ପିଲାଙ୍କ ପାଇଁ)

ବିଷୟ -ଗଣିତ , ଶ୍ରେଣୀ-ପ୍ରଥମ (ପୃଷ୍ଠା 44 ରୁ 152)

ଦଶମ ଏକକ - (ସଂରଚନା ସହ ଖେଳିବା)

ମୋଡ଼ା ହୋଇଥିବା ରିବନ୍ ଫିତାକୁ ସ୍ପର୍ଶ କରାଇ ଦୃଷ୍ଟିବାଧିତ ପିଲାକୁ ସଂରଚନାର ଧାରଣା ପଢ଼ା ଯାଇପାରିବ । ଝରକାର ଗ୍ରୀଲ୍, ଗୋଡ଼ି, ମାଳି, ପେନ୍‌ସିଲ୍ ଭଳି ବାସ୍ତବ ବସ୍ତୁଗୁଡ଼ିକୁ ଭିନ୍ନ ଭିନ୍ନ ସଂରଚନାରେ ସଜାଯାଇପାରିବ ।

### 10 ସଂରଚନା ସହ ଖେଳିବା

**ଆମ ଘରିପାଖରେ ଥିବା ସଂରଚନା**

ଦୈନନ୍ଦିନ ଜୀବନରେ ଆମେ ଅନେକ ଗୁଡ଼ିଏ ସଂରଚନା ଦେଖିଥାଉ ।

ଉଦାହରଣ ସ୍ୱରୂପ: ଆମେ ତଳେ ଦିଆଯାଇଥିବା ଜିନିଷଗୁଡ଼ିକ ଦେଖିଥାଉ

କଣ୍ଟା ତାର



ଝରକା ଗ୍ରୀଲ





ଗୋଟିଏ ସାପ

ତୁମ ଘରିପାଖକୁ ଦେଖ ଏବଂ ତିନୋଟି ଜିନିଷର ତାଲିକା କର, ଯେଉଁଥିରେ ତୁମେ କିଛି ସଂରଚନା ଲକ୍ଷ୍ୟ କରୁଛ ।

ତୁମ ଘରିପାଖରେ ଦେଖୁଥିବା କେତେକ ସଂରଚନା ଚିତ୍ର ଆଙ୍କ

## ସଂରଚନାରେ ଚିତ୍ର














ନିମ୍ନରେ କେତେ ଗୁଡ଼ିଏ ସଂରଚନା ଦିଆଯାଇଛି । ପ୍ରତ୍ୟେକ ସଂରଚନାରେ ଥିବା ନିୟମକୁ ଖୋଜ ଓ ଏହି ସଂରଚନାକୁ ଚାଲୁରଖ ।



A A B A A B

ସଂରଚନାର ନିୟମକୁ ଦଳଗତ ଶିକ୍ଷଣକାର୍ଯ୍ୟ ମାଧ୍ୟମରେ ବର୍ଣ୍ଣନା କରାଯାଇ ପାରିବ । ଗୋଟିଏ ଝିଅକୁ ଦୁଇଜଣ ପିଲାଙ୍କ ପରେ ଠିଆ ହେବାକୁ କୁହାଯାଇପାରିବ । ଏହି ଭଳି ପିଲାମାନେ ଠିଆହେବେ । ପିଲାମାନେ ଜଣଙ୍କ ପରେ ଜଣେ ସେମାନଙ୍କ ନାମ କହିବେ । ଅନ୍ୟ ପିଲାମାନେ ସେଥିରେ ଥିବା ସରଞ୍ଜନାକୁ ବୁଝିବେ ।

ଏଗୁଡ଼ିକୁ ମଧ୍ୟ ଚେଷ୍ଟା କର



**ମୋର ନିଜର ସଂରଚନା**

ତୁମର ସଂରଚନା ପ୍ରସ୍ତୁତ କରିବା ପାଇଁ ନିମ୍ନରେ ସ୍ଥାନ ଦିଆଯାଇଛି ।

ତୁମେ କରିଥିବା ସଂରଚନାକୁ ଆଗକୁ ବଢ଼ାଇବା ପାଇଁ ତୁମ ସାଙ୍ଗଙ୍କୁ କୁହ



ଆଳୁ ଓ ଭେଣ୍ଡିକୁ ଏଥିପାଇଁ ବ୍ୟବହାର କରାଯାଇପାରିବ । ଆଳୁ (ଯେଉଁଥିରେ ଖୋଦେଇ ହୋଇ ଡ଼ିଜାଇନ୍ ତିଆରି ହୋଇଥିବ), ଭେଣ୍ଡି ଯାହାକୁ ରଙ୍ଗରେ ବୁଡ଼ାଇ ଛାପ ସୃଷ୍ଟି କରିପାରିବ ।

## ଗୋପନୀୟ ବାର୍ତ୍ତା

ଅମ୍ରିତା ଓ ପରିତୋଷ ଗୋପନୀୟବାର୍ତ୍ତା ଲେଖୁଥିଲେ ।







ସେମାନେ କ'ଣ କହିବାକୁ ଚାହୁଁଛନ୍ତି ତୁମେ କହି ପାରିବକି ?

ସେମାନେ ଦୁଇଟି ଗୋପନୀୟ ବାର୍ତ୍ତା ଲେଖିଛନ୍ତି । ସେଥିରେ ଥିବା ସଂରଚନାକୁ ଲକ୍ଷ୍ୟକର ଓ ସେଥିରେ ଲୁଚିଥିବା ବାକ୍ୟକୁ ବାହାର କର ।

1I2L3O4V5E6Y7O8U

ATBHCIDS EBFOGOHK IIJS KFLUMN

ଏବେ ତୁମେ ତୁମ ନିଜର ଗୋପନୀୟ ବାର୍ତ୍ତା ତିଆରି କରି ପାରିବ ।

ଦଳଗତ ଶିକ୍ଷଣ କାର୍ଯ୍ୟ ପରିଚାଳନା କରନ୍ତୁ । ଦୃଷ୍ଟିବାଧିତ ପିଲାକୁ ଏହି କାର୍ଯ୍ୟ କରିବାକୁ ସୁଯୋଗ ଦିଅନ୍ତୁ ।

1,3, 5, 7 କିମ୍ବା 9ରେ ଶେଷ ହେଉଥିବା ସମସ୍ତ ସଂଖ୍ୟାକୁ ଅଯୁଗ୍ମ ସଂଖ୍ୟା କୁହାଯାଏ ।

400 ରୁ 410 ମଧ୍ୟରେ ଥିବା ସମସ୍ତ ଅଯୁଗ୍ମ ସଂଖ୍ୟାକୁ ଲେଖ

155 ଓ 166 ମଧ୍ୟରେ ଥିବା ସମସ୍ତ ଯୁଗ୍ମ ସଂଖ୍ୟାକୁ ଲେଖ

ଯେକୌଣସି ଅଯୁଗ୍ମ ସଂଖ୍ୟାରେ 1 ଯୋଗକଲେ ଆମେ ଗୋଟିଏ ଯୁଗ୍ମ ସଂଖ୍ୟା ପାଇବା । ଯଦି କୌଣସି ଯୁଗ୍ମ ସଂଖ୍ୟାରେ 1 ଯୋଗକରିବା, ତେବେ ଆମେ ଏକ ଅଯୁଗ୍ମ ସଂଖ୍ୟା ପାଇବା ।

ନାମକୁ କ୍ରମରେ ସଜାଇବା

ଆଦିଲ ଏହି ତାଲିକାରେ ଥିବା ନାମଗୁଡ଼ିକୁ ଏପରି ସଜାଡ଼ିବ ଯେପରି ପ୍ରଥମେ A ଅକ୍ଷରରେ ଆରମ୍ଭ ହେଉଥିବା ନାମଗୁଡ଼ିକ ରହିବ ଓ ପରେ B,C,D କ୍ରମରେ ଥିବା ନାମ ଗୁଡ଼ିକ ଆସିବ । ନାମଗୁଡ଼ିକ କେଉଁ କ୍ରମରେ ରହିବ ତାହାର ଡ଼ାହାଣ ପଟେ କ୍ରମାଙ୍କରେ ସୂଚାଅ ।

ଏହି କାର୍ଯ୍ୟକୁ ମୌଖିକ ଭାବେ କରାଯିବ । ବହୁତ ଗୁଡ଼ିଏ ଶବ୍ଦ ବଦଳରେ କମ୍ ଶବ୍ଦ ବ୍ୟବହାର କରାଯାଇପାରିବ ।

Sharada    Mahadevan    Tsering    Adil

Gurinder    Baichung    Harsha    Raja

Narayan    Kavita    Warsha    Elvis    Jalaj

(Jalaj) ର ନାମ ସ୍ୱତନ୍ତ୍ର ହୋଇଥିବାରୁ ସେ ନିଜକୁ ଗୌରବାନ୍ୱିତ ମନେକରୁଥିଲେ । ସେ କହିଲା ତାର ନାମକୁ ପଛଆଡୁ ପଢ଼ିଲେ ଠିକ୍ ସେୟା ହେବ । ନିମ୍ନସ୍ଥ କେଉଁ ନାମଗୁଡ଼ିକ ସେହି ସଂରଚନାରେ ଅଛି ? ଚିହ୍ନ ଦେଇ ସୂଚାଅ ।

Harsh. Anna. Kanak. Munna. Ongbi



# ଦ୍ୱାଦଶ ଅଧ୍ୟାୟ
# ପରିବର୍ତ୍ତିତ ସମୟ

ମୋର ନାମ ଚେତନ ଦାସ । ବହୁବର୍ଷ ଆଗରୁ ମୁଁ ତୁମପରି ପିଲାଙ୍କୁ ପାଠ ପଢ଼ାଉଥିଲି ।  ଏବେ ମୁଁ ଛୋଟଥିବାବେଳର ଘଟଣାକୁ ଲେଖି  । ସେଗୁଡ଼ିକମଧ୍ୟରୁ କେତେକକୁ ମୁଁ ତୁମମାନଙ୍କ ସହ ବିନିମୟ କରୁଛି ।

## ଏକ ବିରାଟ ଯାତ୍ରା

ମୋର ମନେପଡ଼େ, ମୁଁ ସେତେବେଳେ ନଅବର୍ଷର ହୋଇଥାଏ । ଏହା ପ୍ରାୟ ୬୦ ବର୍ଷ ତଳର କଥା । ଆମେ ସେତେବେଳେ ଡ଼େରା ଗଜିଖାନ୍‌ରେ ରହୁଥିଲୁ । ଆଜି ସେ ସ୍ଥାନ ପାକିସ୍ଥାନରେ ଅଛି । ସେ ସମୟରେ ଆମ ଘରିପାଖରେ ବହୁତ ସମସ୍ୟା ଥିଲା । ଯାହାସବୁ ଘଟିଗଲା ତାହା ମୁଁ ବୁଝି ପାରି ନଥିଲି । ଦିନେ ବାପା ଆମକୁ କହିଲେ ଯେ, ଆମକୁ ଏହି ଗାଁ ଛାଡ଼ି ଅନ୍ୟ ଏକ ସ୍ଥାନକୁ ଯାତ୍ରା କରିବାକୁ ପଡ଼ିବ ମୁଁ ମୋ ଗାଁ ଏବଂ ଘରୁ ଛାଡ଼ିବାକୁ ଦୁଃଖିତ ହେଲି । ମୋତେ ଦୁଃଖ ଲାଗିଲା । ସେହି ହେଉଛି ମୋ ଗାଆଁ, ଯେଉଁ ଗାଁରେ ମୋର ସବୁ ସାଙ୍ଗସାଥୀ ଥିଲେ ।









ଟ୍ରେନ୍, ଘର ପ୍ରଭୃତିର ମଡେଲ୍‌କୁ ଶିକ୍ଷଣ ପାଇଁ ବ୍ୟବହାର କରାଯାଇପାରିବ ।

ଶିକ୍ଷକଙ୍କ ପାଇଁ ସୂଚନା : ଏହି ଏକକର ପ୍ରାରମ୍ଭରେ ପିଲାଙ୍କୁ ଭାରତ କିପରି ଇଂରେଜ ଶାସନରୁ ସ୍ୱାଧୀନ ହେଲା ଏବଂ ଭାରତ -ପାକିସ୍ଥାନର କିପରି ଦୁଇଭାଗ ହେଲା । ସେ ସମ୍ପର୍କରେ କହନ୍ତୁ ଏବଂ ଭାରତ ଓ ପାକିସ୍ଥାନ ଦଇ ଦେଶକୁ ମାନଚିତ୍ରରେ ଦର୍ଶାନ୍ତୁ । ଘର, ଟ୍ରେନ୍‌ର ମଡେଲ ପ୍ରଦର୍ଶନ କରନ୍ତୁ ।



ବାବା, ଆମ୍ମା, ମୋ ଛୋଟ ଭାଇ ଭଉଣୀ ମିଶି ସମସ୍ତେ ଦିଲ୍ଲୀକୁ ଯିବା ପାଇଁ ରେଳଗାଡ଼ି ଧରିଲୁ । ଆମଭଳି ଆମ ଅଞ୍ଚଳର ବହୁଲୋକ ମଧ୍ୟ ଯାତ୍ରା କରୁଥିଲେ । ଲୋକେ କୁହାକୁହି ହେଉଥିଲେ ଯେ, ଆମ ଦେଶ ଭାରତ ଏବଂ ପାକିସ୍ଥାନ ନାମରେ ଦୁଇଭାଗ ହୋଇଗଲା । ଅନେକ ଲୋକ ଭାରତରୁ ପାକିସ୍ଥାନ ଯାଉଛନ୍ତି ଯେମିତି ଆମେ ଭାରତକୁ ଯାତ୍ରା କରୁଛୁ । ଆମେ ସମସ୍ତେ କିଛିଦିନ ପାଇଁ ଗୋଟିଏ ଟେଣ୍ଟ୍ (ଶିବିର) ରେ ରହିଲୁ । ଏକ ବଡ଼ ପଡ଼ିଆରେ ପୋତାହୋଇଥିବା ଏକ ଟେଣ୍ଟ (ଶିବିର) ରେ ଆମେ ରହୁଥିଲୁ ।

## ଏକ ନୂଆ ଘର

ଦିନେ ବାପା କହିଲେ ଯେ ଆମକୁ ଶୋହନା ଗାଁରେ କିଛି ଜାଗା ମିଳିଛି । ସେ ପୁଣି କହିଲେ, ଆମେ ସେଇଠି ଘରଖଣ୍ଡେ ତିଆରି କରିବା । ମୁଁ ଭାରି ଖୁସି ହେଲି । ବାପା ଓ ମା ଘର ତିଆରି ପାଇଁ କଠିନ ପରିଶ୍ରମ କଲେ । ସବୁ ପିଲାମାନେ ମଧ୍ୟ ଖୁବ୍ ସହଯୋଗ କଲୁ । ବାବା ମାଟି ଖୋଳିଲେ । ସେସବୁ ଭର୍ତ୍ତି କରି ମାଁଙ୍କ ପାଖକୁ ଆମେ ବଢ଼େଇ ଦେଉ ।



ଆମେ ପଡ଼ୋଶୀଘରୁ ଗୋବର ଆଣିଲୁ । ମା ସେସବୁକୁ କାଦୁଅ ସାଙ୍ଗରେ ମିଶାଇଲା । ସେ ସେହି ମିଶ୍ରଣକୁ ନେଇ ଚଟାଣ ଲିପିଲା, ଠିକ୍ ଯେମିତିକି ସେ ଆମର ପୁରୁଣା ଘରେ ବ୍ୟବହାର କରିଥିଲା । ମା କହୁଥିଲା ଯେ, ଏହାଦ୍ୱାରା ଜୀବାଣୁମାନେ ଆସନ୍ତି ନାହିଁ / ଜୀବାଣୁ ଦୂରକୁ ପଳାନ୍ତି । ତା' ପରେ ଛାତ ତିଆରିର ସମୟ ଆସିଲା ।

ମାନଚିତ୍ରଗୁଡ଼ିକୁ ସ୍ପର୍ଶ ଅନୁଭୂତି ସଂପନ୍ନ କରାଯାଇପାରିବ ଓ ପିଲାମାନେ ସେଥିରେ ସେମାନଙ୍କର ରାଜ୍ୟକୁ ଦେଖାଇବେ । ରାଜ୍ୟର ଅବସ୍ଥିତିକୁ ମଧ୍ୟ ମୌଖିକ ଭାବେ ବର୍ଣ୍ଣନା କରାଯାଇପାରିବ ।



କାଠପଟାକୁ ଯୋଡ଼ି ବାପା କବାଟ ତିଆରି କରି ତାହାକୁ ଝରି କାନ୍ଥରେ ଲଗାଇଲେ । ଆମେ ନିମ୍ବ କାଠ ନେଇ କବାଟ ଓ ଝରକା ତିଆରି କରିଥିଲୁ କାରଣ ସେସବୁକୁ ଉଇ ନଷ୍ଟ କରିପାରିବ ନାହିଁ । ମା ପୁରୁଣା ବ୍ୟାଗ ସବୁରେ ମାଟି ଭର୍ତ୍ତି କରି ତିଆରି କରିଦେଲେ । ଆମ ଘର ପାଖରେ ଥିବା ଅଧିକାଂଶ ଘର ଆମ ଘର ଭଳି ତିଆରି ହୋଇଥିଲା । କେତେକ ଘର ଭିନ୍ନ ଥିଲା । କିନ୍ତୁ ଆମର ଘରକୁ ବହୁତ ଭଲ ପାଉଥିଲି । ଏହା ପ୍ରାୟ ଆମର ପୁରୁଣା ଘର ପରି ଥିଲା ।

**ଖୋଜ ଓ ଲେଖ**

ତୁମେ ତୁମ ଜେଜେ ବାପା / ମା କିମ୍ବା ଅନ୍ୟ କୌଣସି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସହ କଥାବାର୍ତ୍ତା କର । ତାଙ୍କୁ ଯେତେବେଳେ ଆଠ – ନଅ ବର୍ଷ ବୟସ ହୋଇଥିଲା

- ସେମାନେ କେଉଁଠି ରହୁଥିଲେ ? ସେହି ସ୍ଥାନର ନାମ ଲେଖ
- କେଉଁ ଉପକରଣରେ ତାଙ୍କ ଘର ତିଆରି ହୋଇଥିଲା ?
- ସେମାନଙ୍କର ଘର ଭିତରେ ପାଇଖାନା ଥିଲା କି ? ଯଦି ନ ଥିଲା, ତାହା କେଉଁଠି ଥିଲା ?
- ଘରର କେଉଁ ଭାଗରେ ରୋଷେଇ କରୁଥିଲେ ?
- ଚେତନ ଦାସଙ୍କ ଘର ହେଉଥିବା ବେଳେ ଅନେକ ମାଟି କାଦୁଅ ବ୍ୟବହାର ହୋଇଥିଲା କାହିଁକି ?

**ଶିକ୍ଷକଙ୍କ ପାଇଁ :** ଶୋହନ ଗ୍ରାମ ହରିୟାନାରେ ଅବସ୍ଥିତ । ମାନଚିତ୍ରରେ ହରିୟାନା ଦର୍ଶାଇବାକୁ ପିଲାକୁ କୁହନ୍ତୁ । ମନେରଖନ୍ତୁ ଯେ, ଚେତନଦାସଙ୍କ ବାପା ମା ଯେଉଁ ଘର ତିଆରି କରିଥିଲେ ତାହାର ଉପକରଣ ଗୁଡ଼ିକ ପାଖ ଅଞ୍ଚଳରେ ହିଁ ଥିଲା । ଏଣୁ ତିଆରି ଘର ପାଇଁ ନିଜ ଅଞ୍ଚଳରେ ଉପଲବ୍ଧ ସୁଲଭ ଉପକରଣ ଏବଂ ସେଗୁଡ଼ିକର ବ୍ୟବହାର ସଂପର୍କରେ ପିଲାଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରନ୍ତୁ ।

ବାସ୍ତବ ଜୀବନର ଉଦାହରଣ ଯଥା:- ପିଲାମାନଙ୍କୁ ଟ୍ରେନ୍ ବଗି, ବସ୍, ନିର୍ମାଣ କାର୍ଯ୍ୟ ଚାଲିଥିବା ସ୍ଥାନକୁ ନେଇ ସେଗୁଡ଼ିକୁ ଦେଖାଇବା । କିମ୍ବା ନିମ୍ବ ଓ ଅନ୍ୟ ବୃକ୍ଷ ପିଲାଙ୍କୁ ଦେଖାଇ ସେଗୁଡ଼ି ସହ ପରିଚିତ କରାଇବା ।

# ୩ ଶ୍ରବଣ ବାଧକତାର ସ୍ୱଭାବ

ଶ୍ରବଣ ବାଧିତ କହିଲେ ଶ୍ରବଣ ଶକ୍ତିର ଅତ୍ୟଧିକ ନ୍ୟୂନତାରୁ ଉପୁଜୁଥିବା ଅବସ୍ଥାକୁ ବୁଝାଇଥାଏ । ଶ୍ରବଣ ଯନ୍ତ୍ର ବ୍ୟବହାର କରିବା ସତ୍ତ୍ୱେ ଯେଉଁମାନଙ୍କର ଶୁଣିବାର ଦକ୍ଷତା କମ୍ ଥାଏ, ସେମାନେ ଶ୍ରବଣ ବାଧିତ ଅଟନ୍ତି । ଅନ୍ୟ ସମସ୍ତ ଅକ୍ଷମତା ଭଳି ଶ୍ରବଣ ହ୍ରାସ ସବୁ ପିଲାଙ୍କର ସମାନ ଭାବରେ ହୋଇନଥାଏ । ଶ୍ରବଣ ବାଧିତ ପିଲାଙ୍କର ସ୍ୱଭାବ ଏବଂ ହ୍ରାସର ମାତ୍ରାକୁ ବିଚାର କଲେ ପ୍ରତ୍ୟେକ ପିଲା ପରସ୍ପର ଭିନ୍ନ ଅଟନ୍ତି । ଉପଯୁକ୍ତ ଶିକ୍ଷଣ ପାଇଁ, ଶ୍ରବଣ ହ୍ରାସର ପ୍ରକାର ଓ ମାତ୍ରା ଅନୁସାରେ ପ୍ରତ୍ୟେକ ପିଲା ପାଇଁ ଶିକ୍ଷଣ ଅଭ୍ୟାସ ଓ ଉପକରଣରେ ନିର୍ଦ୍ଦିଷ୍ଟ ଅନୁକୂଳନ ଆବଶ୍ୟକ ହୋଇଥାଏ ।

### ଶ୍ରବଣ ବାଧକତାର ସଂଜ୍ଞା

ଶ୍ରବଣ ବାଧିକତା ସଂପର୍କରେ ବୁଝିବାକୁ ହେଲେ ପ୍ରଥମେ ସ୍ୱରର ଦୁଇଟି ବିଭାବକୁ ବୁଝାଇଥାଏ । ଯଥା- ତୀବ୍ରତା ଓ ସ୍ୱରାଘାତ । ତୀବ୍ରତା କହିଲେ ସ୍ୱରର ଉଚ୍ଚତା ଏବଂ ଏହାକୁ ଡେସିବେଲ (DB)ରେ ମପାଯାଏ ।

ସ୍ୱରାଘାତ କିମ୍ବା ସ୍ୱରର ସ୍ପନ୍ଦନ ହାରକୁ Hertz (Hz) ରେ ମପାଯାଏ ।

ଶ୍ରବଣ କ୍ଷମତାର ହ୍ରାସ କଥା ଆଲୋଚନା ବେଳେ ସ୍ୱରର ଉଭୟ ପ୍ରକାର ଦିଗ ଶବ୍ଦ ସଂପର୍କରେ ଜାଣିବାକୁ ହୋଇଥାଏ । ଗୋଟିଏ ପିଲା ଶ୍ରବଣ କ୍ଷମତାର ହ୍ରାସ ମାତ୍ରାକୁ ଦୃଷ୍ଟିରେ ରଖି ଶ୍ରବଣ ହାନିକୁ ମୃଦୁ, ମଧ୍ୟମ ଓ କଠୋର / ତୀବ୍ର କିମ୍ବା ଗଭୀର ବୋଲି କୁହାଯାଇପାରେ । ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ପାଇଁ ଚିଠା ଅଧିକାର ବିଲ୍ ୨୦୧୨ ଅନୁଯାୟୀ, କୁହାଯାଇ ପାରିବ । ଯେଉଁମାନଙ୍କର ସବୁଠାରୁ ଭଲ ଶୁଣିପାରୁଥିବା ବ୍ୟକ୍ତିଠାରୁ ଶ୍ରବଣ କ୍ଷମତାଠାରୁ ଗୋଟିଏ କିମ୍ବା ଦୁଇଟି ଯାକ କାନ ଦ୍ୱାରା ଶ୍ରବଣ କାର୍ଯ୍ୟ ଠିକ୍ ଭାବରେ ନ ହୁଏ, ଶ୍ରବଣ କ୍ଷମତା ହ୍ରାସ ହେଲା ବୋଲି ବୁଝିବାକୁ ହେବ) । ଏହି ହ୍ରାସର ଅନୁସାରେ ଏଗୁଡ଼ିକୁ ପରିବହନ ଜନିତ ଶ୍ରବଣ ହ୍ରାସ, ସ୍ନାୟୁବିକ ବା ଇନ୍ଦ୍ରିୟଜନିତ ଶ୍ରବଣ ହ୍ରାସ କିମ୍ବା ମିଶ୍ରିତ ହ୍ରାସର କରାଯାଇପାରେ ।

କଥୋପକଥନ ସ୍ପନ୍ଦନହାର ଅନୁସାରେ ଯଦି ଉତ୍ତମ କର୍ଣ୍ଣରେ ୬୦ ଡେସିବେଲ ଓ ତଦୁର୍ଦ୍ଧ ଶ୍ରବଣ ସ୍ତରର ହ୍ରାସ ହୁଏ, ତେବେ ତାହାକୁ ଶ୍ରବଣ ବାଧକତା ବୋଲି କୁହାଯାଏ । ଜଣେ ବ୍ୟକ୍ତିର ଗୋଟିଏ ବା ଦୁଇଟିଯାକ କାନରେ ଶ୍ରବଣ ବାଧକତା ହୋଇପାରେ । ଏହା ସଂଚାଳନଜନିତ ଶ୍ରବଣ ହୀନତା, ଇନ୍ଦ୍ରୀୟ-ସ୍ନାୟବିକ ଶ୍ରବଣହୀନତା କିମ୍ବା ମିଶ୍ରିତ ଶ୍ରବଣହୀନତା ହୋଇପାରେ ।

### ସଂଚାଳନା ଜନିତ ଶ୍ରବଣ ହୀନତା:

ଯେତେବେଳେ ସ୍ୱର କର୍ଣ୍ଣ ମଧ୍ୟରେ ଠିକ୍ ଭାବରେ ସଂଚାଳିତ ହୋଇ ନ ଥାଏ, ଏବଂ ସ୍ୱରର ସ୍ତର କମିଯାଏ; ସେତେବେଳେ ତାହା ନିମ୍ନ ସ୍ୱର କ୍ଷୀଣ ସ୍ୱର ଶୁଣିବାରେ ଅସୁବିଧା ସୃଷ୍ଟି କରେ । ଏହି ପ୍ରକାର ଶ୍ରବଣହୀନତା ଡ଼ାକ୍ତରୀ ଚିକିତ୍ସା ଦ୍ୱାରା ଠିକ୍ କରାଯାଇପାରେ ।

**ଇନ୍ଦ୍ରିୟ -ସ୍ନାୟବିକ ଶ୍ରବଣହୀନତା:**

ଯେତେବେଳେ ଅନ୍ତଃକର୍ଣ୍ଣ ନଷ୍ଟ ହୋଇଯାଏ କିମ୍ବା ଅନ୍ତଃକର୍ଣ୍ଣକୁ ବା ମସ୍ତିଷ୍କକୁ ସ୍ୱର ପରିବହନ କରୁଥିବା ସ୍ନାୟୁ ନଷ୍ଟ ହୋଇଯାଇଥାଏ, ତେବେ ସ୍ନାୟୁବିକ ଶ୍ରବଣ ହୀନତା ଦେଖାଯାଏ । ଏହି ପ୍ରକାର ହ୍ରାସ ସାଧାରଣ ଭାବରେ ସ୍ଥାୟୀ ଶ୍ରବଣହୀନତାର ପରିସରଭୁକ୍ତ ଅଟେ ।



ମିଶ୍ରିତ ଶ୍ରବଣହୀନତା କହିଲେ ଇନ୍ଦ୍ରିୟ ସ୍ନାୟବିକ ଓ ସଂଚାଳିନଜନିତ ଶ୍ରବଣହୀନତାର ସଂଯୋଗକୁ ବୁଝାଇଥାଏ ।

**ପିଲାଙ୍କଠାରେ ଦେଖାଯାଉଥିବା ସମ୍ଭାବ୍ୟ ଶ୍ରବଣ ବାଧକତରୀ ସଂକେତ :-**

ଯଦି କୌଣସି ପ୍ରକାର ପରିବେଶଗତ କିମ୍ବା ଭାଷାଗତ ସମସ୍ୟା ନାହିଁ, ତେବେ ପିଲାର  ନିମ୍ନଲିଖିତ ଆଚରଣ ବା ବ୍ୟବହାରରୁ ସମ୍ଭାବ୍ୟ ଶ୍ରବଣ ହୀନତାର ସୂଚନା ବା ସଂକେତ ମିଳିପାରିବ ।

✍ ଉଚ୍ଚସ୍ୱର ଶୁଣିଲେ ଅନୁରୂପ ଭାବରେ ପ୍ରତିକ୍ରିୟା ଦେଖାଇ ପାରେନାହିଁ ।

✍ ମୃଦୁ ସ୍ୱରରେ କହିଲେ ଉତ୍ତର ଦେଇ ପାରେନାହିଁ ।

✍ ଗୋଟିଏ ପଟେ ସ୍ୱର ଉପସ୍ଥାପନ କଲେ, ଅନ୍ୟ ପଟକୁ କାନ ଡ଼େରିଥାଏ ।

✍ କେଉଁ ପାଖରୁ ସ୍ୱର ଆସୁଛି ବୋଲି ବାରମ୍ବାର ମୁଣ୍ଡ ହଲାଇଥାଏ ।

✍ ଜନ୍ମର ୬ ରୁ ୮ ମାସ ଭିତରେ ତୁରୁତୁରେବା ବନ୍ଦ କରିଦିଏ ।



✍ ଶବ୍ଦ ସୃଷ୍ଟିକାରୀ ଖେଳଣା ଯଥା: ଝୁମୁକା, ଘଣ୍ଟି ସହ ଖେଳିବାକୁ ଆଗ୍ରହ ଦେଖାଏ ନାହିଁ ।

✍ ପ୍ରାୟ ଦେଢ଼ବର୍ଷ ହେଲା ବେଳକୁ ମଧ୍ୟ ମାମା, ପାପା, ବାପା ବାଏ-ବାଏ ଭଳି ଶବ୍ଦ ଅର୍ଥପୂର୍ଣ୍ଣ ଭାବରେ କହିବା ଆରମ୍ଭ କରିପାରେ ନାହିଁ ।

✍ ''ବାଏ-ବାଏ କର'' ଭଳି ସରଳ ନିର୍ଦ୍ଦେଶକୁ  ମଧ୍ୟ ବୁଝିପାରେ ନାହିଁ । ଠାରକୁ କଥା ସହ ଯୋଡ଼ିଲେ ବୁଝିପାରେ ।

✍ କଥା କହୁଥିବା ଲୋକଙ୍କୁ ମୁହଁକୁ ସେ ଚାହିଁ ରହିଥାଏ, କାରଣ ସେ ଓଷ୍ଠ-ପଠନ କରିବାକୁ ଚେଷ୍ଟା କରେ ।

✍ ୫ ଫୁଟରୁ ୧ ୦ ଫୁଟ ବ୍ୟବଧାନରେ ଡ଼ାକିଲେ ମଧ୍ୟ ସେ ଶୁଣିପାରେ ନାହିଁ ।

✍ ଏହାଛଡ଼ା ପିଲାଟିର କଥା ବା ଉଚ୍ଚାରଣ ସଠିକ୍ ହୁଏ ନାହିଁ ବରଂ ଭୁଲ୍ ବି ହୋଇପାରେ । ଯେମତି କି ସେ 'ବାଥ୍' ପାଇଁ ବାଫ 'ଲାୟନ୍' ପାଇଁ ଓ୍ୱାୟନ କହିଥାଏ । ତା' କଥା କେବଳ ତା'ର ସଂପର୍କୀୟମାନେ ବୁଝିପାରନ୍ତି । କମ୍ ଶୁଣି ପାରୁଥିବାରୁ ସେ ନିର୍ଦ୍ଦେଶ ଗୁଡ଼ିକୁ ଠିକ୍ ଭାବେ ଅନୁସରଣ କରିପାରେ ନାହିଁ । ତେଣୁ ବେଳେବେଳେ ଏହାକୁ ଭୁଲ ବଶତଃ ବୌଦ୍ଧିକ ଅକ୍ଷମତା ବୋଲି ବୁଝି ଓ ପିଲାଟିକୁ ମନ୍ଥରଗାମୀ ଶିକ୍ଷାର୍ଥୀ ବୋଲି ବର୍ଗୀକରଣ କରାଯାଏ ।

## ଶ୍ରବଣ ଶକ୍ତି ନିର୍ଦ୍ଧାରଣ

ପିଲାର ଶ୍ରବଣ କ୍ଷମତାର ଯାଞ୍ଚ ନିର୍ଦ୍ଦିଷ୍ଟ ସମୟରେ ବାରମ୍ବାର କରାଯିବା ଆବଶ୍ୟକ । ଯଦି ଅତ୍ୟାବଶ୍ୟକ ମନେହୁଏ, ତେବେ ଯେକୌଣସି ସମୟରେ କରାଇବା ଉଚିତ୍ । ଯେଉଁ ପିଲାମାନଙ୍କର ଶ୍ରବଣ ଯାଞ୍ଚ ସମୟରେ ଅସୁବିଧା ହୁଏ, ସେମାନଙ୍କ ପାଇଁ ଯଥାଶୀଘ୍ର ସଂପୂର୍ଣ୍ଣ ଶ୍ରବଣ ପରୀକ୍ଷା କରିବା ନିହାତି ଜରୁରୀ ଅଟେ ।

ତଳେ ଦିଆଯାଇଥିବା ନମୁନା
ଶ୍ରବଣ ବାଧିତ ପିଲାଙ୍କର ପରିଚାଳନା ପାଇଁ ବିଭିନ୍ନ ସ୍ତରକୁ ସୂଚାଉ ଅଛି ।



**ଆବଶ୍ୟକୀୟ ସ୍ୱତନ୍ତ୍ର ପ୍ରଣାଳୀ**

✍ ଶିକ୍ଷଣର ମାଧ୍ୟମ ଭାବରେ ଅନ୍ୟାନ୍ୟ ଇନ୍ଦ୍ରିୟଗୁଡ଼ିକର ବ୍ୟବହାର (ଅଂଗଭଂଗୀ, ଓଷ୍ଠ ପଠନ, ଆଂଗିକ ଭାଷା, ମୁଖ ମୁଦ୍ରା ଗୁଡ଼ିକ ବ୍ୟବହାର କରିବା) ।

✍ ପ୍ରତ୍ୟେକ ଅନୁଭୂତି ପାଇଁ ଅନୁକୂଳିତ ଉପକରଣ ଯେମିତିକି ଦୃଶ୍ୟ ବା ଦୃଶ୍ୟ ଶବ୍ଦ ବ୍ୟବହାରିକ ଜିନିଷ ଇତ୍ୟାଦିର ବ୍ୟବହାର କରିବା ।

✍ ଶ୍ରବଣ ଯନ୍ତ୍ର, ଲୁପ ଯନ୍ତ୍ର ଭଳି ଉପକରଣଗୁଡ଼ିକୁ ବ୍ୟବହାର କରିବା ।

✍ ସ୍ୱର ଆଧାରିତ ତଥ୍ୟ କିପରି ଆହରଣ କରିପାରିବେ, ସେହି ସଂପର୍କରେ ଶିକ୍ଷଣ କାର୍ଯ୍ୟ କରିବା ।

**ଆବଶ୍ୟକୀୟ ସ୍ୱତନ୍ତ୍ର ବ୍ୟବସ୍ଥା**

(୧) ଅନ୍ତର୍ନିବେଶ ପାଇଁ ପ୍ରଥମେ ଆପଣ ପିଲାଙ୍କର ଭାଷାଗତ ଦକ୍ଷତା ଓ ଶିକ୍ଷଣ ଶୈଳୀକୁ ଭଲଭାବେ ଜାଣନ୍ତୁ ।

(୨) ଯଦି ଆପଣଙ୍କ ଶ୍ରେଣୀରେ ଶ୍ରବଣବାଧିତ ପିଲା ଅଛନ୍ତି, ତେବେ କୋଳାହଳ କମ୍ କରନ୍ତୁ କିମ୍ବା ଶ୍ରେଣୀକୁ କୋଳାହଳରୁ ଦୂରରେ ରଖିବା ପାଇଁ ଅନୁରୋଧ କରନ୍ତୁ । ଅଧିବେଶନ ପ୍ରାରମ୍ଭରେ ପ୍ରତ୍ୟେକ ଦଳକୁ ସମାନଭାବରେ ଧ୍ୟାନ ଆକର୍ଷଣ କରିବା ପାଇଁ ନିଶ୍ଚିତ କରାନ୍ତୁ ।

(୩) ଶ୍ରବଣବାଧିତ ପିଲାଙ୍କୁ ଶ୍ରେଣୀରେ ତା' ସୁବିଧା ଅନୁସାରେ ଆଗଧାଡ଼ିରେ ବସିବାର ସୁଯୋଗ ଦିଅନ୍ତୁ । ଯେଉଁ ପିଲା ଓଷ୍ଠ ପଠନ କରିପାରେ, ତାକୁ ଆଖିରେ ବସିବାକୁ କହିବେ । (ଓଷ୍ଠ ପଠନର ଦୂରତା ପ୍ରାୟ ୬ ଫୁଟ ବ୍ୟବଧାନ ହେବା ଉଚିତ୍ ବୋଲି ଧରାଯାଏ ।)

(୪) କଥା କହିଲା ବେଳେ ଶ୍ରବଣ ବାଧିତ ପିଲାକୁ ସାମ୍ନା କରି କହନ୍ତୁ ।

(୫) ସ୍ପଷ୍ଟ ଭାବେ ପ୍ରତ୍ୟେକ କଥା କହନ୍ତୁ ।

(୬) ଶ୍ରେଣୀ କକ୍ଷ ସ୍ପଷ୍ଟ ଆଲୋକିତ ହେବା ହେବା ଦରକାର, ଯେମିତିକି ଶ୍ରବଣବାଧିତ ପିଲା ଆପଣଙ୍କ ମୁଖଭଙ୍ଗୀ, ଇଙ୍ଗିତ ଏବଂ ଓଷ୍ଠ ପଠନକୁ ଭଲ ଭାବେ ଦେଖି ପାରୁଥିବେ ।

**ଶ୍ରବଣବାଧିତ ପିଲାଙ୍କ ଅନ୍ତର୍ନିବେଶ ପାଇଁ କିଛି ପଦକ୍ଷେପ ବା ମତାମତ :**

- ✍ ପ୍ରଥମେ ଆପଣଙ୍କ ଶ୍ରେଣୀରେ ଥିବା ଶ୍ରବଣବାଧିତ ପିଲାର ଶ୍ରବଣହୀନତାର ସ୍ୱଭାବ ସଂପର୍କରେ ସବିଶେଷ ଭାବେ ଅନୁଧ୍ୟାନ କରି ବୁଝନ୍ତୁ । ତା ପରେ ତାକୁ କିପରି ଭାବେ ଶ୍ରେଣୀରେ ଅନ୍ତର୍ନିବେଶ କରାଇବେ ସେ ସଂପର୍କରେ ଉପଯୁକ୍ତ ଯୋଜନା କରନ୍ତୁ ।
- ✍ ଶ୍ରବଣବାଧିତ ପିଲାର ଭାଷା, ଯୋଗାଯୋଗ ଏବଂ ଧାରଣାର ବିକାଶ ପାଇଁ ଦୃଷ୍ଟି ଦିଅନ୍ତୁ ।
- ✍ ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷରେ ଶିକ୍ଷାଦାନ ପାଇଁ, ଯଦି ସମ୍ଭବ ହୁଏ ତେବେ ନିଜ ଅଞ୍ଚଳରେ ବା ଆଖ ପାଖରେ ଥିବା ବିଶେଷଜ୍ଞ ଶିକ୍ଷାବିତ୍, ପରିବାରର ସଦସ୍ୟ, ସ୍ୱତନ୍ତ୍ର ଶିକ୍ଷକ ବ୍ୟକ୍ତି, ଶ୍ରବଣ ଓ ବାକ-ବିଶେଷଜ୍ଞଙ୍କଠାରୁ ଆବଶ୍ୟକୀୟ ସହାୟତା ନିଅନ୍ତୁ ।
- ✍ ଶିକ୍ଷାଦାନ- ଶିକ୍ଷଣ କାର୍ଯ୍ୟକୁ ସଫଳ କରିବା ପାଇଁ ଉପଲବ୍ଧ ସହାୟକ ଉପକରଣଗୁଡ଼ିକ ବ୍ୟବହାର କରନ୍ତୁ ।



**ଶ୍ରବଣ ବାଧିତ ପିଲାଥିବା ଶ୍ରେଣୀରେ ସମସ୍ତଙ୍କ ପାଇଁ ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷ ସଂରଚନା**

- ✍ ପିଲାଙ୍କୁ ଏମିତି ଢ଼ଙ୍ଗରେ ବସାନ୍ତୁ, ଯେମିତି ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଦେଖି ପାରୁଥିବେ । ଏଥିପାଇଁ ସୁବିଧା ଅନୁସାରେ ଅର୍ଦ୍ଧ ବୃତ୍ତାକାର କିମ୍ବା ବୃତ୍ତାକାର ଆକାରରେ ପିଲାଙ୍କୁ ବସାଇବାର ବ୍ୟବସ୍ଥା କରି ଶ୍ରେଣୀ ସଂଗଠନ କରନ୍ତୁ ।
- ✍ ଶ୍ରେଣୀର ସମସ୍ତ ପିଲାଙ୍କୁ ସମ୍ବୋଧନ କରି ଶ୍ରେଣୀ ପରିଚାଳନା କରିବା ପାଇଁ ଯତ୍ନଶୀଳ ହୁଅନ୍ତୁ । ଶ୍ରବଣ ବାଧିତ ପିଲାଙ୍କୁ ବାରମ୍ବାର ଅଥବା ଅତ୍ୟଧିକ ଧ୍ୟାନ ଦିଅନ୍ତୁ ନାହିଁ ।
- ✍ ଯେତେବେଳେ ରେଖାଚିତ୍ର କିମ୍ବା ଚିତ୍ର ଇତ୍ୟାଦି ଦେଖାଉଛନ୍ତି ବା ପ୍ରଦର୍ଶନ କରୁଛନ୍ତି ସେତେବେଳେ ସ୍ପଷ୍ଟଭାବରେ ସୂଚନା ଦିଅନ୍ତୁ, ଯେଉଳି କି ଶ୍ରବଣ ବାଧିତ  ପିଲା ଆପଣଙ୍କ ବର୍ଣ୍ଣନାକୁ ବୁଝି ଅନୁସରଣ କରିପାରିବ ଏବଂ ଉଦାହରଣ / ଦୃଷ୍ଟାନ୍ତ ଗୁଡ଼ିକୁ ଅନୁଧ୍ୟାନ କରିପାରିବ ।
- ✍ ସ୍ପଷ୍ଟ ଭାବରେ ଛୋଟ ଛୋଟ ବାକ୍ୟ କୁହନ୍ତୁ ।
- ✍ ଶବ୍ଦ ସହିତ ଚିତ୍ର ବା ବସ୍ତୁକୁ ଚିତ୍ର ସଂଯୋଗ କରନ୍ତୁ । ଉଦାହରଣ- ରଙ୍ଗର ଧାରଣା (ଭାଷା ଅନୁକୂଳନରେ ଦିଆଯାଇଛି ।
- ✍ ଚିତ୍ର କାର୍ଡ଼ (ଫ୍ଲାସ୍ କାର୍ଡ଼), ବାସ୍ତବ ବସ୍ତୁ ବା ଜିନିଷ, ବାସ୍ତବ ଅନୁଭୂତି, ଅଭିନୟ ଏବଂ ଅଭ୍ୟାସ କାର୍ଯ୍ୟ ମାଧ୍ୟମରେ ଶ୍ରେଣୀ ପରିଚାଳନା କରନ୍ତୁ ।
- ✍ ମୁଖ୍ୟ ବିନ୍ଦୁଗୁଡ଼ିକ କଳାପଟା କିମ୍ବା ଚାର୍ଟରେ ଲେଖନ୍ତୁ ।
- ✍ ଦଳଗତ କାର୍ଯ୍ୟରେ କଲାବେଳେ ଶ୍ରବଣବାଧିତ ପିଲା ଠିକ୍ ଭାବେ ଆଲୋଚନାରେ ଅଂଶଗ୍ରହଣ କରୁଛନ୍ତି କି ନାହିଁ, ଅନୁଧ୍ୟାନ କରନ୍ତୁ ।
- ✍ ଖେଳ ମାଧ୍ୟମରେ ପିଲାଙ୍କୁ ପରସ୍ପର ମଧ୍ୟରେ ସଂପର୍କ ସ୍ଥାପନ କରିବାରେ ସହଯୋଗ କରନ୍ତୁ ।
- ✍ ଛୋଟ ଛୋଟ ଦଳରେ କାମ କରିବା ପାଇଁ ସୁଯୋଗ ସୃଷ୍ଟି କରନ୍ତୁ । ଛୋଟ ଛୋଟ ଦଳଗଠନ କରନ୍ତୁ ।
- ✍ ପିଲାଙ୍କୁ ପରସ୍ପର ମଧ୍ୟରେ ଯୋଗାଯୋଗ ଅଥବା ସଂପର୍କ ସ୍ଥାପନ କରିବା ପାଇଁ ଉତ୍ସାହିତ କରନ୍ତୁ, ଯଦ୍ଵାରା ସେମାନେ ଶ୍ରବଣ ବାଧିତ ପିଲାଠାରେ ଥିବା କୌଶଳ ଗୁଡ଼ିକ ମଧ୍ୟ ଆପଣେଇ ପାରିବେ ।

ଭାଷା

୧. ଦୃଶ୍ୟ- ଶବ୍ଦ ସହିତ ଧାରଣା ଗୁଡ଼ିକୁ ଠିକ୍ ଭାବେ ସଂଯୋଗ କରିବା ଆବଶ୍ୟକ । ଉଦାହରଣ ସ୍ୱରୂପ, ଦିଗ ଶବ୍ଦକୁ ବୁଝାଇବା ପାଇଁ '' ତୀର '' ଚିହ୍ନ ( ←↑↓→ )ର ଚିତ୍ର ଦେଖାନ୍ତୁ ।

୨. ଅଭ୍ୟାସ କାର୍ଯ୍ୟ ମାଧ୍ୟମରେ ଧାରଣା ସ୍ପଷ୍ଟ କରାଯିବା ଆବଶ୍ୟକ । ଯେମତିକି ପିଲାଙ୍କୁ ଗଛ ଏବଂ ଠେକୁଆର ଚିତ୍ର ଦିଅନ୍ତୁ । ଠେକୁଆର ଚିତ୍ରକୁ ଏକ ଗଛ ଚିତ୍ରର ଉପରେ, ତଳେ, ପାର୍ଶ୍ୱରେ, ପଛରେ ଲଗାଇବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ।

୩. ''ବିଶେଷ୍ୟ'' ର ଧାରଣା ଶିଖାଇବା ପାଇଁ ଗୋଟିଏ ଛୋଟ ଗପ କଳାପଟାରେ କିମ୍ବା ଡ୍ରଇଂ ସିଟ୍‌ରେ ଲେଖନ୍ତୁ । ପିଲାଙ୍କୁ ନାମ, ବସ୍ତୁ ଏବଂ ସ୍ଥାନ ବାଚକ ଶବ୍ଦ ତଳେ ଗାର ଟାଣିବାପାଇଁ ନିର୍ଦ୍ଦେଶ ଦିଅନ୍ତୁ । ଏମିତି ଅଭ୍ୟାସ କାର୍ଯ୍ୟ ମାଧ୍ୟମରେ ପିଲାଏ ବିଶେଷ୍ୟ ପଦ ସମ୍ପର୍କରେ ଧାରଣା ପାଇପାରିବେ ।



## ଗଣିତ

୧. ସମୟର ବ୍ୟବଧାନ ବା ଅବଧି ସଂପର୍କରେ ଧାରଣା ଦେବାକୁ ହେଲେ ସହଜ ଓ ସରଳ ଅଭ୍ୟାସ କାର୍ଯ୍ୟ 'ବା' କାର୍ଯ୍ୟକଳାପ ମାଧ୍ୟମରେ ଶିକ୍ଷା ଦିଆଯାଇ ପାରିବ । ଯେମିତି କି, ଦୁଇଜଣ ପିଲା ଏକା ସାଂଗରେ ଭୋଜନ କରିବାକୁ ବସିଲେ । ନିର୍ଦ୍ଦିଷ୍ଟ ଆରମ୍ଭ ସମୟକୁ ରେକର୍ଡ଼ କରାଗଲା । ତା ପରେ କିଏ ଭୋଜନ ଶେଷ କରିବା ପାଇଁ ବେଶୀ ସମୟ ନେଲା, ସେ ସମ୍ପର୍କରେ ମୂଲ୍ୟାୟନ କରିବା ପାଇଁ ବିଭିନ୍ନ ଶିକ୍ଷଣ କାର୍ଯ୍ୟ ଜରିଆରେ ଆମେ ସମୟର ବ୍ୟବଧାନ ବା ଅବଧି ସଂପର୍କରେ ଧାରଣା ଦେଇ ପାରିବା ।

୨. 'ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗ' କରିବା ପାଇଁ (ସଂଖ୍ୟାକୁ ଗୋଟିଏ ଘରୁ ଅନ୍ୟ ଘରକୁ ଧାର ନିଆଯାଇ ଅଥବା ବିନା ଧାରରେ କିଭଳି କରାଯିବ) ବାଡ଼ି କିମ୍ବା ଗୋଡ଼ି ଦେଖାଇପାରିବା ।

୩. ଦୈନନ୍ଦିନ ଜୀବନରେ ପ୍ରତିଫଳିତ ଦୃଷ୍ଟାନ୍ତ, ଅବସ୍ଥା, ପରିସ୍ଥିତି ଅଥବା ଚିତ୍ର ମାଧ୍ୟମରେ ଆମେ ଗାଣିତିକ ସମସ୍ୟାର ସମାଧାନ କରାଯାଇପାରିବ ।

## ପରିବେଶ ବିଜ୍ଞାନ

୧. ''ମେଘ'' ସଂପର୍କରେ ଧାରଣା ପିଲାଙ୍କୁ ଦୃଶ୍ୟ - ଶ୍ରାବ୍ୟ ଉପକରଣ ଏବଂ ବାସ୍ତବ ଜୀବନର ଅନୁଭୂତି ମାଧ୍ୟମରେ ଦିଆଯାଇ ପାରିବ । ଯେମିତି କି, ପିଲାଙ୍କୁ ଏକ ମେଘାଚ୍ଛନ୍ନ ଆକାଶର ଚିତ୍ର ଏବଂ ପ୍ରକୃତ ଆକାଶର ଦେଖାଇ ଏହା ବୁଝାଇ ପାରିବା । ମେଘମାନେ ଆମଠାରୁ ଉଚ୍ଚରେ / ଉପରେ ଅଛନ୍ତି ବୋଲି ସେମାନେ ଯେପରି ବୁଝିପାରିବେ, ସେଥିପାତି ଯତ୍ନବାନ ହେବା ଆବଶ୍ୟକ ।

୨. ଗୋଟିଏ ଗ୍ଲାସ ପାଣି ନେଇ ତା ମଧ୍ୟରେ, ଗୋଡ଼ି, ପତ୍ର, ଲୁଣ, କାଗଜଖଣ୍ଡ ପକାଇ ଜଳର ଧର୍ମ ସଂପର୍କରେ ସହଜରେ ବୁଝାଇ ହେବ ।

୩. ପାଣି ଫୁଟାଇବା ଏବଂ ଲୁଗା ଶୁଖିବା କାର୍ଯ୍ୟ ପ୍ରଦର୍ଶନ ସହିତ ଆଲୋଚନା ମାଧ୍ୟମରେ ଆମେ ପିଲାଙ୍କୁ 'ବାଷ୍ପୀଭବନ' ସଂପର୍କରେ ଖୁବ୍ ସହଜରେ ଧାରଣା ଦେଇ ପାରିବା ।

୪. ବିବିଧ ପ୍ରକାରର 'ଧ୍ୱନି'ର ଜ୍ଞାନ ବା ଧାରଣାର ବିକାଶ ପାଇଁ ଆମେ ଡ଼ି.ଭି.ଡ଼ି ପ୍ଲେୟାର ବା ଟେପ୍ ରେକର୍ଡ଼ର ସାହାଯ୍ୟ ନେଇ ପାରିବ । ଏଗୁଡ଼ିକ ମାଧ୍ୟମରେ ଆମେ ପିଲାଙ୍କୁ ବିଭିନ୍ନ ପଶୁପକ୍ଷୀମାନଙ୍କର ଧ୍ୱନି, ଝରଣାର କୁଳୁକୁଳୁ ନାଦ ପ୍ରଭୃତି ଧ୍ୱନି ଶୁଣାଇପାରିବା । ପ୍ରଥମେ ଧ୍ୱନିର ମାତ୍ରାକୁ ବଢ଼ାଇବା ଏବଂ ପରେ ପରେ ଟିକିଏ ଟିକିଏ କମ୍ କରି ପିଲାଙ୍କୁ ଶୁଣାଇବା । ସବୁ ପିଲା ଶୁଣିବାର ସୁଯୋଗ ପାଇବେ । ପିଲାମାନଙ୍କୁ ମଧ୍ୟ ଅନୁରୂପ ଭାବରେ ଧ୍ୱନି ପରିବେଷଣ କରିବାକୁ ସୁଯୋଗ ଦେବା ଆବଶ୍ୟକ । ମନେରଖିବାକୁ ହେବ ଯେ, ଏହି କାର୍ଯ୍ୟରେ ଯଥେଷ୍ଟ ନମନୀୟତା ରହିବା ଉଚିତ୍ । ପରବର୍ତ୍ତୀ ସମୟରେ ପିଲା କିଭଳି ସେଇ କାର୍ଯ୍ୟମାନ କରିପାରିବ, ତାକୁ ଉତ୍ସାହିତ କରିବା ଆବଶ୍ୟକ । ଏପରି ବି ହୋଇପାରେ, ଶ୍ରବଣ ବାଧିତ ପିଲାମାନେ ଠିକ୍ ଭାବରେ ଯଦି ଶୁଣି ପାରି ନଥିବେ, ତେବେ ମଧ୍ୟ ସେମାନେ ଅନୁରୂପ ଭାବରେ ପ୍ରତିକ୍ରିୟା ପ୍ରକାଶ କରି ନ ପାରନ୍ତି । ଏଣୁ ଆମେ ସବୁବେଳେ ପିଲାଙ୍କ ପାଇଁ ନମନୀୟ ହେବା ଉଚିତ୍, ଅବଶ୍ୟ ବାରମ୍ବାର ଅଭ୍ୟାସ କାର୍ଯ୍ୟ ଲାଗି ରହିଲେ ପିଲା ମାନେ ବିବିଧ ସ୍ୱର/ଧ୍ୱନିକୁ ଚିହ୍ନଟ କରିପାରିବେ ଏବଂ ପାର୍ଥକ୍ୟ ମଧ୍ୟ ବାରିପାରିବେ ।

**ଶ୍ରବଣ ବାଧିତ ପିଲାଙ୍କ ପାଇଁ ଏକ ନମୁନା ଅଧ୍ୟାୟର ଉପଯୋଜନ**

ବିଷୟ : ଭାଷା (ଇଂରାଜୀ) ଶ୍ରେଣୀ – ପ୍ରଥମ (ପୃଷ୍ଠା – ୪୫ ରୁ ୫୦)

ଅଧ୍ୟାୟ : ୪ – Mitu and the Yellow Mango (ମିଟୁ ଓ ହଳଦିଆ ଆମ୍ବ)

**ଶ୍ରାବଣ ବାଧିତଙ୍କ ପାଇଁ ଅଧ୍ୟାୟ ସମଯୋଜନ**

ଶ୍ରବଣ ବାଧିତ ଶିକ୍ଷାର୍ଥୀମାନେ ଛବି, ଫ୍ଲାସ କାର୍ଡ୍, ଛବିକି ଦୃଷ୍ଟାନ୍ତ ବାସ୍ତବ ଜିନିଷ ପ୍ରତି ବିଶେଷଭାବେ ଆକୃଷ୍ଟ ହୋଇଥାନ୍ତି ଏବଂ ଏଗୁଡ଼ିକ ମାଧ୍ୟମରେ ସହଜରେ ଅନେକ ବିଷୟ ଶିଖିଥାନ୍ତି । ଉଦାହରଣ ସ୍ୱରୂପ ଆଲୋଚିତ ଅଧ୍ୟାୟକୁ ଭିତ୍ତିକରି ଶିକ୍ଷକମାନେ କେତେକ ନିର୍ଦ୍ଦିଷ୍ଟ ବିଶେଷ୍ୟ ଏବଂ ଏଗୁଡ଼ିକ ମାଧ୍ୟମରେ ସହଜରେ ଅନେକ ବିଷୟ ଶିଖିଥାନ୍ତି । ଉଦାହରଣ ସ୍ୱରୂପ ଆଲୋଚିତ ଅଧ୍ୟାୟକୁ ଭିତ୍ତିକରି ଶିକ୍ଷକମାନେ କେତେକ ନିର୍ଦ୍ଦିଷ୍ଟ ବିଶେଷ୍ୟ ଏବଂ କ୍ରିୟାପଦକୁ ବୁଝାଇବା ପାଇଁ ଫ୍ଲାସ କାର୍ଡ୍ ବ୍ୟବହାର କରିପାରିବେ । ଏତଦ୍ ସହିତ ଅନ୍ୟାନ୍ୟ ପଦ୍ଧତି ବା ପ୍ରଣାଳୀ ମଧ୍ୟ ଧାରଣା ଦେବାବେଳେ ବ୍ୟବହାର କରିପାରନ୍ତି ।

ମିଟୁ ବୋଲି ଏକ ଶୁଆ ଥିଲା ।



ସେଇ ଶୁଆଟି ସବୁଜ ରଂଗର ଥିଲା ।




ତାର ଥଣ୍ଟ ନାଲି






ଦିନେ ମିଟୁ ଉଡୁଥିଲା ।



ଉଡିବା

ହାତରେ ଫଡ୍ ଫଡ୍ କରି ଯାଉଥିବା ଉଡିବା ଧାରଣା ଥିବା ଚିତ୍ର ଦେଖାନ୍ତୁ କିମ୍ୱା ପିଲାଙ୍କୁ ବାହାରକୁ ନେଇ ପକ୍ଷୀ କିଟ ପତଙ୍ଗ ଉଡାଯାହାଜ ପ୍ରଭୃତି ଦେଖାନ୍ତୁ ।

(ସେ ତଳକୁ ଚାହିଁଲା ।)
ଛବିଯୁକ୍ତ କାର୍ଡ଼ ମାଧ୍ୟମରେ
ଉପରକୁ ଦେଖିବା ଏବଂ
ତଳକୁ ଦେଖିବାର ଧାରଣା
ଦର୍ଶାଯାଇପାରେ ।



ସେ ଗଛରେ ଗୋଟିଏ ବଡ଼ ହଳଦିଆ ଆମ୍ବ ଦେଖିଲା










କା କା, ଯା ଯା କାଉଟି **ରାବିଲା**





**ଚିତ୍କାର କରିବା**
ମୁଖମଣ୍ଡଳର ଭଙ୍ଗୀରେ
ପରିବର୍ତ୍ତନ କରି ଏହାକୁ
ପ୍ରଦର୍ଶନ କରନ୍ତୁ ।
ଉଦାହରଣ ଏହାର
ଭଲ ଦିଗ ଓ ଖରାପ ଦିଗକୁ
ସୂଚାନ୍ତୁ

ତା'ର ବଡ଼ ପାଟି
ମିଟୁ କାଉକୁ **ଡରୁଥିଲା**
ସେ ଉଡ଼ି ପଳାଇଲା

**ଭୟବିତ** ହେବା
ମୁଖମଣ୍ଡଳର ଭଙ୍ଗୀଦ୍ୱାରା
ଏହାକୁ ଦର୍ଶାନ୍ତୁ, ସାପକୁ
ତଥା ଅନ୍ୟ ପ୍ରାଣୀକୁ ଭୟ
କରିବାର ଉଦାହରଣ
ଦିଅନ୍ତୁ



ମିଟୁ ଗୋଟିଏ ନାଲି ବେଲୁନ୍ ଦେଖିଲା
ଏହା ଗଛ ତଳେ ଥିଲା

ସେ ଗୋଟିଏ କଥା ଚିନ୍ତା କଲା
ସେ ଲାଲ ବେଲୁନ୍‌ଟିକୁ ଉଠାଇଲା

''ଧାରଣା ବା ଉପାୟ'' କୁ ବର୍ଣ୍ଣନା କରିବା ପାଇଁ ଶ୍ରେଣୀ ଗୃହ ପରିସ୍ଥିତିର ଉଦାହରଣ ଦିଅନ୍ତୁ ।
''ଉଠାଇବା'' କୁ ପ୍ରଦର୍ଶନ ମାଧ୍ୟମରେ ଦର୍ଶାଯାଇପାରେ ।




ସେ ବେଲୁନ୍‌ଟିକୁ ନଫଟାଇବା ପାଇଁ ବହୁତ ଯତ୍ନବାନ୍ ଥିଲା
ସେ ଆମ୍ବଗଛ ନିକଟକୁ ଦୌଡିଗଲା
ମିଟୁ ତା ପଛେ ପଛେ ଆମ୍ବଗଛ ନିକଟକୁ ଗଲା
ସେ ତା' ନାଲି ଥଣ୍ଟରେ ବେଲୁନ୍‌ଟକୁ ଉଠାଇଲା
ପପ୍ ! ବେଲୁନ୍‌ଟି ଫାଟିଗଲା । ଖୁବ୍ ଜୋର୍‌ରେ ଶବ୍ଦ ହେଲା ।
କା ! କାଉ ରାବିଲା ଏବଂ ସେ ଗଛ ପଛକୁ ଋଲିଗଲା

**ଗଛ ତଳକୁ**

ଗଛରୁ ପତ୍ର ପଡ଼ିଲାର ଉଦାହରଣ ଦେଇ ଓ ପ୍ରଦର୍ଶନ ମାଧ୍ୟମରେ ଏହାକୁ ବୁଝାନ୍ତୁ ।

**ମୋ ପଛରେ**

ଗୋଟିଏ ପିଲା ପଛରେ ଆଉ ଜଣେ ପିଲା ଦୌଡ଼ିବାର ଅଭିନୟ କରି ଏହାକୁ ବୁଝାନ୍ତୁ ।

କା କା  ମୋ ପଛରେ ଗୋଟେ ବଡ଼ ବନ୍ଧୁକ ଅଛି, କାଉ କହିଲା




**ୟମି ୟମି**

ଧାରଣାକୁ ମୁଖଭଙ୍ଗୀରେ ପରିବର୍ତ୍ତନ ଆଣି ବୁଝାନ୍ତୁ

ସେ ଉଡି ପଳାଇଲା, ସେ ଆଉ କେବେବି ଆଉ ଗଛକୁ ଫେରିଲା ନାହିଁ,
ମିଟୁ ଗଛ ପାଖକୁ ଆସିଲା ସେ ଆମ୍ବଟିକୁ ଖାଇଲା
'' ୟମି ୟମି'' କେତେ ବଢ଼ିଆ ଆମ୍ବ !
ସେ କହିଲା ସେ ବହୁତ ଖୁସି ଅଛି । ଚତୁର ମିଟୁ




ଶିକ୍ଷକ ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଶିକ୍ଷାଦାନଦ୍ୱାରା ଅଭ୍ୟାସ କରାଇଲେ ।
ଦୀପକ ଚକୋଲେଟ୍ ଖାଇବାକୁ ଭଲପାଏ ।
କିଏ ଚକୋଲେଟ୍ ଖାଇବାକୁ ଭଲପାଏ ?
ସ୍ନେହା ଆଇସ୍କ୍ରିମ୍ ଖାଉଛି ।
ସ୍ନେହା କ'ଣ ଖାଇଲା ?
ଶୁଆମାନେ କ'ଣ ଖାଇବାକୁ ଭଲ ପାଆନ୍ତି ?
ଶୁଆମାନେ କୋଳି, ଲଙ୍କା ଏବଂ ଫଳ ଖାଇବାକୁ ଭଲ ପାଆନ୍ତି ।

ରଙ୍ଗ ସହିତ ନାମକୁ ଯୋଡ଼

ଲାଲ୍
କଳା
ହଳଦିଆ
ସବୁଜ



**ମୂଲ୍ୟାୟନ ବ୍ୟବସ୍ଥା ।**

ଠିକ୍ ଉତ୍ତରଟିକୁ ବାଛ ।

................................ ଉଡୁଛି । (ଗୁଡ଼ି, ପେନସିଲ୍)

................................ ଉଡ଼ିପାରେ । (ପ୍ରଜାପତି, ପିମ୍ପୁଡ଼ି)

................................ ମଧ୍ୟରାତ୍ରିର ଆକାଶରେ ଉଡ଼ିପାରେ । (ଉଡ଼ାଜାହାଜ, କାର୍)

............................... ଆକାଶରେ ଉଡୁଛନ୍ତି । (ଶୁଆମାନେ, ମେଣ୍ଢାପଲ)

**ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନାବଳୀ ।**

୧. ମିଟ୍ଠୁ କିଏ ?

ମିଟ୍ଠୁ ଗୋଟିଏ ............... ।

୨. ଶୁଆଟିର ନାମ କ'ଣ ?

ଶୁଆଟିର ନାମ ହେଉଛି ................. ।

୩. ଶୁଆର ରଙ୍ଗ କେମିତି / କିପରି ?

ଶୁଆର ରଂଗ .............. ଅଟେ ।

୪. ଏକ ଶୁଆ ପକ୍ଷୀର ଚିତ୍ର ଅଙ୍କନ କରି ସବୁଜ ରଙ୍ଗ ଦିଅ ।

୫. ଶୁଆର ଥଣ୍ଟର ରଂଗ କିପରି ?

ଶୁଆର ଥଣ୍ଟ ...................... ରଂଗର ।

୬. ଶୁଆର ...................... ହେଉଛି ଲାଲ୍ ।

୭. ମୁଁ ମୋର ..................... କୁ ଭଲପାଏ ।

୮. ମୁଁ ................... ଖାଇବାକୁ ପସନ୍ଦ କରିଥାଏ, ଭଲପାଏ ।

୯. ମୁଁ ମୋର ବନ୍ଧୁଙ୍କୁ ...................... ଭଲପାଏ ।

୧୦. ଯିଏ ଉଡ଼ିପାରେ , ତାକୁ ଅଲଗା କରନ୍ତୁ ।

ଗୁଡ଼ି, ହାତୀ, ପ୍ରଜାପତି



**ଶ୍ରବଣ ବାଧିତ ପିଲାଙ୍କ ପାଇଁ ଏକ ନମୂନା ଅଧ୍ୟାୟର ସମଯୋଜନ**

ବିଷୟ : ଗଣିତ, ଶ୍ରେଣୀ – ପ୍ରଥମ, (ପୃଷ୍ଠା – 144 ରୁ 152)

ଅଧ୍ୟାୟ – 10 – ନମୁନା ଗୁଡ଼ିକ ସହ ଖେଳିବା (ସଂରଚନା ସହ ଖେଳିବା)

ବାସ୍ତବ / ମୂଳ ଅଧ୍ୟାୟ ଭିତ୍ତିକ ଶୈକ୍ଷିକ ଧାରଣା ସଂପର୍କୀୟ ମତାମତ / ମନ୍ତବ୍ୟ

ସଂରଚନା ସଂପର୍କରେ ଧାରଣା ଦେବା ପୂର୍ବରୁ ପିଲାମାନଙ୍କୁ ପ୍ରଥମେ ଆମ ଘରି ପାଖରେ ଥିବା ଝରକା ଗ୍ରୀଲ, ଶିକ୍ଷକଙ୍କର ରୁମାଲ, ଶିକ୍ଷକଙ୍କର ପୋଷାକରେ ଥିବା ସଂରଚନା ଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବାକୁ କହିବେ ।

ଏହାପରେ, ଶ୍ରେଣୀରେ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି କିଛି / କୌତୁକିଆ କାର୍ଯ୍ୟ କରାଯାଇପାରିବ । ଉଦାହରଣ ସ୍ୱରୂପ, ଆବକସ୍ ବ୍ୟବହାର କରି ପିଲାଙ୍କୁ ଗଣନ ଶିକ୍ଷା ଦିଅନ୍ତୁ । ଯେତେବେଳେ ଶିକ୍ଷକ ଯେଉଁ ଅଙ୍କ କହିବେ ପିଲା କ୍ରମରେ ଥିବା ସେହି ନିର୍ଦ୍ଦିଷ୍ଟ ସଂଖ୍ୟାକୁ ସ୍ୱରଉଥିବା ଗୋଲି ବା ମାଳି ଘୁଞ୍ଚାଇ ଦେଖାଇପାରିବେ । ଶିକ୍ଷକ ପିଲାଙ୍କ ସହ ମିଶି ଏହି କାର୍ଯ୍ୟ ନିଜ ଆବାକସରେ କରି ପିଲାଙ୍କୁ ଶିଖାଇବେ । ଏହି କାର୍ଯ୍ୟକୁ ଦଳଗତ କାର୍ଯ୍ୟ ଭାବେ ମଧ୍ୟ କରାଯାଇପାରିବ ।






ଗୋଟିଏ ବଡ଼ ସଂଖ୍ୟା ଗ୍ରୀଡ୍ ତିଆରି କରି ଶ୍ରେଣୀରେ ଝୁଲାଇ ଦିଅନ୍ତୁ । ଦଳର ସଦସ୍ୟ ବା ଶିକ୍ଷକ ପ୍ରତ୍ୟେକ ପିଲାକୁ ଗ୍ରୀଡ୍ ପାଖକୁ ଡ଼ାକି ନମୁନା ଅନୁଯାୟୀ ଖୋଜିବାକୁ କହିବେ । ଉଦାହରଣ ସ୍ୱରୂପ – ପିଲାଙ୍କୁ କହିବେ, ୨, ୪, ୬ ........... ତା ପରେ କ'ଣ ହେବ । ପିଲାଙ୍କୁ ବିନ୍ୟାସ କରିବାକୁ କହିବେ । ପିଲା ୮, ୧୦ ଯେମତି ବାହାର କରିବେ, ଏମିତି ଭାବରେ ପିଲା ଗ୍ରୀଡ୍ ପାଖକୁ ଆସି ଅଂଗୁଳି ସାହାଯ୍ୟରେ ସଂଖ୍ୟାଗୁଡ଼ିକୁ ଚିହ୍ନଟ କରି କହିବେ । ଏହି କାର୍ଯ୍ୟ ଦ୍ୱାରା ପିଲାର ଶୁଣିବା କୌଶଳ / ଦକ୍ଷତା, ଅନ୍ୱେଷଣ ଶକ୍ତି ଏବଂ ସ୍ପର୍ଶ ଶିକ୍ଷଣ ବିକଶିତ ହେବ ।

ପିଲାଙ୍କୁ ବିଦ୍ୟାଳୟରେ ଥିବା ବିଭିନ୍ନ ସରଳ ସଂରଚନା ଯଥା-(-), (X), (L) ସମାନ୍ତରାଳ ଛାପା ପାଇଁ ବ୍ଲକ୍‌ଗୁଡ଼ିକୁ ଦିଅନ୍ତୁ । ପିଲା ବ୍ଲକ୍ ସାହାଯ୍ୟରେ ଛାପାକାମ କରନ୍ତୁ । ତାପରେ ସେମାନେ ସେଗୁଡ଼ିକ ରଂଗ କରନ୍ତୁ । ଦେଖିବେ ଡ୍ରଇଂ ସିଟ୍‌ରେ ସେମାନେ କିଭଳି ସଂରଚନା ଗୁଡ଼ିକ କରିଛନ୍ତି ରଂଗ ଦେଇ ମଜା ଉଠାଉଛନ୍ତି । ଏଭଳି କୌତୁକିଆ ଢ଼ଙ୍ଗରେ ବିବିଧ ସଂରଚନା ସଂପର୍କରେ ଧାରଣା ଦିଆଯାଇ ପାରିବ ।



**ଶ୍ରବଣ ବାଧିତ ପିଲାଙ୍କ ପାଇଁ ନମୂନା ଅଧ୍ୟାୟର ସମଯୋଜନ**

ବିଷୟ – ପରିବେଶ ବିଜ୍ଞାନ, ଶ୍ରେଣୀ – ପ୍ରଥମ (ପୃଷ୍ଠା 96 ରୁ 105)

ଅଧ୍ୟାୟ – 12 ଚେଞ୍ଜିଙ୍ଗ ଟାଇମସ୍  (ସମୟର ପରିବର୍ତ୍ତନ)

ମୌଳିକ ବାସ୍ତବ ପ୍ରକୃତ ଅଧ୍ୟାୟ ଭିତ୍ତିକ ଶୈକ୍ଷିକ ଧାରଣା

ଚିତ୍ର କାର୍ଡ଼, ଫ୍ଲାସ କାର୍ଡ଼ କିମ୍ବା ବର୍ଣ୍ଣନାତ୍ମକ ଉପସ୍ଥାପନା ସହିତ ପିଲାଙ୍କୁ କିଛି ଧାରଣା ଶିକ୍ଷା ଦେବାପାଇଁ ଅଭିନୟକୁ ମଧ୍ୟ ବ୍ୟବହାର କରାଯାଇପାରିବ । ଏଥିପାଇଁ, ସମଗ୍ର ସମୟ ନିର୍ଘଣ୍ଟକୁ (ବହିରେ ଦିଆଯାଇଛି) 4 ଭାଗରେ ବିଭକ୍ତ କରନ୍ତୁ । ଶ୍ରେଣୀର ପିଲାଙ୍କୁ ଚାରିଟି ଦଳରେ ଭାଗ କରି ଆବଶ୍ୟକୀୟ ସୂଚନା ଦିଅନ୍ତୁ । ପିଲାଙ୍କ ଧାରଣା ସ୍ପଷ୍ଟ କରନ୍ତୁ । ସେମାନଙ୍କର  ଅଭିନୟ ଯେମିତି ଜୀବନ୍ତ ହେବ, ସେଥିପ୍ରତି ଧ୍ୟାନ ଆକର୍ଷଣ କରନ୍ତୁ । ଗୋଟିଏ ଦଳ ଗୋଟିଏ ପିରିୟଡ଼ରେ ଅଭିନୟ କାର୍ଯ୍ୟ କରିବେ । ଚାରିଟି ଦଳ ସେମାନଙ୍କ କାର୍ଯ୍ୟ କଳାପରେ, ସେମାନଙ୍କୁ ସରଳ ଏବଂ ସହଜିଆ ପ୍ରଶ୍ନଗୁଡ଼ିକ ପଚାରି ଶିକ୍ଷଣ କାର୍ଯ୍ୟର ମୂଲ୍ୟାୟନ କରନ୍ତୁ ।



# 4. ଶାରୀରିକ ଭିନ୍ନକ୍ଷମ ଶିକ୍ଷାର୍ଥୀ

ଆଂଶିକ ଭାବରେ ଅଥବା ପୂର୍ଣ୍ଣଭାବରେ ଯଦି କୌଣସି ବ୍ୟକ୍ତିଙ୍କ କ୍ଷେତ୍ରରେ ଚାଲିବା, କଥା କହିବା, ଠିକ୍ ଭାବେ ଯାତ୍ରା କରିବା, ହସ୍ତ ଚାଳନା କରିବା, ଭାରସାମ୍ୟ ନିୟନ୍ତ୍ରଣ କରିବା, ଠିକ୍ ଭାବେ ଚଳପ୍ରଚଳ କରିବା ଇତ୍ୟାଦି ଶାରୀରିକ କାର୍ଯ୍ୟ କରିବାରେ ଅସୁବିଧା ଦେଖାଯାଏ, ତେବେ ତାଙ୍କୁ ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତି ବୋଲି କହିଥାଉ । ଏହି ଭିନ୍ନକ୍ଷମତ୍ୱ କାହାର କାହାର କ୍ଷେତ୍ରରେ ଜନ୍ମରୁ ଦେଖାଯାଇଥାଏତ କେତେକ ସ୍ଥଳରେ ବିଭିନ୍ନ ପ୍ରକାର ଦୁର୍ଘଟଣା, ରୋଗ କିମ୍ବା ଆଘାତ ଜନିତ ହୋଇଥାଏ । ଜଣେ ଜଣେ ଛାତ୍ର ଅନେକ କ୍ଷେତ୍ରରେ ମଧ୍ୟ ଭିନ୍ନକ୍ଷମ ହୋଇଥାନ୍ତି । ହାତ, ଗୋଡ଼, ବାହୁ ଇତ୍ୟାଦି ଶାଖା ଅବୟବ ଗୁଡ଼ିକର ଶକ୍ତି ହ୍ରାସ ପାଇଲେ କିମ୍ବା ଅପସ୍ମାର ରୋଗ ଯୋଗୁଁ ଶାରୀରିକ ଭିନ୍ନକ୍ଷମ ଦୃଶ୍ୟମାନ ହୋଇଥାଏ । ଏହିପରି ଶାରୀରିକ ସମସ୍ୟାଥିବା ଭିନ୍ନକ୍ଷମ ପିଲାମାନଙ୍କର ଅଲଗା ଅଲଗା ପ୍ରକାର ଦକ୍ଷତା ରହିଥାଏ, ଏଣୁ ଏମାନେ ପରସ୍ପର ଭିନ୍ନ ଭିନ୍ନ ସୁବିଧା, ସୁଯୋଗ କିମ୍ବା ବ୍ୟବସ୍ଥା ଆବଶ୍ୟକ କରିଥାନ୍ତି । ପିଲାମାନଙ୍କ ଠାରେ ପରିଲକ୍ଷିତ ଏହି ଭିନ୍ନକ୍ଷମତ୍ୱ ସେମାନଙ୍କର କଥା କହିବା, କଥାବାର୍ତ୍ତା ଯୋଗାଯୋଗ/ ସଂପର୍କ ସ୍ଥାପନ, ଭାଷା ବ୍ୟବହାର, ମୁକ୍ତ ବାର୍ତ୍ତାଳାପ, ବକ୍ତୃତା / ଅଭିଭାଷଣ, ଅଙ୍ଗିକ କାର୍ଯ୍ୟ, ବୌଦ୍ଧିକ ବିକାଶ, ସାମାଜିକ ଏବଂ ଆବେଗିକ ବିକାଶ, ଦୈନନ୍ଦିନ ଜୀବନର କାର୍ଯ୍ୟାଭ୍ୟାସ ଏବଂ ନିଜର ଯତ୍ନ ନେବା ପ୍ରଭୃତି କାର୍ଯ୍ୟରେ ବାଧା ସୃଷ୍ଟି କରିଥାଏ ।

ଯେତେବେଳେ କୌଣସି ଏକ ଶିଶୁଠାରେ ଅଲଗା ଅଲଗା ପ୍ରକାର ଅନେକ ଗୁଡ଼ିଏ ଭିନ୍ନକ୍ଷମତ୍ୱ / ଅକ୍ଷମତା ଦେଖାଯାଇଥାଏ, ତାଙ୍କୁ (ପୁଅ / ଝିଅ) ବହୁବିଧ ଭିନ୍ନକ୍ଷମ କୁହାଯାଇଥାଏ ।

**ମସ୍ତିଷ୍କ ପକ୍ଷାଘାତ ଏବଂ ଚଳନଗତ ସମସ୍ୟାଥିବା ଭିନ୍ନକ୍ଷମର ସଂଜ୍ଞା :**

ମସ୍ତିଷ୍କ ପକ୍ଷାଘାତ ହେଉଛି ଏକ ବ୍ୟୁତକ୍ରମ ଅବସ୍ଥା, ଯାହାଦ୍ୱାରା ଶରୀରର ଚଳପ୍ରଚଳ ଏବଂ ଭାରସାମ୍ୟ ପାଇଁ ଅସୁବିଧା ସୃଷ୍ଟିକରିଥାଏ । ମସ୍ତିଷ୍କର ବିନଷ୍ଟ, ବିକାଶଶୀଳ ମସ୍ତିଷ୍କ ପାଇଁ ଉପଯୋଜନ, ଶାରୀରିକ ଅକ୍ଷମତାର ଅଲଗା ଅଲଗା ମାନ ଫଳରେ ଏହି ମସ୍ତିଷ୍କ ପକ୍ଷାଘାତ ଦେଖାଯାଇଥାଏ । ଶାରୀରିକ ଭିନ୍ନକ୍ଷମ ସହିତ ଶ୍ରବଣ, ଦର୍ଶନ, ଭାଷା ଏବଂ ଯୋଗାଯୋଗ, ବୌଦ୍ଧିକ ଅସାମର୍ଥ ବା ଭିନ୍ନକ୍ଷମ, ସ୍ୱପରାୟଣତା ଏବଂ ସ୍ୱତନ୍ତ୍ର ଶିକ୍ଷଣ ଅସାମର୍ଥ୍ୟ ଯେମିତି କି ଉଚ୍ଚାରଣଗତ ବ୍ୟାଘାତ କ୍ଷେତ୍ରରେ ଅସୁବିଧା ଦେଖାଯାଇଥାଏ । କେହି କେହି ମସ୍ତିଷ୍କ ପକ୍ଷାଘାତ ଆକ୍ରାନ୍ତ ପିଲାମାନେ ଅପସ୍ମାର ରୋଗରେ ପୀଡ଼ିତ ହୋଇଥାନ୍ତି । ମସ୍ତିଷ୍କ ପକ୍ଷାଘାତ ବଂଶଗତ ନୁହେଁ, ଏହା ଏକ ରୋଗ ନୁହେଁ କିମ୍ବା ସଂକ୍ରାମକ ମଧ୍ୟ ନୁହେଁ । ଏହା କ୍ରମବର୍ଦ୍ଧିଷ୍ଣୁ ବା କ୍ରମଶଃ ବଢ଼େ ନାହିଁ, ଏହା ସଂପୂର୍ଣ୍ଣ ଭାବରେ ଆରୋଗ୍ୟ ହୋଇନଥାଏ ମାତ୍ର ପ୍ରାରମ୍ଭରୁ ଚିହ୍ନଟ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ, ମାରାତ୍ମକ ଅବସ୍ଥାକୁ ଗତି କରିବା ପୂର୍ବରୁ ନିୟନ୍ତ୍ରଣ କରିବାର ସୁଯୋଗ ଲାଭ କରିବେ ଏବଂ ସାର୍ଥକ ଜୀବନ ଯାପନ କରିପାରିବେ ।

(ମସ୍ତିଷ୍କ ପକ୍ଷାଘାତ ଏବଂ ଶରୀରିକ ଚଳପ୍ରଚଳ ବାଧିତଙ୍କ ପାଇଁ ଶିକ୍ଷା ଉପରେ ପର୍ଯ୍ୟବେଶିତ ଶିକ୍ଷଣ ପେଟିକା, ସର୍ବଶିକ୍ଷା ଅଭିଯାନ ଅନୁସାରେ)

**ଚଳନ ଭିନ୍ନକ୍ଷମ :**

ଚଳନ ଭିନ୍ନକ୍ଷମ କହିଲେ ଜଣେ ବ୍ୟକ୍ତିଙ୍କର ନିଜେ ଚଳପ୍ରଚଳନ କରିବା ଏବଂ ଯାନବାହନ ଇତ୍ୟାଦି ଚଳାଇବାର ଅସାମର୍ଥ୍ୟକୁ ବୁଝାଯାଇଥାଏ । ଏହା ମାଂସପେଶୀର ସମନ୍ୱୟ ଏବଂ ସ୍ନାୟବିକ ଅସୁବିଧା ହେତୁ ହୋଇଥାଏ । (ଚିଠା ଅଧିକାର ବିଲ୍ 2012 ଅନୁସାରେ) ।

ଶାରୀରିକ ଭିନ୍ନକ୍ଷମ ପିଲାଙ୍କ ପାଇଁ, ଭିନ୍ନକ୍ଷମ ମୂଲ୍ୟାୟନ କରାଯିବା । ଆବଶ୍ୟକ ସେମାନଙ୍କର ମୂଲ୍ୟାୟନ ପାଇଁ ଏକ ସ୍ୱତନ୍ତ୍ର ବିଭାଗୀୟ ଦଳ, ରହିବା ଉଚିତ୍ । ସେଇ ଦଳରେ ନିଶ୍ଚିତ ଭାବେ ଏକତ୍ର କାର୍ଯ୍ୟ ଅସ୍ଥି ଓ ପେଶୀ ବିଶେଷଜ୍ଞ, ଶଲ୍ୟ ଚିକିତ୍ସକ ଅସ୍ତ୍ରୋପଚାର ଚିକିତ୍ସକ, ବ୍ୟାୟାମ, ମାଲିସ, ଉତ୍ତାପ ଇତ୍ୟାଦି ଦ୍ୱାରା  କ୍ଷତ ବା ବିକଳାଙ୍ଗତା ଚିକିତ୍ସା ପଦ୍ଧତିର ବିଶାରଦ, କୌଣସି ରୋଗ ବା ଆଘାତର ଉପଶମ ପାଇଁ ଉପଯୁକ୍ତ ମାନସିକ ବା ଶାରୀରିକ କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟରତ ବିଶେଷଜ୍ଞ, ପ୍ରତିରୋପଣ ଚିକିତ୍ସକ ଯିଏ, ବିବିଧ ଅଂଗଗୁଡ଼ିକୁ ପ୍ରତିରୋପଣ କରିଥାନ୍ତି, ଯାହାକି ଜନ୍ମ ସମୟରୁ ନଥାଏ ବେମାର ଓ ଆଘାତ କିମ୍ବା ଚିକିତ୍ସା ସମୟରେ ନଷ୍ଟ ହୋଇଯାଇଥାଏ । ତଥା ଶଲ୍ୟ ଚିକିତ୍ସକ / ଅସ୍ଥି ବିଶାରଦ ଏବଂ ସମାଜ ସେବୀମାନେ ରହିବା ଉଚିତ୍ ।

ଅସ୍ଥିଶଲ୍ୟ ବିରୂପ ବିଶୋଧନ ଚିକିତ୍ସା ସେବା ଏବଂ ବ୍ୟାୟମ, ମାଲିସ ଓ ଉତ୍ତାପ ଇତ୍ୟାଦି ଦ୍ୱାରା ଚିକିତ୍ସା ବିଶୋଧନ ସେବା ବିଭିନ୍ନ ପ୍ରକାର ସେବାତ୍ମକ କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ । ଜଣେ ବ୍ୟକ୍ତିର ପୂର୍ବରୁ ଥିବା ଭିନ୍ନକ୍ଷମ ସଂପର୍କରେ ଅନୁଧ୍ୟାନ ପୂର୍ବକ ସେମାନଙ୍କୁ ବ୍ୟବସ୍ଥିତ ଭାବରେ ଚିକିତ୍ସା ସୁବିଧା କରିବା ଉଚିତ୍ । ସେମାନଙ୍କର ଅଙ୍ଗଭଙ୍ଗୀ ହାବଭାବ ଏବଂ ବେଢ଼ଙ୍ଗିଆ କାର୍ଯ୍ୟାବଳୀଗୁଡ଼ିକୁ ସଂଶୋଧନ କରିବା ପାଇଁ ସେମାନଙ୍କୁ ଉପଯୁକ୍ତ ସେବା ଯୋଗାଇବା ଆବଶ୍ୟକ । ଆବଶ୍ୟକ ସ୍ଥଳେ ଶିଶୁର ବ୍ୟକ୍ତିଗତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିବିଧ ସାହାଯ୍ୟକାରୀ ଉପକରଣ ବା ସାଧନଗୁଡ଼ିକର ଯୋଗାଣ ବ୍ୟବସ୍ଥା ରହିବା ନିହାତି ଜରୁରୀ ଅଟେ ।

**ଆବଶ୍ୟକୀୟ ସ୍ୱତନ୍ତ୍ର ଉପାୟ :**

କ୍ଷୁଦ୍ର ଅବୟବ ବାଧିତ ଶିକ୍ଷାର୍ଥୀଙ୍କ ପାଇଁ

- ✍ ଯଦି ହ୍ୱିଲ ଚେୟାରରେ ଶିକ୍ଷାର୍ଥୀ ବସିନାହିଁ, ତେବେ ତା ପାଇଁ ଉପଯୁକ୍ତ / ଠିକ୍ ଭାବେ ଆରାମରେ ବସିବା ସୁବିଧା କରନ୍ତୁ ।
- ✍ ଯଦି ପିଲା/ ଶିକ୍ଷାର୍ଥୀ ହ୍ୱିଲ ଚେୟାରରେ ଅଛି, ତେବେ ବି ତା ପାଇଁ ଉପଯୁକ୍ତ ସ୍ଥାନ ଏବଂ ଉଚ୍ଚା ଡ଼େକ୍ସର ବ୍ୟବସ୍ଥା କରନ୍ତୁ ।
- ✍ ଛାତ୍ରର ହାତ ପାହାନ୍ତାରେ ସାମଗ୍ରୀର ସଂରକ୍ଷଣ ।
- ✍ ଶିକ୍ଷାର୍ଥୀମାନଙ୍କୁ ଲିଖନ ଅଙ୍କନ କିମ୍ବା ଅନ୍ୟାନ୍ୟ ହସ୍ତକର୍ମ କରାଇବା ଅପେକ୍ଷା ସେମାନଙ୍କ ପାଇଁ ଅଲଗା ଅଲଗା କରି ସଜାଇ ରଖିବା, ମାଳାରେ ଗୁନ୍ଥିବା, ଏକାଠି କରିବା ଏବଂ ଦ୍ୱନ୍ଦର  ସମାଧାନ କରିବା ପ୍ରଭୃତି ଅଭ୍ୟାସ କାର୍ଯ୍ୟ ମାଧ୍ୟମରେ ବିକଳ୍ପ ବ୍ୟବସ୍ଥା କରାଇବା ଉଚିତ୍ ।

**ଆବଶ୍ୟକୀୟ ସ୍ୱତନ୍ତ୍ର ମନେରଖିବା ବିଷୟ**

ଶାରୀରିକ ଭିନ୍ନକ୍ଷମଥିବା ଶିକ୍ଷାର୍ଥୀଠାରେ ନିମ୍ନଲିଖିତ ଅଭିଜ୍ଞତାର ଅଭାବ ଦେଖାଯାଇଥାଏ । ସେହି ଉପାୟଗୁଡ଼ିକ ହେଲା:-

- ✍ ଲିଖନ କାର୍ଯ୍ୟରେ ଅସୁବିଧା
- ✍ ତଳେ ବସିବା / ଚଟାଣ ଉପରେ କିମ୍ବା ସନ୍ତୁଳିତ ଡ଼େକ୍ସରେ ବସିବା ।
- ✍ ଶିକ୍ଷଣ କାର୍ଯ୍ୟ ହେଉଥିବା ଶ୍ରେଣୀରେ ଅଂଶଗ୍ରହଣ କରିବା ବେଳେ ଅସୁବିଧା, କାରଣ ସେଠାରେ ଟେବୁଲ ଏବଂଉପକରଣ ରହି କାର୍ଯ୍ୟ କରିବା ସୁବିଧା ଜନକ ହୋଇ ନଥାଏ ।
- ✍ ଶ୍ରେଣୀ ତଥା ବିଦ୍ୟାଳୟରେ ସ୍ୱାଭାବିକ ଭାବେ ବୁଲିବାରେ ଅସୁବିଧା ।
- ✍ ଯେଉଁ ସ୍ଥାନକୁ ହ୍ୱିଲ୍ ଚେୟାରରେ ଯିବା ଅସମ୍ଭବ, ସେଇ ସ୍ଥାନକୁ ଯଥାସମ୍ଭବ ଖୋଲା ରଖିବା ଉଚିତ୍ ।

**ଶାରୀରିକ ଭିନ୍ନକ୍ଷମ ଶିକ୍ଷାର୍ଥୀ ଥିବା ଶ୍ରେଣୀରେ ସମସ୍ତଙ୍କ ପାଇଁ ଅନ୍ତର୍ନିବେଶ ବ୍ୟବସ୍ଥା ସକାଶେ ସୁବିଧା ଉପାୟ :**

✍ ଶ୍ରେଣୀଗୃହକୁ ପହଞ୍ଚିବାର ମାର୍ଗ ସମସ୍ତଙ୍କ ପାଇଁ ସହଜ ସାଧ୍ୟ କରନ୍ତୁ ।

✍ ଶ୍ରାବ୍ୟ ରେକର୍ଡ଼ର୍,ଟେପ୍ ରେକର୍ଡ଼ର, ଲେଖାକାର୍ଯ୍ୟକୁ ଟିପିବାରେ ସହାୟତା, ଅଂଗଭଂଗୀ, ଛବି ବା ଚିତ୍ର, କମ୍ପ୍ୟୁଟର ଭଳି ବିକଳ୍ପ ଯୋଗାଯୋଗର ମାଧ୍ୟମଗୁଡ଼ିକ ବ୍ୟବହାର କରି ଶିକ୍ଷଣ କାର୍ଯ୍ୟ କରାଯାଇପାରିବ ।

✍ ଶ୍ରେଣୀରେ ସନ୍ତୁଳିତ ଭାବରେ ବସିବା ପାଇଁ ଚୌକି ଏବଂ ଟେବୁଲ ଥିବା ଆବଶ୍ୟକ ।

✍ ପରୀକ୍ଷଣ ବା ମୂଲ୍ୟାୟନ ବେଳେ ଲିଖିତ କାର୍ଯ୍ୟ ପାଇଁ ସୁବିଧା କରନ୍ତୁ ।

✍ ଗୃହକାର୍ଯ୍ୟ ଏବଂ ପରୀକ୍ଷାର ପ୍ରଶ୍ନଗୁଡ଼ିକର ସମାଧାନ ପାଇଁ ନିର୍ଦ୍ଦିଷ୍ଟ ସମୟ / ଅବଧି ଠାରୁ କିଛି ଅଧିକ ସମୟ ଦିଅନ୍ତୁ ।

**ଶାରୀରିକ ଭିନ୍ନକ୍ଷମ ଶିକ୍ଷାର୍ଥୀ ଥିବା ଶ୍ରେଣୀରେ ପ୍ରତ୍ୟେକଙ୍କ ପାଇଁ ଏକ ଅନ୍ତର୍ନିବେଶୀ ଶ୍ରେଣୀଗୃହ ସଂଯୋଜନା :**

✍ ଏକ ଉତ୍ସାହପ୍ରଦ ଏବଂ ସ୍ୱାଗତଯୋଗ୍ୟ ପରିବେଶ ସୃଷ୍ଟି କରନ୍ତୁ ଯାହାଦ୍ୱାରା କି ପିଲାମାନଙ୍କ ଭିତରେ ଏକ ଦାୟିତ୍ୱବୋଧ / ଆଗ୍ରହ ସୃଷ୍ଟି ହେବ ଏବଂ ଅନ୍ୟମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ଯତ୍ନଶୀଳ ହେବେ ।

✍ ପିଲାମାନେ ଆରାମରେ ବସିପାରୁଥିବେ ଏବଂ ଅନାୟସରେ / ଠିକ୍ ଭାବେ ଅଙ୍ଗଭଙ୍ଗୀ କରିପାରୁଥିବେ ।

✍ ଶ୍ରେଣୀ ଭିତରେ ଶିକ୍ଷାର୍ଥୀମାନେ ଠିକ୍ ଭାବେ ଯିବାଆସିବା କରି ପାରୁଥିବେ ।

✍ ପିଲାଙ୍କର ବୋଧଗମ୍ୟତା ପାଇଁ ଚିତ୍ର, ବାସ୍ତବ ବସ୍ତୁ/ ଜିନିଷ, ଅନ୍ୟାନ୍ୟ ଦୃଶ୍ୟ ଉପକରଣ, ଚଳଚିତ୍ର ପ୍ରଭୃତି ଗୋଟିଏ ସମୟରେ ବହୁଳ ଦେଖାଯାଉଥିବ ।

✍ ଯଦି ସମ୍ଭବ, ଶିକ୍ଷଣ କାର୍ଯ୍ୟବେଳେ କମ୍ପ୍ୟୁଟର ବ୍ୟବହାର କରନ୍ତୁ ।

✍ କଥାକୁହା ପୁସ୍ତକ, କମ୍ପୁଟରରେ ଲୋଡ଼ିଂ ହୋଇଥିବା ପୁସ୍ତକ, ଛବିଳ ବଡ଼ ନମୂନା ପୁସ୍ତକ, ବିକଳ୍ପଭାବରେ ଶାରୀରିକ ଭିନ୍ନକ୍ଷମ ପିଲାଙ୍କ ପାଇଁ ସହପାଠୀମାନଙ୍କ ଦ୍ୱାରା ପାଖରେ ଉଚ୍ଚ ପଠନର ବ୍ୟବସ୍ଥା ଶ୍ରେଣୀ ଗୃହରେ ପର୍ଯ୍ୟାପ୍ତ ଭାବରେ କରାଯିବା ଆବଶ୍ୟକ ।

✍ ଶାରୀରିକ ଭିନ୍ନକ୍ଷମ ଶିକ୍ଷାର୍ଥୀ ଥିବା ଶ୍ରେଣୀରେ ପ୍ରତ୍ୟେକଙ୍କ ପାଇଁ ଏକ ଅନ୍ତର୍ନିବେଶୀ ଶ୍ରେଣୀଗୃହ ସଂଯୋଜନା

✍ ଲିଖନ ସମସ୍ୟାଥିବା ପିଲାମାନଙ୍କୁ ବଡ଼ ଗ୍ରିପ୍ ଥିବା (କଠୋରତା ହ୍ରାସ କରିବା ପାଇଁ ପେନସିଲ୍ ଯୋଗାଇଦେବା ଦରକାର । ନୋଟ୍ ଡ଼ାକିବା ବେଳେ ହ୍ରାସ କରିବା ସହପାଠୀମାନେ ସହଯୋଗ କରିପାରିବେ) କାର୍ବନ ପେପର ମଧ୍ୟ ନକଲ କରିବା ସମୟରେ ବ୍ୟବହାର କରାଯାଇ ପାରିବ । ପିଲା ଯଦି ନିଜେ ଲେଖିବା ପାଇଁ ସମର୍ଥ, ତେବେ କିଛି ଅଧିକ ସମୟ ତା' ପାଇଁ

ଦିଆଯିବା ଭଲ । । ଗୁଣାତ୍ମକ ଲିଖନ ପ୍ରତି ଅଯଥା ଗୁରୁତ୍ୱ ନ ଦେଇ, ଯଥା ସମ୍ଭବ ସ୍ପଷ୍ଟ ଭାବରେ ପଢ଼ିହେବା ଭଳି ଲେଖା ପାଇଁ ଉତ୍ସାହିତ କରିବା ଉଚିତ୍ ।

- ✍ ଛାତ୍ରମାନେ ପାରିପାର୍ଶ୍ୱିକ ଅବସ୍ଥା ଅନୁଯାୟୀ ଚଳିବାର ସୁବିଧାଥିବା ବ୍ରସ୍, ଗ୍ରିପଥିବା ପେନସିଲ ଏବଂ ଗ୍ରିପ୍ ଥିବା ମୋଟା ମାର୍କର ଡ୍ରଇଁ ପାଇଁ ବ୍ୟବହାର କରାଯାଇପାରେ । ମୋହରମାରିବା ପଦ୍ଧତି କିମ୍ବା କଟା ଯାଇଥିବା ଅଂଶଗୁଡ଼ିକ ଲଗାଇବା ପଦ୍ଧତି ପିଲା ଲିଖନ କାର୍ଯ୍ୟର ପ୍ରତିବଦଳରେ କରିପାରିବେ । ପିଲାଙ୍କ ପାଇ ଆବଶ୍ୟକୀୟ ବହିପତ୍ର, ଖାତା, କଲମ, ବ୍ରସ ପ୍ରଭୃତି ଶିକ୍ଷଣ ସାମଗ୍ରୀଗୁଡ଼ିକ ଫିତା କିମ୍ବା ଅଠାଫିତା ସାହାଯ୍ୟରେ ଟେବୁଲରେ ଯୋଡ଼ାଯାଇଥିବା ଆବଶ୍ୟକ, ଯେପରିକି ଶିକ୍ଷଣ ସମୟରେ ତଳକୁ ଖସି ପଡ଼ିବ ନାହିଁ ।

- ✍ ମୂଲ୍ୟାୟନ ବା ପରୀକ୍ଷା ବେଳେ ପିଲାଙ୍କୁ ମୌଖିକ ଭାବେ ଉତ୍ତର ଉପସ୍ଥାପନ କରିବା ପାଇଁ ସୁଯୋଗ ଦେବା ଉଚିତ୍ । ଆବଶ୍ୟକସ୍ଥଳେ ଉତ୍ତର ପ୍ରଦାନ ପାଇଁ ଲେଖାଳୀ ବ୍ୟବସ୍ଥା କରିବା ଆବଶ୍ୟକ । କ୍ଷୁଦ୍ର ଉତ୍ତର ମୂଳକ, ପ୍ରଶ୍ନ ବହୁବିଧ ଦତ୍ତ ଉତ୍ତରମୂଳକ ପ୍ରଶ୍ନମାନ ପଚରିବା ଉଚିତ୍, ଯେଉଁ ପ୍ରକାର ପ୍ରଶ୍ନଗୁଡ଼ିକରେ କି ହଁ / ନାହିଁ କିମ୍ବା ସତ୍ୟ / ମିଥ୍ୟା ଭଳି ବିକଳ୍ପ ଉତ୍ତର ଦିଆଯାଇ ପାରୁଥିବ ।

- ✍ ଦଳଗତ କାର୍ଯ୍ୟ ଏବଂ ସାଙ୍ଗସାଥୀମାନଙ୍କ ସାହାଯ୍ୟ । ପିଲାର ପଠନ, ଭୋଜନ, ଚତୁଃପାର୍ଶ୍ୱରେ ଯା' ଆସ କରିବା, କ୍ରୀଡ଼ା ବା' ଖେଳକୁଦ ଇତ୍ୟାଦି କାର୍ଯ୍ୟ କରିବା ସମୟରେ ସାଙ୍ଗସାଥୀମାନଙ୍କ ସହିତ ଦଳଗତ ଭାବେ କାର୍ଯ୍ୟକଲେ ପିଲା ବିଶେଷଭାବେ ଉପକୃତ ହୋଇଥାଏ ।

- ✍ କ୍ରୀଡ଼ା / ଖେଳକୁଦ ସଂପର୍କୀୟ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକରେ ପ୍ରତ୍ୟେକ ପିଲାଙ୍କ ଅଂଶଗ୍ରହଣ କରାଇବା ପାଇଁ ବିକଳ୍ପ ଯୋଜନାମାନ ପ୍ରସ୍ତୁତ କରିବା ନିହାତି ଜରୁରୀ ଅଟେ । ଯେମିତି, କ୍ରିକେଟ୍ ଖେଳ ବେଳେ ସମସ୍ୟାଥିବା ପିଲାଙ୍କୁ ଖେଳ ପରିଚାଳକ ତଥା ମିମାଂସାକାରୀ ଭାବରେ କାର୍ଯ୍ୟ କରିବା ପାଇଁ ସୁଯୋଗ ଦିଆଯିବା ଭଲ ନୃତ୍ୟ ପ୍ରଦର୍ଶନ ସମୟରେ ହ୍ୱିଲ ଚେୟାର / ଚକଲଗା ଚୌକି କିମ୍ବା ଆଶାବାଡ଼ିର ବ୍ୟବହାର ପାଇଁ ବ୍ୟବସ୍ଥା ସାଙ୍ଗଙ୍କୁ ଉତ୍ସାହିତ କରିବା ଉଚିତ୍ ।

- ✍ ଗୋଟିଏ କିମ୍ବା ଦୁଇଟି ଅଭ୍ୟାସ କାର୍ଯ୍ୟ ସଂପୂର୍ଣ୍ଣ କଲାପରେ ପିଲାଙ୍କ ପାଇଁ ପୁଣି ସୂଚନାକୁ ଦୋହରାନ୍ତୁ ଏବଂ କାର୍ଯ୍ୟଗୁଡ଼ିକୁ ତଦନୁଯାୟୀ କରୁଛନ୍ତି କି ନାହିଁ ବାରମ୍ବାର ଯାଞ୍ଚ କରନ୍ତୁ ।

- ✍ ବାସ୍ତବ/ ପ୍ରକୃତ ବସ୍ତୁ, ସ୍ତମ୍ଭ ମେଳକ, ସଜ୍ଜୀକରଣ, ଅଲଗା କରିବା/ ବର୍ଗୀକରଣ, ଅଭ୍ୟାସ କାର୍ଯ୍ୟ ଚିହ୍ନଟ/ ନିର୍ଣ୍ଣୟ ମାଧ୍ୟମରେ ଗଣିତ ଶିକ୍ଷଣ କାର୍ଯ୍ୟ କରାଯାଇପାରିବ ।

- ✍ ଭାଷାଶିକ୍ଷଣ ବେଳେ ବଡ଼ ବଡ଼ ମୋଟା ଅକ୍ଷରରେ ଲେଖା ଯାଇଥିବା, ରେଖାଙ୍କିତ, ଛବିଳ ପୁସ୍ତକ ଗୁଡ଼ିକ ପିଲାପାଇଁ ବିଶେଷ ସହାୟକ ହୋଇଥାଏ । ଶିକ୍ଷାର୍ଥୀ ନିଜ ସାଙ୍ଗରେ ନିଜେ କଥା ହୋଇଥାଏ ଅର୍ଥାତ୍ ଆପେ ଆପେ ଅସ୍ପଷ୍ଟ ଭାବରେ ବାରମ୍ବାର କହି ଚାଲିଥାଏ, ଏହାଦ୍ୱାରା ପିଲା ଭଲଭାବରେ ବୁଝିପାରେ ।

#  ୫ ବୌଦ୍ଧିକ ଭିନ୍ନକ୍ଷମ

ଉପକ୍ରମରେ ଯେହେତୁ ଉଲ୍ଲେଖ କରାଯାଇଛି, ଏହି ବିଭାଗରେ ମସ୍ତିଷ୍କର ଶକ୍ତି ବା ସାମର୍ଥ୍ୟ ହ୍ରାସ ଯୋଗୁଁ ପିଲାର ମସ୍ତିଷ୍କ ପ୍ରକ୍ରିୟା କିପରି ତଥ୍ୟ ପରିବେଷଣ କ୍ଷେତ୍ରରେ ପଛେଇଯାଏ ଏବଂ କିଭଳି ଭାବରେ ବିକାଶକ୍ଷେତ୍ର ହ୍ରାସ ଯୋଗୁଁ ସେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାଏ ସେହି ସଂପର୍କରେ ଆଲୋଚନା କରାଯାଇଛି ।

ଯେକୌଣସି ଏକ ଦେଶରେ ପ୍ରଚଳିତ ଭାଷା, ସାମାଜିକ - ସାଂସ୍କୃତିକ ପରିବେଶ, ଅର୍ଥନୈତିକ ଏବଂ ଧାର୍ମିକ ପୃଷ୍ଠଭୂମି ମଧ୍ୟରେ ଥିବା ବିବିଧତା ହିଁ ଶ୍ରେଣୀ ଗୃହରେ ପ୍ରତିଫଳିତ ହୋଇଥାଏ । ସେଗୁଡ଼ିକ ବହୁ ସମୟରେ ଆହ୍ୱାନ ଭାବରେ ଉପସ୍ଥାପିତ ହୋଇଥାନ୍ତି । ସ୍ୱାସ୍ଥ୍ୟ, ପୁଷ୍ଟି ଏବଂ ଉତ୍ତମ ପରିଚ୍ଛନ୍ନତା ସମ୍ପର୍କରେ ଠିକ୍ ତଥ୍ୟ ଅଭାବରୁ ଏହି ବିବିଧତା ସମସ୍ତଙ୍କ ପାଇଁ ସମସ୍ୟା ଭାବରେ ଠିଆ ହୋଇଥାଏ । ଏହା ମନେରଖିବାକୁ ହେବ ଯେ, ଏହି ଅସୁବିଧା ଗୁଡ଼ିକ ପିଲାର ବିକାଶକୁ ପ୍ରତିହତ କରିଥାଏ । ଫଳରେ ପିଲା ନିୟମିତ ଭାବରେ ଶ୍ରେଣୀଗୃହରେ ଅନେକ ସମସ୍ୟାର ସମ୍ମୁଖୀନ କରିଥାଏ । ଏହି ବିଭାଗରେ ପିଲାର ମସ୍ତିଷ୍କ ଉପରେ ପ୍ରଭାବ ପକାଉଥିବା ଶିକ୍ଷଣ ଆବଶ୍ୟକତା ସମ୍ବନ୍ଧରେ ସମ୍ୟକ୍ ଭାବେ ଚର୍ଚ୍ଚା କରାଯାଇଛି ।

ଯେତେବେଳେ ଆମେ, କିଛି ବୁଝୁ ନ ଥିବା, ଶିଖୁ ନ ଥିବା କିମ୍ବା ଜାଣିଥିବା ବିଷୟକୁ ପରିପ୍ରକାଶ କରି ପାରୁ ନଥିବା ଶିକ୍ଷାର୍ଥୀଙ୍କ ସମ୍ବନ୍ଧରେ ଆଲୋଚନା କରୁ ସେତେବେଳେ ଆମକୁ ବୁଝିବାକୁ ହେବ ଯେ, ଶିକ୍ଷାର୍ଥୀଙ୍କର ଏହି ଆଚରଣମାନ ଇନ୍ଦ୍ରିୟଗତ, ଶାରୀରିକ କିମ୍ବା ଋଳନାଗତ ଅସୁବିଧା ଜନିତ ହୋଇନଥାଏ ।

ଆଗରୁ ଆଲୋଚିତ ହୋଇଛି ଯେ, ବୁଝିବା ଏବଂ ବୌଦ୍ଧିକ ଭିନ୍ନକ୍ଷମଙ୍କ ମଧ୍ୟରୁ ଅନେକ ଶିକ୍ଷାର୍ଥୀଙ୍କୁ ଚିହ୍ନଟ କରିବା ପାଇଁ ପର୍ଯ୍ୟାୟକ୍ରମେ ଠିକ୍ ତଥା ଉପଯୁକ୍ତ ପରୀକ୍ଷଣ କରିବା ଆବଶ୍ୟକ । ଏମାନଙ୍କ ମଧ୍ୟରୁ କିଛି ସହଜସାଧ୍ୟ ହୋଇ ନ ପାରେ । ଭାରତୀୟ ସରକାରୀ ବିଦ୍ୟାଳୟ ଯାହା ଉପରେ କି ବହୁତ ସଂଖ୍ୟକ ପିଲା ନିର୍ଭର କରିଥାନ୍ତି, ସେଠାରେ ଏହା ପହଞ୍ଚିବା ପାଇଁ ସହଜସାଧ୍ୟ ହୋଇ ନଥାଏ । ସୀମିତ ସଂଖ୍ୟକ ତଥ୍ୟ ଉପସ୍ଥାପକ, ଉପଲବ୍ଧିର ସୁଯୋଗ, ଦାରିଦ୍ର୍ୟତା, ବିକାଶ ପାଇଁ ଅତି କମ୍ ସାଧନ ସୃଷ୍ଟିରେ ବିଭେଦତା ଯୋଗୁଁ ଏହି ପ୍ରକାର ଶିକ୍ଷାର୍ଥୀମାନେ ଦୈନନ୍ଦିନ ଜୀବନରେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ କାର୍ଯ୍ୟ କରିଥାନ୍ତି । ଏହିପରି ଅବସ୍ଥା ଯୋଗୁଁ ମଧ୍ୟ ପିଲାଙ୍କର ଶିକ୍ଷଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ ।

ଶ୍ରେଣୀ ଗୃହରେ ଏକ ଅନ୍ତର୍ନିବେଶୀ ଶିକ୍ଷଣ ପରିବେଶ ସୃଷ୍ଟି କରିବା ପାଇଁ ଏହି ବିଭାଗରେ ମଧ୍ୟ କେତେକ ବ୍ୟବସ୍ଥା, ସତର୍କ ସୂଚନା ଏବଂ ସୁବିଧା ଯୋଗାଇ ଦିଆଯାଇଅଛି । ବିଭିନ୍ନ ପ୍ରକାର ଶିକ୍ଷଣ ସ୍ତର, ସାମର୍ଥ୍ୟ ଏବଂ ସକ୍ଷମ ଥିବା ଶିକ୍ଷାର୍ଥୀମାନଙ୍କୁ ଦଳଗତ ଭାବେ କିପରି ଏକ ଉନ୍ନୀତ ସ୍ତରକୁ ଅଣାଯାଇ ପାରିବ ସେଇ ସମ୍ପର୍କରେ ସମ୍ୟକ୍ ଭାବରେ ଆଲୋଚନା କରାଯାଇଛି ।

### 'ବୌଦ୍ଧିକ କାର୍ଯ୍ୟ' ସଂପର୍କିତ କିଛି ପଦ, ସଂଜ୍ଞା ଏବଂ ଶବ୍ଦ

ମନଯୋଗ : ଏକତ୍ର ହେବା, ମିଳିତ ହେବା କିମ୍ବା ମନଯୋଗ ସହ ପର୍ଯ୍ୟବେକ୍ଷଣ, ବିଋର କରିବାର ମାନସିକ ସ୍ଥିତି, ଧ୍ୟାନ ଆକର୍ଷଣ କରିବା, କୌଣସି ବ୍ୟକ୍ତି କିମ୍ବା ବସ୍ତୁ ସମ୍ପର୍କରେ ଧ୍ୟାନ ଦେବା ।

ବୁଦ୍ଧି : ଭାଷା ଏବଂ ପ୍ରତିକ୍ରିୟା ମାଧ୍ୟମରେ ନିଜର ଏବଂ ପୃଥିବୀ ସମ୍ପର୍କରେ ଜାଣିବା ପାଇଁ ଦକ୍ଷତା ହାସଲ କରିବା ।

ବୋଧଶକ୍ତି : କୌଣସି ତଥ୍ୟକୁ ବୁଝିବା ପାଇଁ ଦକ୍ଷତା

ସ୍ମୃତିଶକ୍ତି :- ବୁଝିପାରିବା ପ୍ରକ୍ରିୟା ତଥ୍ୟକୁ ସଞ୍ଚୟ ଏବଂ ମନେପକାଇବା ପାଇଁ ଦକ୍ଷତା ଶକ୍ତି, ବିଚାର ଶକ୍ତି, ବୋଧଶକ୍ତି ଧୀଶକ୍ତି, ଅବାସ୍ତବ ବିଷୟରେ ବୁଝିବା ଓ ଚିନ୍ତାକରିବା ଶକ୍ତି ।

**ବିବିଧ ଶିକ୍ଷଣ ଶୈଳୀ ଏବଂ ଆବଶ୍ୟକତା ଥିବା ପିଲାଙ୍କୁ ଏକତ୍ର କରିବା ପାଇଁ ଶ୍ରେଣୀଗୃହ ବ୍ୟବସ୍ଥା :-**

- ଆପଣଙ୍କ ଶ୍ରେଣୀରେ ଥିବା ଛାତ୍ରଛାତ୍ରୀଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ସହ ଏକତ୍ର କାର୍ଯ୍ୟ କରିବାର ଅଭିଜ୍ଞତା ଥିବା ସ୍ୱତନ୍ତ୍ର ଶିକ୍ଷାଯୁକ୍ତ ଶିକ୍ଷକ, ଶାରୀରିକ, ବ୍ୟାବସାୟିକ କିମ୍ବା ଚଳନାଗତ ପ୍ରଦର୍ଶନକାରୀ ଭୌତିକ ବିଜ୍ଞାନ ବିଶାରଦ, ମନୋବିଜ୍ଞାନିକ, ଭୌତିକ ଚିକିତ୍ସକ, ଅସ୍ଥିଶଲ୍ୟ ତଥା ବିଶେଷଜ୍ଞ, ପ୍ରଭୃତି ସ୍ୱତନ୍ତ୍ର ସେବା ମନସ୍ତତ୍ତ୍ୱବିତ୍ ପ୍ରଦାକାରୀଙ୍କ ସହ ପରାମର୍ଶ କରନ୍ତୁ । ସେମାନଙ୍କ ଠାରୁ ଆପଣଙ୍କ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ପାଖରେ ଥିବା ସ୍ୱତନ୍ତ୍ର ଦୁର୍ବଳତା, ଆବଶ୍ୟକତା ଏବଂ ସକ୍ଷମତା, ଇଚ୍ଛା ପ୍ରଭୃତି ଜାଣି ଶ୍ରେଣୀ ଗୃହରେ ସେଗୁଡ଼ିକୁ ଭିତ୍ତିକରି ଦୈନନ୍ଦିନ କାର୍ଯ୍ୟକ୍ରମ ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ ।



- ଉନ୍ନତ / ମେଧାବୀ ଶିକ୍ଷାର୍ଥୀ ଏବଂ ଅଗ୍ରଗାମୀ ଶିକ୍ଷାର୍ଥୀ ଅର୍ଥାତ୍ ଯିଏ କି ବିବିଧ କାରଣ ଏବଂ ସମସ୍ୟା ମଧ୍ୟରେ ଥାଇ ଶ୍ରେଣୀରେ ମଧ୍ୟ ଶ୍ରେଣୀ ଶିକ୍ଷଣକୁ ବୁଝିବା ପାଇଁ ଚେଷ୍ଟା କରୁଛନ୍ତି, ସେମାନଙ୍କର କାର୍ଯ୍ୟ ଆବଶ୍ୟକତା ବୁଝି / ଅନୁଧ୍ୟାନ କରି ଯୋଜନା ପ୍ରସ୍ତୁତ କରନ୍ତୁ ।

- ବିଦ୍ୟାଳୟ ନିୟମ, ଦୈନିକ କିମ୍ବା ସାପ୍ତାହିକ ଶ୍ରେଣୀ କାର୍ଯ୍ୟ ନିର୍ଘଣ୍ଟ ତିଆରି କରି ଆପଣଙ୍କ ବିଦ୍ୟାଳୟ କାନ୍ଥରେ ଝୁଲାଇଦିଅନ୍ତୁ ।

- ସୂଚନାଗୁଡ଼ିକ ଏମିତି ଉଦ୍ଦେଶ୍ୟ ମୂଳକ ଭାବେ ସ୍ପଷ୍ଟ କରନ୍ତୁ, ଯେମିତିକି ଶିକ୍ଷାର୍ଥୀମାନେ ଯେତେବେଳେ ଅନ୍ୟ ଅଧ୍ୟାୟ କିମ୍ବା ଅଭ୍ୟାସ କାର୍ଯ୍ୟ କରିବାକୁ ପଡୁଛି, ସେଥିପାଇଁ ଶାନ୍ତି ଏବଂ ସ୍ୱାଚ୍ଛଲ୍ୟରେ ଆବଶ୍ୟକୀୟ ଉପକରଣ ସଂଗ୍ରହରେ ଲାଗିପଡ଼ିବେ ।

- ଶ୍ରେଣୀ କାର୍ଯ୍ୟକ୍ରମ ସଂଯୋଜନାରେ ପିଲାମାନଙ୍କୁ ଏବଂ ପୁରାତନ ପୁରୁଣା ଶିକ୍ଷାର୍ଥୀମାନଙ୍କୁ ସଂପୃକ୍ତ କରନ୍ତୁ । ଅଭିଜ୍ଞତା ଏହି ଯୋଜନାଟି ବହୁଗୁଣ ସମ୍ପନ୍ନିତ ଏବଂ ମୂଲ୍ୟବାନ୍ ହୋଇଥିବା ହେତୁ ଏହା ଫଳପ୍ରଦ ଶିକ୍ଷଣ ପାଇଁ ଯଥେଷ୍ଟ ଭାବରେ ସହାୟକ ହେବ । (ଜାତୀୟ ପାଠ୍ୟକ୍ରମ ଯୋଜନା ଆଧାର - 2005 )

## ଦଳଗତ କାର୍ଯ୍ୟ

ନ୍ୟସ୍ତକାର୍ଯ୍ୟ ଏବଂ ଶ୍ରେଣୀକାର୍ଯ୍ୟ ଇତ୍ୟାଦି ଅଭ୍ୟାସ କାର୍ଯ୍ୟ ଦଳଗତ ଭାବେ କରାଗଲେ ଶିକ୍ଷଣ ଶିକ୍ଷାଦାନ କାର୍ଯ୍ୟ ଫଳପ୍ରଦ ହୋଇଥାଏ । ଏଥିପାଇଁ ଆପଣଙ୍କ ଶ୍ରେଣୀର ପ୍ରତ୍ୟେକ ପିଲାଙ୍କୁ ଦୁଇ ଦୁଇ ଜଣ କରି ଦଳମାନ ଗଠନ କରନ୍ତୁ । ଆବଶ୍ୟକ ସ୍ତରରେ ଦୁଇ ଜଣରୁ ଅଧିକ ପିଲାଙ୍କୁ ଗୋଟିଏ ଦଳରେ ରଖନ୍ତୁ । ଯେତେ ସମ୍ଭବ, ଛୋଟ ଛୋଟ ଦଳ ଗଠନ କଲେ ପିଲା ଠିକ୍‌ଭାବେ କାମ କରିବା ପାଇଁ ସୁଯୋଗ ପାଇଥାଏ । ଆପଣ ମଧ୍ୟ ଏହାକୁ ନିରନ୍ତର ଓ ସାମଗ୍ରୀକ ମୂଲ୍ୟାୟନ ଲକ୍ଷ୍ୟର ଉପାଦାନ ଭାବେ ଗ୍ରହଣ କରି ଦଳଗତ କାର୍ଯ୍ୟକୁ ଆବଶ୍ୟକୀୟ ମତାମତ ପ୍ରଦାନ କରି ପାରିବେ ।

ସମଗ୍ର ଶ୍ରେଣୀକୁ ଶିକ୍ଷାଦାନ କରିବା ସମୟରେ ପ୍ରତ୍ୟେକ ପିଲାଙ୍କୁ ବିଭିନ୍ନ କାର୍ଯ୍ୟ କରିବା ପାଇଁ ସୁଯୋଗ ଦେବା ସମ୍ଭବପର ହୋଇନଥାଏ । ଦଳଗଠନ କରି ଦଳଗତ ଭାବେ କାର୍ଯ୍ୟ ବାଣ୍ଟିଲେ, ପ୍ରାୟ ପ୍ରତ୍ୟେକ ପିଲା ଶିକ୍ଷଣକାର୍ଯ୍ୟରେ ସ୍ୱତଃସ୍ଫୂର୍ତ୍ତଭାବେ ଅଂଶଗ୍ରହଣ କରିବାର ସୁଯୋଗ ପର୍ଯ୍ୟାପ୍ତ ଭାବରେ ପାଇପାରିଥାନ୍ତି । ବହୁଶ୍ରେଣୀୟ ଶିକ୍ଷଣ ବ୍ୟବସ୍ଥାରେ / ପରିସ୍ଥିତିରେ ପ୍ରକଳ୍ପ କାର୍ଯ୍ୟ ଅଥବା ଅଭ୍ୟାସ କାର୍ଯ୍ୟ ଦଳଗତ ଭାବେ ଦିଅନ୍ତୁ । ପ୍ରତ୍ୟେକ ଦଳରେ ବିଭିନ୍ନ ବୟସର ପିଲାଙ୍କୁ ସାମିଲ କରନ୍ତୁ । ଦେଖିବେ ବ୍ୟକ୍ତିଗତ ଭାବରେ ଯେଉଁ କାର୍ଯ୍ୟକୁ ପିଲା କରିପାରି ନଥାନ୍ତା ଅଥବା କରିବା ପାଇଁ ବହୁତ କଷ୍ଟସ୍ୱୀକାର କରିଥାନ୍ତା, ଖୁବ୍ ସହଜରେ / ସେହି କାର୍ଯ୍ୟଟି ଦଳଗତ ଭାବେ ହୋଇପାରିଛି । ଏହାଦ୍ୱାରା ପିଲାମାନେ ପରସ୍ପର ନିଜ ନିଜ ବୁଦ୍ଧି, ଜ୍ଞାନ ତଥା ଅଭିଜ୍ଞତାକୁ ବାଣ୍ଟିଥାନ୍ତି । ଏହି କାର୍ଯ୍ୟକଳାପ ମାଧ୍ୟରେ ସେମାନେ ପରସ୍ପର ମଧ୍ୟରେ ସାମାଜିକ ସଂପର୍କର ବିକାଶ ଘଟିଥାଏ । ସେମାନେ ପରସ୍ପର ଘନିଷ୍ଠ ହେବା ପାଇଁ ସୁଯୋଗ ପାଇଥାନ୍ତି । ପୁନଶ୍ଚ ଏହାଦ୍ୱାରା ସେମାନଙ୍କର ସହଯୋଗ ମନୋବୃତ୍ତି ବାର୍ତ୍ତାଳାପ, ଭାବ ଆଦାନପ୍ରଦାନ ଆଦି ସାମାଜିକ ଗୁଣାବଳୀର ବିକାଶ ହୋଇଥାଏ ।

ଦଳଗତ କାର୍ଯ୍ୟ ଏଥିପାଇଁ କରାଯାଏ ଯେ, ଏହାଦ୍ୱାରା ପିଲାମାନେ ପ୍ରକୃତରେ କ'ଣ ପ୍ରତ୍ୟାଶା ରଖିଛନ୍ତି ଏବଂ ସେମାନଙ୍କଠାରୁ କ'ଣ ଆଶା। କରାଯାଉଛି ଉଭୟଜ୍ଞାନ ସେମାନେ ଏହାଦ୍ୱାରା ପାଇପାରନ୍ତି । ଅବଶ୍ୟ ଦଳଗତ କାର୍ଯ୍ୟ କରାଯିବା ଆଗରୁ ପିଲାମାନେ ଜାଣି ରଖିବା ଉଚିତ୍ ଯେ, କେଉଁକାର୍ଯ୍ୟ ସେମାନଙ୍କ ଦଳକୁ ଦିଆଯାଇଛି । ଦଳର ପ୍ରତ୍ୟେକ ସଭ୍ୟ ବ୍ୟକ୍ତିଗତ ଭାବରେ ସେହି କାର୍ଯ୍ୟ ସଂପାଦନ ପାଇଁ ପ୍ରମୁଖ ଭାବରେ ଦାୟୀ ଅଟନ୍ତି । (ପୁଟନମ୍ - 1994) ଯେଉଁ ଶିକ୍ଷାର୍ଥୀମାନେ ସାମାଜିକ ବ୍ୟବହାର / ଆଚରଣ ପରିପ୍ରକାଶ କରିବାରେ ନିଜକୁ ନ୍ୟୁନ ମନେ କରୁଥାଆନ୍ତି; ଦଳଗତ କାର୍ଯ୍ୟରେ ଅଂଶଗ୍ରହଣ କରିବା ଫଳରେ, ଏହି ସବୁ ସମସ୍ୟା କ୍ରମଶଃ ଦୂର ହୋଇଯାଏ । କାରଣ ସେମାନେ ଦଳଗତଭାବେ ଖେଳ, ଅଭିନୟ, ସଂଗୀତଗାନ, ବ୍ୟାୟାମ, ପରୀକ୍ଷଣ ଆଦି କାର୍ଯ୍ୟମାନ କରିଥାନ୍ତି । ଏହି କାର୍ଯ୍ୟ ପାଇଁ ପିଲାଙ୍କୁ ଯଥେଷ୍ଟ ପୁନର୍ବଳନ ଦେବା ଆବଶ୍ୟକ, ଯଦ୍ୱାରା ସେମାନେ ଉତ୍ସାହିତ ହୋଇ ଅଧିକରୁ ଅଧିକ ମନୋନିବେଶ କରିବେ ।

## ଦଳଗତ କାର୍ଯ୍ୟ ଓ ବ୍ୟକ୍ତିଗତ କାର୍ଯ୍ୟ

ବ୍ୟକ୍ତିଗତ କାର୍ଯ୍ୟଗୁଡ଼ିକୁ ଗୋଟି ଗୋଟି କରି ପରିଦର୍ଶନ କରି ଦେଖିବା କିମ୍ବା ପର୍ଯ୍ୟବେକ୍ଷଣ କରିବା ବିଶେଷ କଷ୍ଟକର ଅଟେ । ଦଳଗତ କାର୍ଯ୍ୟଗୁଡ଼ିକୁ ପର୍ଯ୍ୟବେକ୍ଷଣ ପାଇଁ ଶ୍ରେଣୀ ଗୃହରେ କାର୍ଯ୍ୟରତ ପ୍ରତିଟି ଦଳ ପାଖରେ ପହଞ୍ଚି ଆବଶ୍ୟକ ସ୍ଥଳେ ହସ୍ତକ୍ଷେପ କରିବା ଆବଶ୍ୟକ । ଯଦି ଦରକାର ତେବେ କିଛି ସୂଚନା, କିଛି ମନ୍ତବ୍ୟ କିମ୍ବା କିଛି ସହଯୋଗ କରିବା କଥା । ନିରନ୍ତର ଓ

ସାମଗ୍ରୀକ ମୂଲ୍ୟାୟନର ଏକ ପ୍ରମୁଖ ଲକ୍ଷ୍ୟ ହେଉଛି, ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା, ଯାହାକି ଏହି ଦଳଗତ କାର୍ଯ୍ୟ ମାଧ୍ୟମରେ ସାଧନ ହୋଇଥାଏ ।

ଇନ୍ଦ୍ରିୟମାନଙ୍କ ଦ୍ୱାରା ଗୃହୀତ ଉପାୟ ଗୁଡ଼ିକର ବ୍ୟବହାର କରନ୍ତୁ – ଦୃଶ୍ୟ ସହାୟକ ଚଳଚ୍ଚିତ୍ର, ଗତିଶୀଳ ଚିତ୍ର ଓ ବାସ୍ତବ ବସ୍ତୁ, ସ୍ପର୍ଶାନୁଭୂତ ଓ ଶ୍ରବଣ ଉଦ୍ଦୀପକ ଉପକରଣ ।

## ପ୍ରତିବିମ୍ବ

ପିଲାମାନେ ଅଭିଜ୍ଞତା ଏବଂ ଅନୁଭୂତି ମାଧ୍ୟମରେ । ବସ୍ତୁ ବା ଜିନିଷ ତିଆରି କରି ଓ ବ୍ୟବହାର କରି ପରୀକ୍ଷା ବା ପରୀକ୍ଷଣ କରି, ପଠନ, ଆଲୋଚନା , ପ୍ରଶ୍ନ ପଚାରି, ଶ୍ରବଣ, ଚିନ୍ତା ପ୍ରକଟ କରି ବକ୍ତବ୍ୟରେ ନିଜର ମତାମତକୁ ପ୍ରକାଶ କରି, ଲିଖନ ଏବଂ ଭ୍ରମଣ କରି, ଏଭଳି ବିବିଧ ଉପାୟରେ ଜ୍ଞାନାର୍ଜନ କରିଥାନ୍ତି ବା ଶିଖିଥାନ୍ତି । ବେଳେବେଳେ ପିଲା ବ୍ୟକ୍ତିଗତ ଭାବରେ ଏବଂ ବେଳେବେଳେ ଦଳଗତ ଭାବରେ ଶିଖିଥାଏ (ଜାତୀୟ ପାଠ୍ୟକ୍ରମ ଆଧାର – 2005) ଏଣୁ ବିଭିନ୍ନ ପ୍ରକାର ପ୍ରଣାଳୀ, ପଦ୍ଧତି, ଉପାୟ ଏବଂ ବ୍ୟବସ୍ଥାମାନ ଗ୍ରହଣ କରିବା ଉଚିତ୍ । ଶିକ୍ଷଣ – ଶିକ୍ଷାଦାନ ପ୍ରକ୍ରିୟାର ପ୍ରଚଳିତ ମୂଲ୍ୟାୟନ ବ୍ୟବସ୍ଥାର ଦୃଢ଼ୀକରଣ ପାଇଁ ଶ୍ରେଣୀ ଗୃହରେ ବିଭିନ୍ନ ପ୍ରକାର ପ୍ରଣାଳୀ ଗୁଡ଼ିକ ବିବିଧ ବର୍ଗର ପିଲାଙ୍କର ସାମାଜିକ, ସାଂସ୍କୃତିକ ଏବଂ ଶାରୀରିକ କାର୍ଯ୍ୟ ଭିତ୍ତିରେ ସଂଯୋଜିତ ହେଲେ, ପିଲା ଉତ୍ସାହର ସହ ସେହି କାର୍ଯ୍ୟରେ ଅଂଶଗ୍ରହଣ କରନ୍ତି ଏବଂ ସହଜରେ ଉତ୍ତର ଦେଇପାରନ୍ତି । (NCF-2005) । ଉଦାହରଣ ସ୍ୱରୂପ, ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷକ ନିମ୍ନଲିଖିତ କାର୍ଯ୍ୟମାନ ଅବଲମ୍ବନ କରିପାରିବେ ।

- ✍ ପ୍ରତ୍ୟେକ ଅଧ୍ୟାୟକୁ ଛୋଟ ଛୋଟ ଅଂଶରେ ଭାଗ କରି ପିଲାଙ୍କୁ ଶିକ୍ଷଣ କାର୍ଯ୍ୟ ପାଇଁ ଯୋଜନା କରନ୍ତୁ । ପ୍ରତ୍ୟେକ ଶ୍ରେଣୀ କାର୍ଯ୍ୟ ପାଇଁ ଉପସ୍ଥାପନ ହେବାକୁ ଥିବା ବିଷୟବସ୍ତୁକୁ ସରଳରୁ ଜଟିଳ ରୀତିରେ ଶିକ୍ଷା ଦେବା ପାଇଁ ନିଜକୁ ପ୍ରସ୍ତୁତ କରନ୍ତୁ ।
- ✍ ଯେଉଁ ଶିକ୍ଷାର୍ଥୀମାନେ ଆବଶ୍ୟକ ମନେ କରୁଛନ୍ତି ସେମାନଙ୍କୁ ଅଧିକ ସମୟ ଏବଂ ଅଭ୍ୟାସର ସୁଯୋଗ ଦିଅନ୍ତୁ ।
- ✍ ବାସ୍ତବ ଧାରଣା ଯୋଗାଇ ଦିଅନ୍ତୁ ।
- ✍ ଦୃଶ୍ୟ, ଶ୍ରାବ୍ୟ, ମସୃଣ, ଗତିଶୀଳ ପ୍ରଭୃତି ବିବିଧ ଇନ୍ଦ୍ରିୟଯୁକ୍ତ ଉପାୟ ଗୁଡ଼ିକ ବ୍ୟବହାର କରନ୍ତୁ ।
- ✍ ପିଲାର ପରିଚିତ କଥିତ ଭାଷା ଏବଂ ଜ୍ଞାତ ଶବ୍ଦ ଶ୍ରେଣୀରେ ବ୍ୟବହାର କରନ୍ତୁ ।

# ମିଶ୍ର ଦକ୍ଷତା ଥିବା ଦଳରେ ଥିବା ବିଭେଦୀକରଣ ସୂଚନା

| **ବ୍ୟକ୍ତି ଯେଉଁ ପରିସ୍ଥିତିରେ ଠିକ୍ ଭାବେ ଶିକ୍ଷାଲାଭ କରିଥାଏ :** | **ବିଭେଦୀକରଣ : ଆମେ ଶିକ୍ଷାର୍ଥୀଙ୍କ ଅଲଗା ଭାବରେ ଧ୍ୟାନ ଦେବା କାରଣ :** |
| --- | --- |
| ସେ ଯାହା ଶିଖେ ତାହା ଅର୍ଥପୂର୍ଣ୍ଣ ହେବା ଆବଶ୍ୟକ । | ଯେହେତୁ ପିଲାମାନେ ବିଭିନ୍ନ ପୃଷ୍ଠଭୂମିରୁ ଆସିଥାନ୍ତି ଏବଂ ସେମାନଙ୍କର ଆଗ୍ରହ ଅଲଗା ଅଲଗା ହୋଇଥାଏ, ଏଣୁ ସବୁ ପିଲାଙ୍କ ପାଇଁ ଯେ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ବସ୍ତୁ ବା ପ୍ରସଙ୍ଗ ବ୍ୟକ୍ତିଗତ ଭାବରେ ଅର୍ଥପୂର୍ଣ୍ଣ ହେବ, ଏହା ଅନିଶ୍ଚିତ ଅଟେ । |
| ନିଜ ସମସ୍ୟା ଭିତ୍ତିକ ଶିକ୍ଷଣ ପ୍ରସଙ୍ଗ ହୋଇଥିଲେ ସେ ଶିଖିବା ପାଇଁ ଆଗ୍ରହ ପ୍ରକାଶ କରିଥାଏ । ସମସ୍ୟାକୁ ସାମ୍ନା କରିବା ପାଇଁ ତା' ପାଇଁ ଥିବା ଆହ୍ୱାନକୁ ସେ ଗ୍ରହଣ କରିଥାଏ । | ପିଲାମାନେ ବିଭିନ୍ନ ବେଗରେ ଶିଖିଥାନ୍ତି ବା ପିଲାମାନଙ୍କର ଶିକ୍ଷଣ ବେଗ ଅଲଗା ଅଲଗା । ଗୋଟିଏ ପ୍ରକାର ସ୍ଥାନ, ପାଠ୍ୟ ପୁସ୍ତକ କିମ୍ବା କାର୍ଯ୍ୟ କରିବା କିଛି ପିଲାଙ୍କ ପାଇଁ ବିରକ୍ତିକର ଏବଂ ନୈରାଶ୍ୟଜନକ ହୋଇଥାଏ । ସମାନ ପରିସ୍ଥିତରେ ସବୁପିଲା ଠିକ୍ ଭାବରେ ଶିକ୍ଷାଲାଭ ସମାନ ବେଗରେ କରିପାରନ୍ତି ନାହିଁ । |
| ଯାହା ସେ ଶିଖିବାକୁ ଇଚ୍ଛା କରେ, ସେଗୁଡ଼ିକ ଠିକ୍ ତାହାର ବିକାଶସ୍ତର ଅନୁଯାୟୀ ହୋଇଥିବା ଆବଶ୍ୟକ । | ଏହି ସମୟରେ କେତେକ ଶିକ୍ଷାର୍ଥୀ ବାସ୍ତବ ଭାବରେ ଏବଂ କେତେକ ଅବାସ୍ତବ ଭାବରେ ଚିନ୍ତାକରନ୍ତି । କେତେକ ସ୍ୱାଧୀନ ଭାବରେ ଚିନ୍ତା କରନ୍ତି ଏବଂ କେତେକ ପରାଧୀନ ଭାବରେ ଅନ୍ୟ ଦ୍ୱାରା ବାଧ୍ୟବାଧକତାରେ ଚିନ୍ତାଶୀଳ ହୋଇଥାନ୍ତି । |
| ସେ ନିଜର ପସନ୍ଦ ଅନୁସାରେ ନିଜର ଢ଼ଙ୍ଗରେ ଶିଖିବାକୁ ଇଚ୍ଛା କରେ । ଆହୁରି ମଧ୍ୟ ନିଜ ନିୟନ୍ତ୍ରଣରେ ଚଳିବାକୁ ଚାହିଁଥାଏ । | ଏହା ନିଶ୍ଚିତ ଯେ, ସବୁ ଶିକ୍ଷାର୍ଥୀ ସମାନ ଉପାୟ, ଇଚ୍ଛା ବା ନିୟନ୍ତ୍ରଣରେ ଶିକ୍ଷା କରିବାକୁ ଚାହାନ୍ତି ନାହିଁ । ସେମାନେ ଅଲଗା ଅଲଗା ଢ଼ଙ୍ଗରେ ଶିଖିଥାନ୍ତି । ଏମିତିକି ସମସ୍ତଙ୍କର ପସନ୍ଦ ମଧ୍ୟ ଅଲଗା ଅଲଗା । ଏପରିକି ସେମାନେ ଅନ୍ୟ ସହପାଠୀଙ୍କ ନିୟନ୍ତ୍ରଣରେ ରହିବାକୁ ଚାହାନ୍ତି ନାହିଁ । |
| ନୂତନ ଜ୍ଞାନ ସଂଗଠନ ପାଇଁ ସେ ଜାଣିଥିବା ଜ୍ଞାନକୁ ବ୍ୟବହାର କରିଥାଏ । | ଶିକ୍ଷାର୍ଥୀମାନେ ଅଲଗା ଅଲଗା ନୂତନ ଜ୍ଞାନ ସଂରଚନା କରିଥାନ୍ତି । କାରଣ ସେମାନେ ଗୋଟିଏ ଜିନିଷକୁ ବା ବିଷୟକୁ ପର୍ଯ୍ୟାଲୋଚନା ପାଇଁ ସମସ୍ତଙ୍କର ସମାନ ପ୍ରକାର ଦକ୍ଷତାର ମାତ୍ରା ନ ଥାଏ । |
| ସାମାଜିକ ଭାବବିନିମୟ ପାଇଁ ସୁଯୋଗ ପାଇଥାଏ । | ଶିକ୍ଷାର୍ଥୀମାନେ ବିବିଧ ଆବଶ୍ୟକତା ଦୃଷ୍ଟିରୁ ସାଙ୍ଗସାଥୀଙ୍କ ସହ ଏହି ସାମାଜିକ ସଂପର୍କ ବର୍ଦ୍ଧିତ କରିଥାନ୍ତି, ଏଣୁ ଯେଉଁମାନଙ୍କ ସହିତ ସେମାନେ ଉତ୍ତମଭାବେ କାର୍ଯ୍ୟ କରିଥାନ୍ତି ହୁଏତ ଦଳରେ ମିଳିପାରେ ନାହିଁ । |

| | |
|---|---|
| ସେ ଆବଶ୍ୟକତା ଅନୁଯାୟୀ ସାହାଯ୍ୟକାରୀ ମତାମତ ଲାଭ କରିଥାଏ । | ଯେଉଁ ମତାମତ ବା ସହଯୋଗ କୌଣସି ଜଣେ ଶିକ୍ଷାର୍ଥୀଙ୍କ ଆବଶ୍ୟକତାନୁଯାୟୀ ସାହାର୍ଯ୍ୟ କରିଥାଏ, ହୁଏତ ଅନ୍ୟ ଶିକ୍ଷାର୍ଥୀଙ୍କ ପ୍ରତି ତାହା ସାହାଯ୍ୟ କରି ପାରେ ନାହିଁ । |
| ସେ ଅନୁକୂଳ ବ୍ୟବସ୍ଥାଗୁଡ଼ିକୁ ସ୍ୱାଗତ କରିଥାଏ ଏବଂ ସେଗୁଡ଼ିକ ଯଥାଯଥ ବିନିଯୋଗ କରିଥାଏ । | ପ୍ରତ୍ୟେକ ଶିକ୍ଷାର୍ଥୀ ନୂତନ ଅନୁକୂଳ ବ୍ୟବସ୍ଥାମାନ ଆହରଣ କରିବା ପାଇଁ ଆବଶ୍ୟକ କରିଥାନ୍ତି ଏବଂ ସେଗୁଡ଼ିକୁ ବ୍ୟକ୍ତିଗତ ଭାବରେ କିପରି ସହାୟକ ହେବ ସେଭଳି ବ୍ୟବହାର କରିଥାନ୍ତି । |
| ସେ ଅନୁକୂଳ ଆବେଗିକ ପରିବେଶରୁ ଅନୁଭୂତି ଅର୍ଜନ କରେ । | କେତେକ ଶିକ୍ଷାର୍ଥୀଙ୍କ ପାଇଁ ଶ୍ରେଣୀଗୃହର କାର୍ଯ୍ୟକ୍ରମ ଗୁଡ଼ିକ ଅନୁକୂଳ ହୋଇଥିଲେ ମଧ୍ୟ କିଛି ଶିକ୍ଷାର୍ଥୀଙ୍କ ପାଇଁ ଗୃହୀତ ହୋଇନଥାଏ । ଭାବାବେଗାତ୍ମକ ପରିବେଶରୁ ବିଭିନ୍ନ ପ୍ରକାର ଶିକ୍ଷାର୍ଥୀମାନେ ସମାନ ଭାବେ ଶିଖି ନଥାନ୍ତି । |
| ପରିବେଶ ଉଦ୍ଦେଶ୍ୟ ସ୍ପଷ୍ଟ ଥିବା ଶିକ୍ଷଣ କାର୍ଯ୍ୟ ପାଇ ସହାୟକ ହୋଇଥାଏ । | ସାଧାରଣ ଏବଂ ବ୍ୟକ୍ତିଗତ ଲକ୍ଷ୍ୟ ହାସଲ କରିବା ପାଇଁ ଶିକ୍ଷାର୍ଥୀମାନେ ଅସ୍ଥାୟୀ ହେଉ ପଛେ ଉନ୍ନତ ପରିବେଶର ଆବଶ୍ୟକ ଅନୁଭବ କରିଥାନ୍ତି । |

ଆଧାର : ଟମିଲିନ୍‌ସନ୍, କରୋଲ ଏ (2001) ହାଓ ଟୁ ଡ଼ିଫରେନସିଏଟ୍ ଲାର୍ଣ୍ଣିଇନ୍ ମିକ୍ସଡ଼୍ ଏବିଲିଟି କ୍ଲାସରୁମ ପୃ-18 ଆଲେକଜାଣ୍ଡିଆ, ଭିଏ, ଏସୋସିଏସନ୍ ଫର ସୁପରଭିଜନ୍ ଏଣ୍ଡ କରିକୁଲମ୍ ଡ଼େଭଲପମେଣ୍ଟ ।

**ସାଙ୍ଗସାଥୀଙ୍କ ଦ୍ୱାରା ପର୍ଯ୍ୟବେକ୍ଷଣ (ନିୟନ୍ତ୍ରଣ / ଶୃଙ୍ଖଳ)**

ଦଳଗତ କାର୍ଯ୍ୟରେ ଯେତେବେଳେ ଶିକ୍ଷାର୍ଥୀମାନେ କାର୍ଯ୍ୟ କରୁଥିବେ, ବେଳେବେଳେ କୌଣସି ଦଳର ଶିକ୍ଷାର୍ଥୀମାନଙ୍କୁ ଅନ୍ୟ ଦଳରେ କାର୍ଯ୍ୟ କରିବା ପାଇଁ ସୁଯୋଗ ସୃଷ୍ଟି କରାଗଲେ, ପ୍ରାୟ ସମସ୍ତ ଶିକ୍ଷାର୍ଥୀ ଲାଭାନ୍ୱିତ ହୋଇଥାନ୍ତି । ଏଣୁ ବିଭିନ୍ନ ସମୟରେ ଦଳଗଠନ ଅଲଗା ଅଲଗା ଭାବରେ କରାଯିବା ଉଚିତ୍ । ପୁନଶ୍ଚ ଦଳଗତ କାର୍ଯ୍ୟ ବେଳେ ଗୋଟିଏ ଦଳକୁ ନିୟନ୍ତ୍ରଣ ବା ଶୃଙ୍ଖଳାରକ୍ଷା କାର୍ଯ୍ୟ ତଦାରଖ ଦାୟିତ୍ୱ ଦେଲେ ଭଲ । ଏଠାରେ ମନେ ରଖିବାକୁ ହେବ ଯେ ତଦାରଖ ଦଳରେ ପ୍ରତି ପର୍ଯ୍ୟାୟରେ ଅଲଗା ଅଲଗା ଶିକ୍ଷାର୍ଥୀଙ୍କୁ ନିୟୋଜିତ କରାଯିବା ଆବଶ୍ୟକ ।

ପ୍ରକଳ୍ପ ଆଧାରିତ ଶିକ୍ଷଣ

ପ୍ରକଳ୍ପ ଆଧାରିତ ଶିକ୍ଷା (ପି.ବି.ଏଲ୍) ଅଭିଜ୍ଞତା ଭିତ୍ତିକ ଶିକ୍ଷଣକୁ ଅନ୍ତର୍ଭୁକ୍ତ କରିଥାଏ ଯେଉଁ ସ୍ଥଳରେ କି ପ୍ରକଳ୍ପ ଅନୁସନ୍ଧାନ ବାସ୍ତବ ଦୁନିଆର ସମସ୍ୟା ଏବଂ ଆହ୍ୱାନରେ ଭାଗ ନେଉଥିବା ଶିକ୍ଷାର୍ଥୀ ସାମିଲ ହୋଇଥାନ୍ତି । ଏହା ଶିକ୍ଷାର୍ଥୀମାନଙ୍କୁ ଅନ୍ତଭୁକ୍ତ କରି ସେମାନଙ୍କୁ ନୂତନ ଜ୍ଞାନ ପ୍ରାପ୍ତି ପାଇଁ ଅଧ୍ୟୟନ କରିବା ଦିଗରେ ନିୟୋଜିତ କୌଣସି ବିଷୟରେ ପୂର୍ବରୁ ଉତ୍ସାହିତ କରିଥାଏ । ପ୍ରକଳ୍ପ ଆଧାରିତ ଶିକ୍ଷଣ ନିତ୍ୟାନ୍ତଭାବେ ଶିକ୍ଷଣ ବିଷୟକ ଜ୍ଞାନ ଉପଲବ୍ଧ ଉପରେ ପ୍ରତ୍ୟକ୍ଷ ଏବଂ ହାତପାହାନ୍ତରେ ମିଳୁଥିବା ସଂରଞ୍ଜାମ

ମାଧ୍ୟମରେ ଶିଖିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଅନ୍ତର୍ଭୁକ୍ତ କରିଥାଏ । ଯେଉଁ ଛାତ୍ରମାନଙ୍କର ନିଜ ଉପରେ ଶିକ୍ଷଣ ପାଇଁ ନିୟନ୍ତ୍ରଣ ଥାଏ, ସେମାନଙ୍କୁ ସେମାନଙ୍କର ନିଜ ପରିବେଶରେ ଥାଇ ଜ୍ଞାନ ଆହରଣ କରିବା ପାଇଁ ମଞ୍ଜୁରି ଦେଇଥାଏ । ଏହି ଶିକ୍ଷଣ ଶିକ୍ଷକମାନଙ୍କୁ ଶିକ୍ଷଣ ସହାୟକ ଭାବେ ଶିକ୍ଷଣ କାର୍ଯ୍ୟରେ ସାମିଲ ପାଇଁ ପ୍ରସ୍ତୁତ କରିଥାଏ । ଏହି ପ୍ରକ୍ରିୟାରେ ପିଲା ନିଜ ସାଙ୍ଗସାଥୀମାନଙ୍କ ସହ ଦଳଗତ ଭାବରେ ଶିକ୍ଷାଲାଭ ପାଇଁ ସୁଯୋଗ ପାଇଥାଏ, ଯେତେବେଳେ ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକ ଦୁଇ ଜଣ ପିଲା କିମ୍ବା ଦଳ ମଧ୍ୟରେ କରିବାକୁ ଧାର୍ଯ୍ୟହୋଇଥାଏ । (ବେରନ୍ ଡ଼ାର୍ଲିଂ- ହାମ୍ମଣ୍ଡ, 2008 ଥୋମାସ, 2000) ।

ଗବେଷଣାରୁ ଜଣାପଡ଼ିଛି ଯେ, ପ୍ରକଳ୍ପ ଆଧାରିତ ଶିକ୍ଷଣ ପ୍ରକ୍ରିୟା ବ୍ୟବହାର କରି ଆଧାରିତ ତଥ୍ୟକୁ ବହୁଦିନ ଯାଏଁ ମନେ ରଖିପାରିଥାନ୍ତି, ଯେ କୌଣସି ସାମସ୍ୟାର ସମାଧାନ ପାଇଁ ଆତ୍ମବିଶ୍ୱାସ ଲାଭ କରିଥାନ୍ତି, ଜ୍ଞାନକୁ ଠିକ୍ ଭାବରେ ବୁଝି ଏବଂ ପ୍ରୟୋଗ କରି ବହୁବିଧ ବଡ଼ ବଡ଼ କଠିନ କାର୍ଯ୍ୟକୁ ମଧ୍ୟ ସୂରୁରୁପେ ସଂପାଦନ କରିପାରନ୍ତି ।

(1) ପାରମ୍ପରିକ ଶିକ୍ଷାଗତ ପ୍ରଣାଳୀରେ ନିୟୋଜିତ ହୋଇ ଶିକ୍ଷାର୍ଥୀମାନେ ଯେତେ ଶିଖିଥାନ୍ତି, ତା ଅପେକ୍ଷା ପ୍ରକଳ୍ପ ଆଧାରିତ ପ୍ରକ୍ରିୟାରେ ସେମାନେ ଅପେକ୍ଷାକୃତ ଭଲ କରିଥାନ୍ତି ।

(ଷ୍ଟୋବେଲ୍ ଏଣ୍ଡ ବନ୍ ଜର୍ଣ୍ଣେଭେଲ୍ଟ, 2009, ଓ୍ୱକର୍ ଏଣ୍ଡ ଲାରି 2009)

**ସହାୟକ ବ୍ୟକ୍ତି ବା ଜିନିଷର ବ୍ୟବସ୍ଥା /ସାହାଯ୍ୟ ଏବଂ ସରଞ୍ଜାମର ବ୍ୟବସ୍ଥା**

ଶିକ୍ଷକଙ୍କ ଦ୍ୱାରା ପ୍ରଦର୍ଶିତ ଶିକ୍ଷାଗତ କ୍ରମାନ୍ୱୟ ସୂଚନାକୁ ପ୍ରଥମରେ ବ୍ୟବହାର କରନ୍ତୁ । ତା ପରେ ଦଳୀୟ ଅଭ୍ୟାସ କାର୍ଯ୍ୟ କରନ୍ତୁ ଏବଂ ଶେଷରେ ବ୍ୟକ୍ତିଗତ ଭାବରେ ସେଇ କାର୍ଯ୍ୟ କରାନ୍ତୁ । ଯେହେତୁ ଶିକ୍ଷାର୍ଥୀମାନେ ନୂତନ ବସ୍ତୁ ବା ବିଷୟ ସଂପର୍କରେ ଶିଖୁଛନ୍ତି ବା ଜ୍ଞାନ ଆହରଣ କରୁଛନ୍ତି ତେଣୁ ସେମାନେ ଆବଶ୍ୟକ କରୁଥିବା ସାହାଯ୍ୟ କିମ୍ବା ଆବଶ୍ୟକୀୟ ସରଞ୍ଜାମ ଯୋଗାଇ ଦିଅନ୍ତୁ । ଯେତେବେଳେ ଏହି ସାହାଯ୍ୟ ଏବଂ ସରଞ୍ଜାମକୁ ବ୍ୟବହାର କରି ସେମାନେ ନିଜ ନିଜ କାର୍ଯ୍ୟଗୁଡ଼ିକୁ ଠିକ୍ ଭାବେ ସଂପାଦନ କରିବାକୁ ସମର୍ଥ ହୋଇଯାନ୍ତି ସେମାନେ ସ୍ୱତଃ ନୂତନ ବସ୍ତୁ ବା ବିଷୟ ସଂପର୍କରେ ତଥ୍ୟ ଆହରଣ କରିବାକୁ ସମର୍ଥ ହୁଅନ୍ତି ।

ଶିକ୍ଷକଙ୍କ ଦ୍ୱାରା ପ୍ରଦର୍ଶିତ ଶିକ୍ଷଣ ସମ୍ବନ୍ଧୀୟ ସୂଚନା କ୍ରମ
ଦଳଗତ ଅଭ୍ୟାସ କାର୍ଯ୍ୟ
ବ୍ୟକ୍ତିଗତ ଅଭ୍ୟାସ କାର୍ଯ୍ୟ

ଶିକ୍ଷଣ କାର୍ଯ୍ୟରେ ସମଗ୍ର ଶ୍ରେଣୀକୁ ନିୟୋଜନ କରନ୍ତୁ । ଯେଉଁଠି କି ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀ ଦୃଢ଼ତାର ସହ ଅଂଶଗ୍ରହଣ କରୁଥିବ । ଶିକ୍ଷଣ ଶୈଳୀ ଏବଂ ସଂପର୍କ ସ୍ଥାପନ ପାଇଁ ଏହି ଦୃଢ଼ୋକ୍ତ ଶ୍ରେଣୀ କାର୍ଯ୍ୟରେ ପ୍ରତ୍ୟେକ ସ୍ୱାଚ୍ଛନ୍ଦରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିଥାଏ । ଯେମିତି କି, ସ୍ୱର୍ଶାନୁଭୂତି ସଂପନ୍ନ ଶିକ୍ଷାର୍ଥୀମାନେ ହସ୍ତସ୍ପର୍ଶ ଦ୍ୱାରା ଶିକ୍ଷଣ କାର୍ଯ୍ୟରେ ଭାଗନିଅନ୍ତି ଅର୍ଥାତ୍ ପ୍ରକଳ୍ପକାର୍ଯ୍ୟ ମାଧ୍ୟମରେ ଶିକ୍ଷାଲାଭ କରୁଥାନ୍ତି, ଗତି ସଂପର୍କୀୟ ଦୃଢ଼ୀଭୂତ ଶିକ୍ଷାର୍ଥୀମାନେ ଗମନ ଏବଂ ଖେଳ ମାଧ୍ୟମରେ ଶିଖିଥାନ୍ତି, ଦୃଷ୍ଟିସମ୍ପନ୍ନ ଶିକ୍ଷାର୍ଥୀମାନେ ଛବି, ଚିତ୍ର, ଗ୍ରାଫିକ୍ସ ମାଧ୍ୟମରେ ଏବଂ ପ୍ରତ୍ୟେକ ବ୍ୟକ୍ତି ଯାହା ସୃଷ୍ଟି କରିଥାନ୍ତି ଓ ସେସବୁ ଦେଖି ଶିକ୍ଷାଲାଭ କରିଥାନ୍ତି, ତାହା ଦେଖିବାର ସୁଯୋଗ ପାଆନ୍ତି ଶ୍ରବଣ ଉଦ୍ଦୀପନାଯୁକ୍ତ ପିଲାମାନେ ସଂଳାପ, ଆଲୋଚନା, ତର୍କସଭା ଏବଂ ସେମାନେ ଯାହା କରୁଛନ୍ତି ସେହି ବିଷୟରେ କଥାବାର୍ତ୍ତା ହୋଇ ଶିଖିଥାନ୍ତି ।

**ଜଣେ ଶିକ୍ଷାର୍ଥୀ ଶ୍ରେଣୀ ଗୃହରେ ପ୍ରଦର୍ଶନ କରୁଥିବା ଆଚରଣ ଏବଂ ସେଗୁଡ଼ିକ ସହିତ ସମ୍ପର୍କିତ ବାସ୍ତବ ପଦକ୍ଷେପ ।**

| **ଲକ୍ଷଣ / ବୈଶିଷ୍ଟ / ଆଚରଣ** | **ପଦକ୍ଷେପ /କୌଶଳ** |
|---|---|
| ବସିବା ସ୍ଥାନରୁ ବରମ୍ବାର ଉଠିବା (ଏକାଦିକ୍ରମେ ଗୋଟିଏ ସ୍ଥାନରେ ବସିବାକୁ ଅସାମର୍ଥ୍ୟ) | ଛୋଟ ଛୋଟ ଭାଗରେ କାମଟିକୁ ଭାଗ କରି ଗୋଟିଏ ଗୋଟିଏ କାମ ଦିଅନ୍ତୁ । କାମ ମଝିରେ କିଛି ସମୟ ବିରତି ପାଇଁ ସୁଯୋଗ ସୃଷ୍ଟି କରନ୍ତୁ । ଯେମତି କି, ଦୈନନ୍ଦିନ କାର୍ଯ୍ୟ କରିବା । |
| ଆବେଗାତ୍ମକ ଆଚରଣ ପ୍ରଦର୍ଶନ କରିଥାନ୍ତି, ଯେମିତି କି ପଥର ଫୋପାଡ଼ିବା, ଜିନିଷ ବା ବସ୍ତୁ ଫିଙ୍ଗିବା, ବିଭିନ୍ନ ଜିନିଷ ଫିଙ୍ଗାଫିଙ୍ଗି କରେ, ସାଙ୍ଗ ସାଥୀ ପିଲାଙ୍କୁ ଠେଲି ଦେଉଥାଏ, ଚିତ୍କାର ମଧ୍ୟ କରେ । | ପିଲାଙ୍କୁ ଏମିତି ଭାବରେ ବସାଇବାର ବ୍ୟବସ୍ଥା କରନ୍ତୁ, ଯେମତି ପିଲାଏ ଲଗାଲଗି ହେଉ ନଥିବେ । ଟିକିଏ ଛାଡ଼ି ଛାଡ଼ି ବସାନ୍ତୁ । ଯେମିତି ଆପଣ ପ୍ରତି ପିଲା ଓ ପ୍ରତି ଦଳକୁ ବୁଲିକରି ତଦାରଖ କରିପାରିବେ, ସେଥିପ୍ରତି ଯତ୍ନବାନ ହୁଅନ୍ତୁ । ଆବଶ୍ୟକ ହେଲେ ଏମିତି ପିଲାଙ୍କୁ ଆଗଧାଡ଼ି କିମ୍ବା ଦଳରେ ବସିବାକୁ ସୁଯୋଗ ଦିଅନ୍ତୁ । |
| ଦତ୍ତ କାର୍ଯ୍ୟକୁ ସାରିବା ପାଇଁ ଅସମର୍ଥ ହୋଇଥାଏ । | ପିଲାଙ୍କୁ ଗୃହକାର୍ଯ୍ୟ ଦେବାବେଳେ ଭାଗ ଭାଗ କରି କାମ ଦିଅନ୍ତୁ । ସେଗୁଡ଼ିକୁ ନିୟମିତ ଭାବରେ ଦେଖନ୍ତୁ ଏବଂ ଯେଉଁ ପିଲା ମାନେ ଗୃହକାର୍ଯ୍ୟ ସଂପୂର୍ଣ୍ଣ ଭାବେ କରିଛନ୍ତି ସେମାନଙ୍କ ଦ୍ୱାରା ମଧ୍ୟ ସେହି ତଦାରଖ କାମ କରାନ୍ତୁ । |
| ପିଲା ଆଖିକୁ ଆଖି ମିଶାଇବାରେ ଅସମର୍ଥ ହୋଇଥାଏ । | |
| ମୌଖିକ ଭାବରେ ଉତ୍ତର ଦେଇପାରି ନଥାଏ । | |
| ବେଳେବେଳେ ଲିଖନ କାର୍ଯ୍ୟରେ ଅସମର୍ଥ ହୋଇଥାଏ, କିମ୍ବା ଲଗାଲଗି କରି ଅକ୍ଷରଗୁଡ଼ିକ ଧୀରେଧୀରେ ଲେଖିଥାଏ । | ନିଜ ପାଖରୁ ପିଲାଙ୍କ ଦୂରତ୍ୱ କୋଣକୁ ଦୃଷ୍ଟିରେ ରଖି ସୁଖଦ ସାନ୍ନିଧ ପାଇଁ ଯତ୍ନବାନ ହୁଅନ୍ତୁ । ପିଲାଙ୍କୁ ଭଲପାଇବାରେ ଆବେଗମୟ ସଦିଚ୍ଛା ସହ ନଜର ରଖନ୍ତୁ । |
| ଅନିଚ୍ଛାକୃତ ଭାବରେ ଏବଂ ସମନ୍ୱୟ ଅଭାବରୁ ଯଦି ବାରମ୍ବାର କାର୍ଯ୍ୟ ନିଘଣ୍ଟ ପାଇଁ ନିର୍ଦ୍ଧାରିତ ସମୟ ପରିବର୍ତ୍ତନ କିମ୍ବା ସ୍ଥାନ ପରିବର୍ତ୍ତନ କରାଗଲେ ସେ ସହିପାରେ ନାହିଁ । | କିଭଳି ଭାବରେ ପିଲା ଉପଯୁକ୍ତଭାବେ ଆଖି ମିଳାଇବା, ଛବି କାର୍ଡ଼ ବ୍ୟବହାର କରି ଉଦ୍ଦେଶ୍ୟଜ୍ଞାପନ କରିପାରିବ, ଯୋଗାଯୋଗ ରକ୍ଷା କରିବ, ସଂପର୍କ ସ୍ଥାପନ କରିପାରିବ, ସେହି ସଂପର୍କରେ ଉଚିତ୍ ଧ୍ୟାନ ଦିଅନ୍ତୁ । ପିଲାକୁ ଆବଶ୍ୟକୀୟ ସରଞ୍ଜାମ ଯୋଗାଇ ଏବଂ ପିଲାଠାରୁ ଉତ୍ତର କରନ୍ତୁ । ପିଲାଙ୍କୁ କୌଣସି କ୍ଷେତ୍ରରେ ଭତ୍ସନା କିମ୍ବା ବିରକ୍ତ କରନ୍ତୁ ନାହିଁ । ଧୀରେଧୀରେ ଖୁସିରେ ନିଜ ଇଚ୍ଛାରେ କହିବା ପାଇଁ ପିଲାଙ୍କୁ ଉତ୍ସାହିତ କରିବା ସହ ଅଧିକ ସମୟ ଓ ସୁଯୋଗର ବ୍ୟବସ୍ତା କରନ୍ତୁ । |

ପିଲାଙ୍କୁ ନିର୍ଦ୍ଧାରିତ ସମୟ ଠାରୁ ଯଥେଷ୍ଟ ଅଧିକ ସମୟ ଦିଅନ୍ତୁ । ଆବଶ୍ୟକ ସ୍ଥଳେ ଲେଖାଳୀର ବ୍ୟବସ୍ଥା କରନ୍ତୁ । ଯେତେବେଳେ ପିଲାଟି ଲେଖି ଜାଣିନାହିଁ, ସେଇଠି ସୁନ୍ଦର ଏବଂ ପରିଷ୍କାର ହସ୍ତାକ୍ଷର ଉପରେ  ଆଦୌ ଗୁରୁତ୍ୱ ଦିଅନ୍ତୁ ନାହିଁ । ଯଦି କୌଣସି ପ୍ରକାରରେ ସେ ଲେଖିବାରେ ଅସମର୍ଥ ହେଉଛି, ତେବେ ରେକର୍ଡ଼ କରାଯାଇଥିବା / ହୋଇଥିବା ଏବଂ ବିବରଣୀ ଦେବାପାଇଁ ପିଲାଙ୍କୁ ଅନୁମତି ଦିଅନ୍ତୁ ।

ଆତ୍ମୀୟତା ଏବଂ ପୂର୍ବରୁ ପରିଚିତ ଥିବା ପରିବେଶ ପିଲାଙ୍କ ପାଇଁ ଅନୁକୂଳ ଅଟେ । ଏଣୁ ପିଲାଙ୍କ  ପାଇଁ ଅନୁକୂଳ ବସିବା ସ୍ଥାନ, ଆଲୋକ ବ୍ୟବସ୍ଥା ଏବଂ ସୁସଂପର୍କ ସାଙ୍ଗସାଥୀଙ୍କ ସହ ସହାବସ୍ଥାନ ପ୍ରତି ଦୃଷ୍ଟି ଦିଅନ୍ତୁ । ଯେମତି ଭାବେ କୌଣସି ସହପାଠୀର ଶିକ୍ଷଣ ରେ କୌଣସି ଶିକ୍ଷାର୍ଥୀ ବାଧା ଦେଇ ପାରିବେ ନାହିଁ । ସେହିଭଳି ବସିବା ଶୈଳୀ ପ୍ରତି ନଜର ରଖନ୍ତୁ । ଧରିବା ପାଇଁ ସୁବିଧା ଥିବା ପେନ୍‌ସିଲ୍‌ର ବ୍ୟବସ୍ଥା କରନ୍ତୁ । ଡ଼େକ୍ସରୁ ବହି ଯେମିତି ତଳକୁ ଖସିପଡ଼ିବ ନାହିଁ, ସୁନିଶ୍ଚିତ କରନ୍ତୁ । ଶ୍ରେଣୀକାର୍ଯ୍ୟ ମଝିରେ ମଝିରେ ଅଳ୍ପ ସମୟ ପାଇଁ ବିରତିର ସୁବିଧା ରଖନ୍ତୁ ।

# ଆବଶ୍ୟକତାନୁଯାୟୀ ପାଠ୍ୟକ୍ରମ ସମଯୋଜନ କିଛି ଦୃଷ୍ଟାନ୍ତ

**ଭାଷା :**

- ✍ ଲମ୍ବା / ଦୀର୍ଘ ପାଠ / ଅଧ୍ୟାୟଗୁଡ଼ିକୁ ଛୋଟ ଛୋଟ ଉପପ୍ରସଙ୍ଗରେ ଭାଗ କରି ଶିକ୍ଷଣ କାର୍ଯ୍ୟ କରନ୍ତୁ । ପ୍ରତ୍ୟେକ କ୍ଷୁଦ୍ର ଅଂଶର ଯେଉଁଭଳି ଏକ ଅର୍ଥପୂର୍ଣ୍ଣ ଆରମ୍ଭ ଏବଂ ଶେଷ ଥିବ ସେଥିପ୍ରତି ସତର୍କତା ଅବଲମ୍ବନ କରନ୍ତୁ ।
- ✍ କବିତା ଗୁଡ଼ିକୁ ଅଭିନୟ ଏବଂ ବାରମ୍ବାର ଆବୃତ୍ତି କରି ଶିକ୍ଷଣ କାର୍ଯ୍ୟକୁ ଆଗେଇ ନେବା ପାଇଁ ପ୍ରସ୍ତୁତ ରୁହନ୍ତୁ ।
- ✍ ସ୍ୱପରାୟଣ ଯୁକ୍ତ ଶିକ୍ଷାର୍ଥୀମାନେ କିଛି ଶିଖିବା ପାଇଁ (ଅଭ୍ୟାସକାର୍ଯ୍ୟ ଯୁକ୍ତ) କ୍ରିୟାକଳାପ ଏବଂ ବାସ୍ତବ ଅନୁଭୂତି / ଅଭିଜ୍ଞତା ଆବଶ୍ୟକ କରିଥାନ୍ତି । ଯେପରିକି 'ଘୂରିବା' ସଂପର୍କରେ ଧାରଣା ଦେବା ପାଇଁ ସହଜସାଧ୍ୟ କ୍ରିୟା / କାର୍ଯ୍ୟ ମାଧ୍ୟମରେ ବୁଝାଇବାକୁ ପଡ଼ିଥାଏ । ଆବଶ୍ୟକ ଫଙ୍ଖାର ରେଗୁଲେଟର, ଟେପ୍, ଏବଂ ଗ୍ୟାସ ଚୂଲାର ରେଗୁଲେଟର ଘୂରାଇ / ମୋଡ଼ି । ଏହି ଘୂରିବା ଶବ୍ଦ, ସଂପର୍କରେ ଧାରଣା ଦିଆଯିବା ।
- ✍ ଛବିଳ କିମ୍ବା ନୂତନ ଶବ୍ଦର ଶିକ୍ଷାଦେବା ପାଇଁ ଦୃଶ୍ୟ – ଶ୍ରାବ୍ୟ ଶବ୍ଦକୋଷ ବ୍ୟବହାର କରନ୍ତୁ ।
- ✍ ଛବିଳ କାର୍ଡ଼ ବ୍ୟବହାର କଲାସମୟରେ । ଦୁଇଟି ରଙ୍ଗଥିବା କିମ୍ବା ପ୍ରାଥମିକ ରଙ୍ଗଥିବା ବ୍ୟବହୃତ କାର୍ଡ଼ ପ୍ରତି ଦୃଷ୍ଟି ଦିଅନ୍ତୁ । ଛାୟାଯୁକ୍ତ ରଙ୍ଗ ବ୍ୟବହାର ନ କରି ପ୍ରଧାନ ରଙ୍ଗ / ମୁଖ୍ୟ ରଙ୍ଗଗୁଡ଼ିକ ବ୍ୟବହାର ଛବି ଗୁଡ଼ିକରେ କରନ୍ତୁ । ଯେମିତି ପିଲା ରଙ୍ଗ ଚିହ୍ନିବାରେ ଦ୍ୱନ୍ଦରେ ନପଡ଼େ ସେଥିପ୍ରତି ସତର୍କ ରୁହନ୍ତୁ । ବାସ୍ତବ ରଂଗକୁ ଚିହ୍ନାଇବା ପାଇଁ ଯତ୍ନଶୀଳ ହୁଅନ୍ତୁ ।

**ଗଣିତ**

- ✍ ସ୍ଥାନୀୟ ମାନ ବିଷୟରେ ଦେବା ପାଇଁ ଗୋଟିଏ ରଙ୍ଗରେ ରଙ୍ଗାୟିତ ୨ଟି ଘରକୋଠରି ଥିବା ଏବଂ ଦଶମ ଘରରୁ ଅଲଗା ରଙ୍ଗ ବ୍ୟବହୃତ କୋଠରି ଅଥବା ସ୍କେଲ ବ୍ୟବହାର କରନ୍ତୁ ।
- ✍ ଭାଗକ୍ରିୟା ଶିକ୍ଷଣକାର୍ଯ୍ୟ କଲାବେଳେ କାଗଜକୁ ଭାଙ୍ଗିକରି ଶିକ୍ଷଣ କାର୍ଯ୍ୟ ଦିଅନ୍ତୁ ।



1



1/2

✍ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ମୁଦ୍ରା / ଟଙ୍କା ପଇସା ସଂପର୍କରେ ଧାରଣା ଦେବା ସମୟରେ ଟଙ୍କା ନୋଟ୍ କୁ ଉଦାହରଣ ଭାବେ ବ୍ୟବହାର କରି ଧାରଣା ଦିଆଯାଇପାରିବ । ମାତ୍ର ଏହି ଶିକ୍ଷଣ ସଂପର୍କୀୟ ବାର୍ତ୍ତାଳାପ ବା ମୌଖିକ କଥାବାର୍ତ୍ତା ହେବା ବେଳେ ବେଳେବେଳେ ସେମାନଙ୍କର ବୁଝିବା ପାଇଁ କଷ୍ଟକର ହୋଇଥାଏ ।



✍ ପରିମାପ (ଡ଼େଙ୍ଗା-ଗେଡ଼ା), ଧାରଣ କ୍ଷମତା / ଆୟତନ (ପୂର୍ଣ୍ଣ ଓ ଶୂନ୍ୟ), ବସ୍ତୁତ୍ୱ (ଓଜନିଆ, ହାଲୁକା), ଆକାର / ଆକୃତି (ବୃତ୍ତ, ତ୍ରିଭୁଜ) ର ଧାରଣା ବାସ୍ତବ ବସ୍ତୁ, ଜିନିଷ, ଫ୍ଲାସକାର୍ଡ଼ ପ୍ରଭୃତି ମାଧ୍ୟମରେ ଭଲ ଭାବରେ ବୁଝାଇ ଦିଆଯାଇ ପାରିବ ।

✍ ବୌଦ୍ଧିକ ଭିନ୍ନକ୍ଷମ ପିଲାଙ୍କୁ ବିଭିନ୍ନ ପ୍ରକାର ଆକାର, ଆକୃତି ବିଶିଷ୍ଟ ଜିନିଷର ମଡ଼େଲ ତିଆରି କରିବାକୁ ମାଟି ଦିଆଯାଇପାରିବ । ଗୋଟିଏ ପ୍ରକାରର ଆକୃତି ସମ୍ପର୍କରେ ଧାରଣା ଦିଆଯିବା ପରେ ଅନ୍ୟ ଆକୃତି ସମ୍ବର୍କରେ ଧାରଣା ଦେଇ ବସ୍ତୁ / ଜିନିଷ ତିଆରି କରିବା ପାଇଁ କୁହନ୍ତୁ ।

**ପରିବେଶ ବିଜ୍ଞାନ**

✍ ପରୀକ୍ଷଣ କାର୍ଯ୍ୟମୂଳକ ଶିକ୍ଷଣ ଏବଂ ସ୍ୱତଃସ୍ଫୁର୍ତ୍ତ ଭାବରେ ଅଂଶଗ୍ରହଣ କରିବା ପାଇଁ ଦଳଗତ କାର୍ଯ୍ୟ ସୁବିଧା ଯୋଗାଇ ଥାଏ । ପ୍ରକଳ୍ପ କାର୍ଯ୍ୟ ବା ଅଭ୍ୟାସ କାର୍ଯ୍ୟ ଭିତ୍ତିକ ଶିକ୍ଷଣ ଦ୍ୱାରା ଚାରି ପାଖରେ ଥିବା (ଚତୁଃପାର୍ଶ୍ୱରେ ଥିବା) ବସ୍ତୁ ବା ପଦାର୍ଥର ବୈଜ୍ଞାନିକ ଗୁଣ ସମ୍ପର୍କରେ ବୁଝିବା ସହଜ ହୋଇଥାଏ । ଯେମିତି କି, ବିଭିନ୍ନ ପ୍ରକାରର ଘର ।

✍ ସମୟର ପରିବର୍ତ୍ତନ ଶିକ୍ଷଣ ପାଇଁ ସମଗ୍ର ବିଷୟବସ୍ତୁକୁ ଧାରଣା ଭିତ୍ତିରେ କେତେକ ଉପବିଭାଗ ବା ଅଂଶରେ ଭାଗ କରାଯାଇ ପାରିବ । ବାସ୍ତବ ଜିନିଷ ବା ବସ୍ତୁକୁ ସଠିକ୍ ଭାବେ ବୁଝାଇବା ପାଇଁ 'ବର୍ଣ୍ଣନା' କୁ କୌଶଳ ଭାବେ ବ୍ୟବହାର କରାଯାଇପାରିବ ।

✍ ବର୍ଷା ସହ ଘଡ଼ଘଡ଼ିର ଶବ୍ଦ ହେଉଥିବା ସମୟର ପଶୁପକ୍ଷୀ କୀଟପତଙ୍ଗ ପ୍ରଭୃତିର ଶବ୍ଦ ସଂଯୋଜିତ କ୍ୟାସେଟ୍ ପିଲାଙ୍କୁ ଟେପ୍ - ରେକର୍ଡ଼ର ମାଧ୍ୟମରେ ଶୁଣାଇବା ଆବଶ୍ୟକ । ଏହି ଶବ୍ଦଗୁଡ଼ିକ ଶୁଣି ପିଲା 'ବର୍ଷା ବା ବର୍ଷଣ' ସମ୍ପର୍କରେ ଧାରଣା ପାଇପାରନ୍ତି ।

✍ ଶିକ୍ଷାର୍ଥୀମାନେ ଯେଉଁ ବସ୍ତୁ ବା ଜିନିଷକୁ ଦେଖି ନାହାନ୍ତି ଚିତ୍ର ମାଧ୍ୟମରେ ତଦ୍‌ସଂପର୍କୀୟ ତଥ୍ୟ ପ୍ରଦାନ କରିପାରିବେ । ଯେମିତିକି ନିଜ ଅଞ୍ଚଳରେ ଦେଖାଯାଇ ନଥିବା ଗଛ ଇତ୍ୟାଦି ।

# ବୌଦ୍ଧିକ ଅକ୍ଷମତା ଶିକ୍ଷାର୍ଥୀଙ୍କ ପାଇଁ ଏକ ନମୁନା ଅଧ୍ୟାୟର ସମଯୋଜନ

**ବିଷୟ - ଭାଷା (ଇଂରାଜୀ) ପ୍ରଥମ ଶ୍ରେଣୀ (ପୃଷ୍ଠା 45 ରୁ 50) ୪ର୍ଥ ଅଧ୍ୟାୟ : ମିଟୁ ଏବଂ ହଳଦିଆ ଆମ୍ବ**

**ମୂଳ ଅଧ୍ୟାୟରୁ ନମୁନା ପୃଷ୍ଠା ନିଆଯାଇଛି ଓ ମତାମତ ଦିଆଯାଇଛି ।**

ତଳେ ଦିଆଯାଇଥିବା ଧାରଣା ଭଳି ସଂପର୍କିତ ଧାରଣା ଗୁଡ଼ିକ ବର୍ଗୀକରଣ କରାଯାଇ ପାରିବ ।

- **ଶୁଆ :** (ନାମ) - ମିଟୁ, ସବୁଜ, ନାଲି ଥଣ୍ଟ, ଉଡ଼ିବା
- **ଆମ୍ବ :** ବଡ଼, ହଳଦିଆ, ଆମ୍ବଗଛ
- **କାଉ :** ବଡ଼, କଳା, ସ୍ୱର - କା' କା' ଉଚ୍ଚସ୍ୱର
- **ବେଲୁନ୍ :** ଲାଲ, ଫଟ୍, ଫାଟିଗଲା ଉଡ଼ିଗଲା
- **ଆମ୍ବଖାଇବା :** ଖୁସି, ସୁନ୍ଦର

ବେଲୁନ୍ ଭଳି ସ୍ଥୁଳ ବସ୍ତୁ, ପ୍ରକୃତ ମଡ଼େଲ ଓ ଚିତ୍ର, ଭୂମିକା ଅଭିନୟ ପ୍ରଦର୍ଶନ, ସହଭାଗୀ ଶିକ୍ଷଣ, କ୍ଷେତ୍ର ପରିଭ୍ରମଣ, କାର୍ଯ୍ୟର ବାରମ୍ବାର ଅଭ୍ୟାସ ସକ୍ରିୟ ଅଂଶଗ୍ରହଣକୁ ସୁଗମ କରିବା ଭଳି କାର୍ଯ୍ୟପନ୍ଥା ଗ୍ରହଣ କରିବା ।

ପ୍ରଥମେ ଚରିତ୍ର, ବସ୍ତୁ ଏବଂ ରଂଗ ସଂପର୍କରେ ପ୍ରାରମ୍ଭିକ ସୂଚନା ନିଅନ୍ତୁ ଯେପରି:

- ଚରିତ୍ର: ପକ୍ଷୀ, ଶୁଆ ଓ କାଉ
- ବସ୍ତୁ : ଆମ୍ବ ଓ ବେଲୁନ୍
- ରଂଗ : ସବୁଜ, ଲାଲ, ହଳଦିଆ, କଳା

ମିଟୁ ଗଛକୁ ଆସିଲା
ହଳଦିଆ ଆମ୍ବ ଖାଇଲା
'ଯୁମ୍ମି ଯୁମ୍ମି' ରାବିଲା
'କେଡ଼େ ସୁନ୍ଦର ଆମ୍ବ' ! ବୋଲି
ଖୁସିରେ ଗୀତ ଗାଇଲା ।
ଚତୁର ମିଟୁ ।

- ଚିତ୍ରନ୍ ନରେନ୍ଦ୍ରନ୍



## ନୂତନ ଶବ୍ଦ

କଳା | କାଉ  | ଆମ୍ବ | ଶୁଆ 

## ଆସ ପଢ଼ିବା

ମୋତେ ଆମ୍ବ ଖାଇବାକୁ ଭଲ ଲାଗେ ।
ମୋତେ ଏକ କାଉକୁ ଖୁଆଇବାକୁ ଭଲ ଲାଗେ ।

## ପଠନ ମଜା

- ମିଟୁ ଗଛ ଉପରେ କ'ଣ ଦେଖିଲା ?
- ବଡ଼ କଳାରଂଗର କାଉଟି କ'ଣ କହିଲା ?
- ମିଟୁ ଗଛତଳେ କ'ଣ ଦେଖିଲା ?



## ଆସ କଥାବାର୍ତ୍ତା ହେବା

- ତୁମକୁ କ'ଣ ଆମ୍ବ ଭଲ ଲାଗେ ?
- ତୁମେ ସାଗୁଆ ଆମ୍ବ ଭଲପାଅ କି ? କାହିଁକି ?
- ତୁମକୁ ହଳଦିଆ ଆମ୍ବ ଭଲ ଲାଗେ କି ? କ'ଣ ପାଇଁ ?

ନୂତନ ଶବ୍ଦ, ଆସ ପଢ଼ିବା ମଜାଦାର ପଠନ ଭଳି ଅଭ୍ୟାସ କାର୍ଯ୍ୟ ଗୁଡ଼ିକୁ ମଜାଦାର, ଆନନ୍ଦଦାୟୀ ତଥା କୌତୁକିଆ କରାଯାଇପାରିବ । ଏଥିପାଇଁ ଚିତ୍ରର ବ୍ୟବହାର ତଥା ଅଭିନୟ କରାଯାଇପାରିବ ।
ଉଦାହରଣସ୍ୱରୂପ: ତୁମେ ଆମ୍ବ ଖାଇବାକୁ ଭଲପାଅ କି ?
ମିଟୁ ଯୁମି ଯୁମି କରି ଆମ୍ବ ଖାଉଛି ।

ଆସ , ଭାବ ବିନିମୟ କରିବା
ତୁମ ମନରୁ ମିଟୁକୁ ରଙ୍ଗକର । ମିଟୁ ଥଣ୍ଟରେ
ଧରିଥିବା ଲଙ୍କାଟିକୁ ଲାଲ ରଙ୍ଗ ଦିଅ ।





**Sing**

Parrot with a red beak,
Can you really speak?
Mittu, Mittu!
Mittu, Mittu!

ସାଧବବୋହୂ ପୋକର ଯିବା ରାସ୍ତାକୁ ଅନୁଧ୍ୟାନ କର



**ସଂକ୍ଷିପ୍ତ ତଥ୍ୟ ସହ ସମଯୋଜନ:**

ଥରକରେ ଛଅଟି ଚିତ୍ର ବଦଳରେ ତିନୋଟି ଚିତ୍ର ଦିଆଯାଇପାରେ । ଗଛର ଚିତ୍ରରେ ଫଳକୁ ଦର୍ଶାଯାଇପାରିବ ଯାହା ବୁଝିବାରେ ସହାୟକ ହେବ ।

ଗୋଟିଏ ପାଖରେ କିଛି ଫଳ ଓ ପନିପରିବାର ଚିତ୍ର ଦିଆଯାଇଛି । ସେଗୁଡ଼ିକ କେଉଁ ଗଛରେ ଫଳନ୍ତି । ଅନ୍ୟ ପାଖରେ ସେଇ ଗଛଗୁଡ଼ିକରେ ଚିତ୍ର ଦିଆଯାଇଛି । ଉପଯୁକ୍ତ ଗଛ ଗୁଡ଼ିକୁ ବାଛି ଫଳ ଏବଂ ପନିପରିବା ଗୁଡ଼ିକୁ ଯୋଗକର ।


କଦଳୀ


ନଡ଼ିଆଗଛ


ନଡ଼ିଆ


ସେଓଗଛ


ସେଓ


କଦଳୀ ଗଛ


ଅଙ୍ଗୁର ପେନ୍ଥା


ଆମ୍ବଗଛ


ଆମ୍ବ


ଅଙ୍ଗୁରଲତା

ଆଭାସ, ମୌଖିକ ସହାୟକ ସୂଚନା, ତଥା ସଂଗଠିତ ତଥ୍ୟ ଯାହା ସହାୟକ ହୋଇଥାଏ । ପିଲାମାନଙ୍କୁ ସେମାନଙ୍କ ପସନ୍ଦର ରଙ୍ଗ ଭରିବା ପରିବର୍ତ୍ତେ ସବୁଜ ରଙ୍ଗ ଭରିବା ପାଇଁ କୁହାଯାଇପାରିବ । ଚିତ୍ରରେ ଲାଲି, ସବୁଜ ରଙ୍ଗର ଚିହ୍ନ ମଧ୍ୟ ଦିଆଯାଇପାରିବ ଯାହା ଏକ ଆଭାସ ଓ ମୌଖିକ ସହାୟକ ସୂଚନା ଭାବେ କାର୍ଯ୍ୟ କରିବ ।

## ଲେଖି ଶିଖିବା

ବିନ୍ଦୁ ଯୋଡ଼ି ରେଖା ଚିତ୍ର ଆଙ୍କିବା



## ଉଚ୍ଚ ପାଟିରେ କହ

| | | | | |
|---|---|---|---|---|
| ବ୍ୟାଟ୍ | ବେଡ୍ | ବିଟ୍ | ଡ଼ଟ୍ | ବନ୍ |
| କ୍ୟାଟ୍ | ରେଡ୍ | ହିଟ୍ | ହଟ୍ | ଫନ୍ |
| ମ୍ୟାଟ୍ | ଫେଡ୍ | ପିଟ୍ | ପଟ୍ | ରନ |

ବାକ୍ସରେ ଦିଆଯାଇଥିବା ଅକ୍ଷର ମଧ୍ୟରୁ ଗୋଟିଏ ଗୋଟିଏ ଅକ୍ଷର ନେଇ ତଳଶବ୍ଦକୁ ପୂରଣ କର ।

| a | e | i | o | u |
|---|---|---|---|---|
| s-t | p-g | b-g | d-t | s-n |
| f-n | l-g | s-t | l-t | b-n |



ତିନି ଅକ୍ଷର ବିଶିଷ୍ଟ ଶବ୍ଦ ଗୁଡ଼ିକର ଚିତ୍ର ଦିଆଯାଇପାରିବ । ଅଭ୍ୟାସ ପାଇଁ ଦିଆଯାଇଥିବା ଶବ୍ଦଗୁଡ଼ିକୁ ଶୂନ୍ୟସ୍ଥାନ ପୂରଣ ପାଇଁ ମଧ୍ୟ ବ୍ୟବହାର କରାଯିବ ।



# ବୌଦ୍ଧିକ ଅକ୍ଷମତା ଶିକ୍ଷାର୍ଥୀଙ୍କ ପାଇଁ ଏକ ନମୁନା ଅଧ୍ୟାୟର ସମଯୋଜନ

ବିଷୟ - ଗଣିତ, ଶ୍ରେଣୀ -ପ୍ରଥମ (ପୃଷ୍ଠା - 144 ରୁ 152)

ଅଧ୍ୟାୟ- ୧୦ : ଏକକ ସଂରଚନା ସହିତ ଖେଳିବା

ମୂଳ ଅଧ୍ୟାୟରୁ ନମୁନା ପୃଷ୍ଠା ନିଆଯାଇଛି ଓ ମତାମତ ଦିଆଯାଇଛି ।

ଅଧିକ ଧାରଣାଗତ ବୋଧ ଓ ସଂରଚନାର ଧାରଣାର ମୂର୍ତ୍ତିକରଣ ପାଇଁ ବିଭିନ୍ନ ବ୍ଲକର ବ୍ୟବହାର କରାଯାଇପାରିବ । ଜିନିଷର ଛାପ ଅଙ୍କନ କରି / ସରଳ ସଂରଚନା ବ୍ୟବହାର କରି ଦଳଗତ କାର୍ଯ୍ୟ ଦିଆଯାଇପାରିବ ।

## 10 ସଂରଚନା ସହିତ ଖେଳିବା

**ଆମ ଘରିପାଖରେ ଥିବା ସଂରଚନା**

ଦୈନନ୍ଦିନ ଜୀବନରେ ଆମେ ଅନେକ ଗୁଡ଼ିଏ ସଂରଚନା ଦେଖିଥାଉ । ଉଦାହରଣସ୍ୱରୂପ: ଆମେ ତଳେ ଦିଆଯାଇଥିବା ଜିନିଷଗୁଡ଼ିକୁ ଦେଖିଥାଉ ।



**କଣ୍ଟା ତାର**



**ଝରକା ଗ୍ରୀଲ**



**ଗୋଟିଏ ସାପ**

ତୁମ ଘରିପାଖକୁ ଦେଖ ଏବଂ ୩ଟି ଜିନିଷର ତାଲିକା କର ଯେଉଁଥିରେ ତୁମେ କିଛି ସଂରଚନା ଲକ୍ଷ୍ୟ କରୁଛ ।

ତୁମ ଘରିପାଖରେ ଦେଖୁଥିବା କେତେକ ସଂରଚନାର ଚିତ୍ର ଆଙ୍କ ।

c) 

d) 

e) 

ସକାଳ, ଅପରାହ୍ନ, ସନ୍ଧ୍ୟା, ରାତି, ସକାଳ ...
କ୍ରମାନୁସାରେ ସଂରଚନା ତିଆରି କରିବା









ତା ହେଲେ ତୁମେ କ'ଣ ଗୋଟିଏ ନିୟମ ଦେଖୁଛ କି ? ଏହି ସଂରଚନାକୁ ଆଗକୁ ବଢ଼ାଇପାରିବ କି ?






ତିଆରି କରିବାକୁ ଚେଷ୍ଟାକର :-

ଏଗୁଡ଼ିକୁ କରିବାକୁ ଚେଷ୍ଟାକର :-





ମୋର ନିଜ ସଂରଚନା
ତମ ନିଜ ମନରୁ ସଂରଚନା କରିବା
ପାଇଁ ତଳେ ସ୍ଥାନ ଦିଆଯାଇଛି ।

ତୁମ ଦ୍ୱାରା ପ୍ରସ୍ତୁତ ସଂରଚନାକୁ ଆଗକୁ ବଢ଼ାଇବା ପାଇଁ ତୁମ ସାଙ୍ଗ ମାନଙ୍କୁ କୁହ ।



**ସଂରଚନା ଗୁଡ଼ିକୁ ସରଳ କରାଯାଇପାରିବ ।**
କାଗଜ ସାହାଯ୍ୟରେ ସଂରଚନାର ନମୁନା ପ୍ରସ୍ତୁତ କରି ଏହାକୁ ବ୍ୟବହାର କରାଯାଇପାରେ ।
କୋଠରିର ସଂରଚନା, ୪ଟି କୋଠରି, କୋଠରି ବଦଳରେ ବୃତ୍ତ, ଗୋଟିଏ ବୃତ୍ତ ମଧ୍ୟରେ ଆଉ ଗୋଟିଏ ବୃତ୍ତ ।

**ସଂଖ୍ୟାରେ ସଂରଚନା**

ଆମେ ଚିତ୍ରକୁ ନେଇ କେତେକ ସଂରଚନା ତିଆରି କଲେ । ସଂଖ୍ୟାକୁ ନେଇ ମଧ୍ୟ ଆମେ ସଂରଚନା ତିଆରି କରିପାରିବା, ଯେପରି ତୁମେ ପରବର୍ତ୍ତୀ ସଂଖ୍ୟା ଜାଣିଛ, ନୁହେଁକି ? ଏହା ଆଗକୁ ବଢ଼ିଥିବା ଏକ ସଂରଚନା । ଏହାକୁ ବହୁତ ଆଗକୁ ବଢ଼ାଯାଇପାରିବ ।

21, 41, 61, 81, 101, 121, 141, 161, ... ... ... ... ... ... ... ... ... ... ... ...

**ସଂଖ୍ୟା ଧାଡ଼ିରେ ଥିବା ନିୟମକୁ ଲକ୍ଷ୍ୟ କର ଓ ଆଗକୁ ବଢ଼ିଥିବା ସଂରଚନାକୁ ଜାରି ରଖ ।**

(କ) 51, 56, 61, 66, ........ ........ ........ ........

(ଖ) 7, ------, 21, 28, 35, ........ ........ ........ ........

(ଗ) 2, 4, 6, 8, 16, 32, ........ ........ ........ ........

(ଘ) 12 (A), 13(B), 14(C)

**ଆଗକୁ ବଢ଼ିଥିବା ସଂରଚନାକୁ ଲକ୍ଷ୍ୟ କର, ପ୍ରତ୍ୟେକ ସଂଖ୍ୟାରେ କେତେ ଯୋଗ କଲେ ପରବର୍ତ୍ତୀ ସଂଖ୍ୟା ମିଳିବ ।**

(କ) 5, 3, 10, ........ ........ ........ ........

(ଖ) 0, 2, 4, 6, 12, ........ ........ ........ ........

(ଗ) 1, 3, 7, 13, ........ ........ ........ ........

(ଘ) 2, 3, 6, 11, 18, ........ ........ ........ ........

ପିଲାଙ୍କ ଚାରିପଟରେ ଥିବା ସଂରଚନାକୁ ଲକ୍ଷ୍ୟ କରିବା ଓ ବୁଝିବାରେ ଏହି ଅଧ୍ୟାୟଟି ସହାୟକ ହେବ । ସଂରଚନାକୁ ଆଗକୁ ବଢ଼ାଇବାରେ ତଥା ଚିତ୍ରଗୁଡ଼ିକୁ ବାରମ୍ବାର ବ୍ୟବହାର କରି ସଂରଚନାର ଉଦାହରଣ ଦେବାରେ ଏଗୁଡ଼ିକ ଉପଯୋଗୀ ସଂରଚନାକୁ ବୁଝିବାରେ କେତେକ ଗୁପ୍ତ ଓ ବ୍ୟକ୍ତିଗତ ସାଂକେତିକ ଅକ୍ଷର ବା ଚିହ୍ନ ସହାୟକ ହୋଇଥାଏ । ସେମାନଙ୍କର ବୀଜଗାଣିତିକ ଚିନ୍ତନର ବିକାଶ ହେଲେ ସେମାନେ ଏହି ସଂରଚନାକୁ ବୁଝିପାରିବେ ଓ ତା'ର ନିୟମକୁ ଅନୁଭବ କରିପାରିବେ ଯେପରି ପୁଅ ପୁଅ-ଝିଅ କୁ AAB ବା ↑↑↓ ଭାବେ ଦେଖାଯାଇ ପାରିବ । ଗାଣିତିକ ପ୍ରକ୍ରିୟା ସହ ସଂପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ଓ ମଜାଳିଆ ସଂରଚନା ଦିଆଯାଇଛି ।

21, 41, 61 ଭଳି ସଂଖ୍ୟାର ସଂରଚନା ବଦଳରେ 10, 20, 30 ସଂରଚନା ଦିଆଯାଇପାରେ

12 (A), 13(B), 14(C) ବଦଳରେ 1 (A), 2(B), 3(C) କୁ ଦିଆଯାଇପାରେ

ବୌଦ୍ଧିକ ବାଧକତା ଶିକ୍ଷାର୍ଥୀଙ୍କ ପାଇଁ ଏକ ନମୂନା ଅଧ୍ୟାୟର ସମଯୋଜନ

ବିଷୟ : ପରିବେଶ ଅଧ୍ୟୟନ, ଶ୍ରେଣୀ - ପ୍ରଥମ (ପୃଷ୍ଠା- 60 ରୁ 66)

ଅଧ୍ୟାୟ ୭– ଜଳ ସହିତ ପରୀକ୍ଷା ନୀରିକ୍ଷା

ମୂଳ ଅଧ୍ୟାୟରୁ ନମୁନା ପୃଷ୍ଠା ନିଆଯାଇଛି ଓ ସମଯୋଜନ ପାଇଁ ମତାମତ ଦିଆଯାଇଛି ।

**କିଏ ଭାସେ, କିଏ ବୁଡ଼େ ?**

ଆୟେଶା ରାତ୍ରି ଭୋଜନକୁ ଅପେକ୍ଷା କରିଥିଲା । ତାହାକୁ ଭଲ ଲାଗୁଥିବା ଖାଦ୍ୟ, ପୁରୀ ଓ ଆଳୁ ତରକାରୀ ତା'ର ମା ଆୟେଶା ପାଇଁ ପ୍ରସ୍ତୁତ କରୁଥିଲେ ।

ଆୟେଶା ପାଖରେ ଥାଇ ଦେଖୁଥିଲା । ମା' ପ୍ରଥମେ ପୁରି ବେଲୁଥିଲେ ଏବଂ ଗରମ ତେଲରେ ପକାଉଥିଲେ । ପୁରି ପ୍ରଥମେ ତତଲା ତେଲ ଭିତରେ ବୁଡ଼ି ଯାଉଥିଲା । ତାପରେ ତାହା ଉପରକୁ ଉଠି ଫୁଲି ଉଠୁଥିଲା । ତା ପରେ ପୁରିଟି ଠିକ୍ ଭାବରେ ଫୁଲି ଭାସୁଥିଲା । ଆୟେଶା ଦେଖିଲା ଯେ, ଗୋଟିଏ ପୁରି ତେଲ ଭିତରେ ବୁଡ଼ିଲା ଯେ ଆଉ ଉପରକୁ ଉଠିଲା ନାହିଁ କି ଅନ୍ୟ ପୁରିଗୁଡ଼ିକ ଭଳି ଫୁଲିଲା ନାହିଁ । ଏସବୁ ଦେଖିଲା ପରେ ଆୟେଶା କିଛି ଚକଟା ଅଟା ନେଇ ଏକ ଗୋଲକ ଆକୃତି ତିଆରି କଲା । ତାପରେ ତାକୁ ସମତଳ ଭାବରେ ଚେପ୍‌ଟା କରି ଫୁଟୁଥିବା ପାଣିରେ ପକାଇଲା । ହାୟ ! ଏ କ'ଣ ହେଲା ! ତାହା କଡ଼େଇରେ ଫୁଟୁଥିବା ପାଣିର ତଳକୁ ଯାଇ ସେଇଠି ରହିଗଲା ।

ଭାବିଦେଖ ତ, କ'ଣ ହୋଇଥାନ୍ତା, ଯଦି,

- ଆୟେଶା ଏକ ଫୁଲିଥିବା ପୁରିକୁ ଗରମ ପାଣିରେ ପକାଇଥିବ, ତାହା ବୁଡ଼ିଥିବ ନା ଭାସିଥିବ ?
- ପାଣିରେ ଏକ ଷ୍ଟିଲ୍ ପ୍ଲେଟ୍ ପକାଅ, ଏହା ବୁଡ଼ିବ ନା ଭାସିବ ? ଋମଚଟିଏ ପକାଅ ତ, ଦେଖ କ'ଣ ହେଉଛି ?
- ଏକ ପ୍ଲାଷ୍ଟିକ୍ ବୋତଲର ଠିପି ପାଣିରେ ପକାଅ, ତାହା ପାଣିରେ ଭାସୁଛି କି ବୁଡୁଛି ?

| |
|---|
| ବୁଡ଼ିବା ଏବଂ ଭାସିବା, ଦ୍ରବଣୀୟ ଏବଂ ଅଦ୍ରବଣୀୟ ପ୍ରଭୃତି ଧାରଣା ଦେବା ପାଇଁ ବିବିଧ ପରୀକ୍ଷା ମାନ କରାଯିବା ଆବଶ୍ୟକ । ଶ୍ରେଣୀ ପ୍ରକୋଷ୍ଠରେ ମଧ୍ୟ ଏହି ପରୀକ୍ଷା କରାଯାଇ ପାରିବ । |

ସନ୍ଧ୍ୟାରେ ଆୟେଶା ଗାଧୋଇବାକୁ ଯାଇଥିଲା । ସେ ହଠାତ୍ ଋଲି ଆସିଲା, ଯେତେବେଳେ ତା' ମାଆ ଡାକ ଛାଡ଼ିଲେ ''ଆୟେଶା ତୁ ପୁଣି ପାଣିରେ ସାବୁନ୍ ପକାଇଲୁ ? ତାକୁ ପାଣିରୁ କାଢ଼ି ଏକ ସାବୁନ ଡ଼ବାରେ ରଖ । ଆୟେଶା ହଡବଡ଼େଇ ଗଲା । ତରତର ହୋଇ ସାବୁନ୍‌ଡ଼ବା ଧରୁଧରୁ ତାହା ବି ପାଣିରେ ପଡ଼ିଗଲା ? ତେବେ କହିଲ ଦେଖି, ସାବୁନ୍ ଡ଼ବା ପାଣିରେ ଭାସିଥିବ କି ବୁଡ଼ିଥିବ ?''

ଯେଉଁ ଜିନିଷ ଭାସେ, ତା ପାର୍ଶ୍ୱରେ (√) ଚିହ୍ନ ଓ ଯେଉଁ ଜିନିଷ ବୁଡ଼େ, ତାରି ପାର୍ଶ୍ୱରେ (×) ଚିହ୍ନ ଦିଅ ।

| | ପାଣିରେ ପକାଯାଉଥିବା ଜିନିଷ | ମୁଁ ପରୀକ୍ଷା କରିବା ଆଗରୁ ଅନୁମାନ କରୁଥିଲି ଯେ | ମୁଁ ପରୀକ୍ଷା କଲା ପରେ ଦେଖିଲି ଯେ, |
|---|---|---|---|
| ୧. | ଖାଲି ଡାଟିଆ | | |
| ୨. | ଗୋଟିଏ ପରେ ଗୋଟିଏ ବାଲିଗରଡ଼ା ୬-୭ ଟି | | |
| ୩. | ଲୁହା ପିନ୍ କଣ୍ଟା | | |
| ୪. | ଦିଆସିଲି କାଠି | | |
| ୫. | ଠିପି ବନ୍ଦ ହୋଇଥିବା ପ୍ଲାଷ୍ଟିକ୍ ବୋତଲ | | |
| ୬. | ଅଧା ପାଣିଥିବା ବୋତଲ | | |
| ୭. | ପୁରା ପାଣି ଥିବା ବୋତଲ | | |
| ୮. | ଆଲୁମିନିୟମ୍ ପାତ (ଔଷଧ ଭର୍ତ୍ତି ପାଇଁ ବ୍ୟବହୃତ) | | |
| ୯. | ଖୋଲା ଏବଂ ବିସ୍ତାରିତ (ବଡ଼) ପାତ | | |
| ୧୦. | ବଲ୍ ଆକୃତିର ଆଲୁମିନିୟମ୍ ଗୋଲି | | |
| ୧୧. | ଏକ କପ୍‌ର ଆକୃତି ଭଳି ଆଲୁମିନିୟମ୍ ପାତ | | |
| ୧୨. | ସାବୁନ୍ ଖଣ୍ଡ | | |
| ୧୩. | ଏକ ଛୋଟ ପ୍ଲେଟ୍ ଉପରେ ରଖାଯାଇଥିବା ସାବୁନ୍ ଖଣ୍ଡ | | |
| ୧୪. | ଖଣ୍ଡେ ବରଫ | | |

ତୁମ ଘରିପାଖରେ ଥିବା କିଛି ଜିନିଷ ନିଅ ପାଣିରେ କିଏ ଭାସେ, କିଏ ବୁଡ଼େ, ପରୀକ୍ଷା କରି ଦେଖ ।

ପରୀକ୍ଷା କଲା ପରେ, ଶୂନ୍ୟସ୍ଥାନ ପୂରଣ କର ।

୧. ଲୁହାକଣ୍ଟା ପାଣିରେ .................. କିନ୍ତୁ ଥାଳିଟିଏ ..............., କାରଣ ମୁଁ ଚିନ୍ତାକରେ ଯେ, ..................

୨. ଖାଲି ପ୍ଲାଷ୍ଟିକ୍ ବୋତଲ ପାଣିରେ ..................... । ପାଣିଥିବା ବୋତଲ ପାଣିରେ .................. କାରଣ .................. ।

୩. ଆଲୁମିନିୟମ୍ ପାତ ....................... ଯେତେବେଳେ ଏହା ବିସ୍ତାର ଭାବରେ ଥାଏ । ଯେତେବେଳେ ଏହାକୁ ମୁଣ୍ଡା କରି ଗୋଟିଏ 'ବଲ୍' ଆକୃତିର କରି ଦେବା, ତେବେ ତାହା ....................... । ଏପରି ହେବାର କାରଣ, .......................

ଏହି ଧାରଣାଗୁଡ଼ିକର ମୂଲ୍ୟାୟନ ପାଇଁ ପରୀକ୍ଷା, ପର୍ଯ୍ୟବେକ୍ଷଣ ସାଙ୍ଗକୁ ବିବିଧ ଆନୁମାନିକ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛିବା ପାଇଁ ଦିଆଗଲେ ପିଲାମାନେ ଉପକୃତ ହୋଇଥାନ୍ତି । ଯଦି ଆବଶ୍ୟକ ପଡେ, ଦୀର୍ଘ ଉତ୍ତରମୂଳକ ପ୍ରଶ୍ନଗୁଡ଼ିକର ଉତ୍ତର ମୌଖିକ ଭାବେ ଦେବା ପାଇଁ ପିଲାମାନଙ୍କୁ କହନ୍ତୁ ।

## ଅନ୍ତର୍ନିବେଶୀ ପରିପ୍ରେକ୍ଷୀରେ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ

ଶିକ୍ଷାର୍ଥୀମାନଙ୍କୁ ଶିକ୍ଷଣରେ ସାହାଯ୍ୟ କରିବା ପାଇଁ ବିବିଧ କୌଶଳର ପ୍ରୟୋଗ ଜାରି ରହିଛି । କେବଳ ସେତିକି ନୁହେଁ, ଶିକ୍ଷାର୍ଥୀମାନଙ୍କ ପାଇଁ ଶିକ୍ଷାଦାନ ଏବଂ ଶ୍ରେଣୀ ପରିଚାଳନା କିଭଳି ଆଦର୍ଶଭାବରେ କରାଯାଇ ପାରିବ ସେହି ସମ୍ପର୍କରେ ଗବେଷଣା ମଧ୍ୟ କରାଯାଇଛି । ସବୁରି ମୂଳରେ ରହିଛି, ପିଲାଙ୍କୁ କିଭଳି ଭଲ ବ୍ୟବହାର ପ୍ରଦର୍ଶନ ପୂର୍ବକ ଉତ୍ସାହିତ କରାଯାଇ ସେମାନଙ୍କର ଶିକ୍ଷା ପ୍ରତି ଧ୍ୟାନ ଆକର୍ଷଣ କରିବା । ଶିକ୍ଷାର୍ଥୀମାନେ ଅଭିଜ୍ଞତା ମାଧ୍ୟମରେ ଶିଖି କିପରି ସେମାନଙ୍କର ବ୍ୟକ୍ତିଗତ ଲକ୍ଷ୍ୟରେ ପହଞ୍ଚିବେ ଏବଂ ସକାରାତ୍ମକ ଆତ୍ମ ମର୍ଯ୍ୟାଦା ପାଇଁ ଆସ୍ଥା ରଖିବେ, ସେଭଳି ଭାବରେ ଶିକ୍ଷଣ କାର୍ଯ୍ୟ ଏବଂ ଶ୍ରେଣୀ ପରିଚାଳନା ହେବା ଆବଶ୍ୟକ । (ଜାତୀୟ ପାଠ୍ୟକ୍ରମ ଆଧାର – 2005) । ଏଥି ପୂର୍ବରୁ ଶିଶୁ ଶିକ୍ଷା ଅଧିକାର ଆଇନ୍ – 2009ରେ ଥିବା ପ୍ରତ୍ୟାଶିତ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି । ପ୍ରତ୍ୟେକ ପିଲାଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ କରିବା ହେଉଛି ଶିଶୁ ଶିକ୍ଷା ଅଧିକାର ଆଇନ୍ –2009ର ମୌଳିକ ଉଦ୍ଦେଶ୍ୟ । କେବଳ ସେତିକି ନୁହେଁ, ଶିକ୍ଷାଦାନ– ଶିକ୍ଷଣ ପ୍ରକ୍ରିୟାର ମାନ କିଭଳି ଉନ୍ନତ ହେବ, ତାହା ମଧ୍ୟ ଉଲ୍ଲେଖ ରହିଛି । ଶିକ୍ଷା ଅଧିକାର ଆଇନ୍ ରେ ମଧ୍ୟ ବିଦ୍ୟାଳୟ ଏବଂ ଶ୍ରେଣୀକକ୍ଷ ଗୁଡ଼ିକର ଉନ୍ନତି ପାଇଁ ଆବଶ୍ୟକ ସାହାଯ୍ୟ ଏବଂ ସହଯୋଗ କରିବା ପାଇଁ ସ୍ୱତନ୍ତ୍ର ଭାବରେ ନିର୍ଦ୍ଦେଶ ଦିଆଯାଇଛି । ପ୍ରାଥମିକ ଶ୍ରେଣୀରେ ପଢୁଥିବା ପ୍ରତ୍ୟେକ ଶିକ୍ଷାର୍ଥୀ ପାଇଁ ସେଭଳି ଏକ ଆବଶ୍ୟକୀୟ ବ୍ୟବସ୍ଥା ହେଉଛି– ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ । (ଜାତୀୟ ଶିକ୍ଷା ଗବେଷଣା ତାଲିମ୍ ପରିଷଦ, 2012)

ଜାତୀୟ ପାଠ୍ୟକ୍ରମ ଆଧାର 2005 ରେ ଉଲ୍ଲେଖ କରାଯାଇଛି ଯେ, ନିରନ୍ତର ଏବଂ ସାମଗ୍ରିକ ମୂଲ୍ୟାୟନ ହେଉଛି ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ତଥା ଯଥାର୍ଥତା ଥିବା ଏକ ମୂଲ୍ୟାୟନ ପଦ୍ଧତି ଅଟେ । ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନକୁ ବ୍ୟବସ୍ଥିତ ଢ଼ଙ୍ଗରେ ପ୍ରଚଳନ କରିବା ପାଇଁ ଗୁଣାତ୍ମକ ଭାବରେ ଚିନ୍ତନ କରିବା ଆବଶ୍ୟକ । ଏହି ପ୍ରକାର ମୂଲ୍ୟାୟନ ପାଇଁ ମୁଖ୍ୟତଃ ଦକ୍ଷ ଶିକ୍ଷକ ଏବଂ ସେମାନଙ୍କର ନିର୍ଭୁଲ୍ ଭାବରେ ରେକର୍ଡ଼ ପତ୍ର ଲିପିବଦ୍ଧ କରିବାର ଦକ୍ଷତା ଆବଶ୍ୟକ । ଅତଏବ ଏହି ମୂଲ୍ୟାୟନ ସକାଶେ ଶିକ୍ଷକଙ୍କର ସମୟ ଏବଂ ଦକ୍ଷତା ହିଁ ମୁଖ୍ୟ ଅଟେ । କାରଣ କେଉଁ ବିଷୟ ପାଇଁ କେଉଁ କେଉଁ ପରିସ୍ଥିତିରେ ନିର୍ଦ୍ଦିଷ୍ଟ ମୂଲ୍ୟାୟନ ସାଧନ ସ୍ଥିର କରିବେ, ଏହା ତାଙ୍କ ଉପରେ ନିର୍ଭର କରେ । ପିଲାମାନଙ୍କର ତଥା ଶିକ୍ଷକମାନଙ୍କର ଅନୁଭୂତି ଏବଂ ଅଭିଜ୍ଞତାର ଆଧାରରେ ଏହି ମୂଲ୍ୟାୟନ ପ୍ରତିଷ୍ଠିତ ହୋଇଥିବାରୁ ଏହା ନିଶ୍ଚିତଭାବରେ ଫଳପ୍ରଦ ହୋଇପାରିବ । ପିଲାଙ୍କୁ ଯେହେତୁ ଶିକ୍ଷଣ କାର୍ଯ୍ୟ ଜରିଆରେ ଏହି ବ୍ୟବସ୍ଥାରେ ମୂଲ୍ୟାୟନ କରାଯାଏ, ତେଣୁ ଆସ୍ତେ ଆସ୍ତେ ପିଲାଙ୍କ ମନରୁ ବିଷୟ ଏବଂ ଅନ୍ୟାନ୍ୟ ବିଷୟ ଗତ ସମସ୍ତ ସନ୍ଦେହ ଦୂର ହୋଇଥାଏ । କହିବାକୁ ଗଲେ ଶିକ୍ଷାର ଲକ୍ଷ୍ୟକୁ ହାସଲ କରିବା ପାଇଁ ଏହି ନିରନ୍ତର ଏବଂ ସାମଗ୍ରିକ ମୂଲ୍ୟାୟନ ବ୍ୟବସ୍ଥା ଏକ ଉନ୍ନତ ମାର୍ଗ ଅଟେ । ଏଥିରେ ପୂର୍ବଭଳି ପିଲାଙ୍କ ମୁଣ୍ଡରେ ଆଉ 'ପରୀକ୍ଷା ବୋଝ' ନାହିଁ, ଯଦ୍ୱାରା ପିଲାମାନେ ଭାରାକ୍ରାନ୍ତ ହେବେ ।

ବିଷୟଭିତ୍ତିକ ପରୀକ୍ଷାକୁ ବିଶେଷ ଗୁରୁତ୍ୱ ନ ଦେଇ ସାମଗ୍ରିକ ଭାବରେ ଏହି ବ୍ୟବସ୍ଥା ଏକ ଗୁଣାତ୍ମକ ମାର୍ଗରେ ମୂଲ୍ୟାୟନ କରିଥାଏ । ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ଶବ୍ଦରୁ ନିରନ୍ତର ସର୍ବଦା ବିଦ୍ୟମାନତା ଥିବା ସମ୍ପର୍କରେ ସୂଚନା ମିଳିଥାଏ । ଏହି ମୂଲ୍ୟାୟନ ଗୁଡ଼ିକ ଔପଚାରିକ ନୁହେଁ, ପରନ୍ତୁ ଶିକ୍ଷା– ଶିକ୍ଷଣ ଲକ୍ଷ୍ୟ ଆଡକୁ ପିଲାଙ୍କୁ ଅଗ୍ରସର କରାଇବା ପାଇଁ ଉନ୍ନତ ଯୋଜନା ଏବଂ ପରିକଳ୍ପନା କରିଥାନ୍ତି । ବସ୍ତୁତଃ କହିବାକୁ ଗଲେ ଶିକ୍ଷାଦାନ ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ ଉପାଦାନ ଭାବେ ନିରନ୍ତର ଏବଂ ସାମଗ୍ରିକ ମୂଲ୍ୟାୟନ ବ୍ୟବସ୍ଥାକୁ ଗ୍ରହଣ କରିବା ଉଚିତ୍ । ଯଦି ଯଥାର୍ଥ ଭାବରେ ବା ଠିକ୍ ଭାବରେ ଯୋଜନା କରାଯାଏ, ତେବେ ଏହା ଶିକ୍ଷାର୍ଥୀଙ୍କର ନିର୍ଦ୍ଦିଷ୍ଟ ଶିକ୍ଷଣସ୍ତରକୁ ଜାଣିବା ପାଇଁ ସାହାଯ୍ୟ କରିଥାଏ, ଫଳରେ ଶିକ୍ଷକ ହସ୍ତକ୍ଷେପ କରି ପିଲାଙ୍କର ପାଇଁ ପରବର୍ତ୍ତୀ ନୀତି ନିର୍ଦ୍ଧାରଣ କରିବାର ସୁଯୋଗ ପାଆନ୍ତି । ଆବଶ୍ୟକ ପଡ଼ିଲେ ଏହି ମୂଲ୍ୟାୟନ ପିଲାମାନେ କେତେଦୂର ଶିକ୍ଷଣ କାର୍ଯ୍ୟକୁ ବୁଝିଛନ୍ତି, ସେ ସବୁ ଅନୁଧ୍ୟାନ କରିବା ନିମନ୍ତେ ପ୍ରମୁଖ ଭାବରେ ସାହାଯ୍ୟ କରିଥାଏ ।

## ଜାତୀୟ ପାଠ୍ୟକ୍ରମ ଆଧାର- **2005** ଓ ଅନ୍ତର୍ନିବେଶିତ

ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀ ପାଇଁ ବିଭିନ୍ନ କ୍ଷେତ୍ରରେ ପିଲାମାନଙ୍କର ଶିକ୍ଷଣକାର୍ଯ୍ୟ ବା ଅଭ୍ୟାସ କାର୍ଯ୍ୟ ଗୁଡ଼ିକର ଯଥାଯଥ ଗୁଣାତ୍ମକ ବିଚାରକୁ ମୂଲ୍ୟାୟନ ଭାବରେ ଗ୍ରହଣ କରାଯିବା ବିଧେୟ । ସେମାନଙ୍କର ଶାରୀରିକ ଏବଂ ସ୍ୱାସ୍ଥ୍ୟଗତ ସମ୍ପର୍କୀୟ ପରୀକ୍ଷଣ ନିହାତି କରାଯିବ । ଗୁଣାତ୍ମକ ବିଚାର ବିକାଶ କିମ୍ବା ଶାରୀରିକ ଏବଂ ସ୍ୱାସ୍ଥ୍ୟଗତ ବିକାଶର ପରୀକ୍ଷଣ ପାଇଁ ପିଲାମାନଙ୍କର ଦୈନନ୍ଦିନ କାର୍ଯ୍ୟ କଳାପକୁ ଅନୁଧ୍ୟାନ କରି ଏବଂ ସେମାନଙ୍କ ସହ ଭାବ ବିନିମୟ ମାଧ୍ୟମରେ କରିବା ଆବଶ୍ୟକ । କୌଣସି ପ୍ରକାରରେ ବି ସେମାନଙ୍କୁ ଲିଖିତ କିମ୍ବା ମୌଖିକ ପରୀକ୍ଷା କରାଯିବା ଅନୁଚିତ୍ । **3ୟ** ରୁ **8**ମ ଶ୍ରେଣୀ ପିଲାମାନଙ୍କ କ୍ଷେତ୍ରରେ ମୌଖିକ, ଲିଖିତ ଏବଂ ପର୍ଯ୍ୟବେକ୍ଷଣ ମୂଳକ ଇତ୍ୟାଦି ପ୍ରକାରର ପରୀକ୍ଷଣ ପ୍ରଣାଳୀ ଅବଲମ୍ବନ କରାଯାଇପାରିବ ।

ପୂର୍ବ ବିଭାଗରେ ଭିନ୍ନକ୍ଷମ ପିଲା ଥିବା ଶ୍ରେଣୀରେ କିଭଳି ଭାବରେ ଅନ୍ତର୍ନିବେଶୀ ଶ୍ରେଣୀ କାର୍ଯ୍ୟ ପରିଚାଳନା କରାଯିବ, ସେହି ସମ୍ପର୍କୀୟ କେତେକ ସୂଚନା, ପ୍ରସ୍ତାବ, ଶିକ୍ଷଣ କୌଶଳ, ଧାରଣା ଏବଂ ଦୃଷ୍ଟାନ୍ତ ଉପସ୍ଥାପନା କରାଗଲା, ଯାହା ନିଶ୍ଚିତ ଭାବରେ ଆପଣମାନଙ୍କୁ ସାହାଯ୍ୟ କରିବ । ଆଲୋଚ୍ୟ ବିଭାଗରେ ଏକ ଅନ୍ତର୍ନିବେଶୀ ଶ୍ରେଣୀ କାର୍ଯ୍ୟରେ କିଭଳି ଭାବରେ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନକୁ ସମ୍ପନ୍ନିତ କରାଯାଇପାରିବ ଓ ଏଥିପାଇଁ ଆପଣ କିଭଳି ଭାବରେ ନୂତନ ଉପାୟରେ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନକୁ ନିଶ୍ଚିତ କରିବେ, ସେହି ସମ୍ପର୍କରେ କେତେକ ପ୍ରସ୍ତାବ ଦିଆଯାଇଛି ।

### କେତେକ ଶବ୍ଦର ବ୍ୟାଖ୍ୟା

**ନିରନ୍ତର:** ମୂଲ୍ୟାୟନ ସମ୍ପର୍କିତ ଏହି ଶବ୍ଦଟି ଔପଚାରିକ ସ୍ଥିତିରେ ବିଦ୍ୟମାନ ରହିଥିବା ଭାବକୁ ସୂଚାଇଥାଏ । ଅର୍ଥାତ୍ ମୂଲ୍ୟାୟନ ସର୍ବଦା ଚାଲୁରହିଥିବା ଆବଶ୍ୟକ । କୌଣସି ପାଠ ଅଧ୍ୟାୟର ଶେଷରେ କେବଳ ମୂଲ୍ୟାୟନ କରାଯିବା ଉଚିତ୍ ନୁହେଁ । ମୂଲ୍ୟାୟନ ଏକ ନିରନ୍ତର ପ୍ରକ୍ରିୟା । ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ତରଫରୁ ପ୍ରସ୍ତୁତ ହୋଇଥିବା ପ୍ରାଥମିକ ସ୍ତର ପାଇଁ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ପେଟିକାରେ ସ୍ପଷ୍ଟ କରାଯାଇଛି ଯେ, ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟା ସମୟରେ ଶିକ୍ଷାର୍ଥୀମାନଙ୍କୁ ମୂଲ୍ୟାୟନ କଲେ ସେମାନଙ୍କ ଶିକ୍ଷଣ ସମ୍ପର୍କରେ ଧାରଣା ପ୍ରାପ୍ତ ହୋଇଥାଏ । ଯାହା ଶିକ୍ଷକଙ୍କୁ ସେମାନଙ୍କ ଶିକ୍ଷଣ ଏବଂ ପ୍ରଗତିର ସ୍ତର ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିଥାଏ । ସ୍ୱତନ୍ତ୍ର ଭାବରେ ପିଲାମାନେ ଯେଉଁ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, କିମ୍ବା ସ୍ୱତନ୍ତ୍ର ଆବଶ୍ୟକତା ଲୋଡ଼ୁଥାନ୍ତି, ସେହି ସ୍ଥଳରେ ହିଁ ଏହା ପ୍ରଯୁଜ୍ୟ ହୋଇଥାଏ । ଏଥିପାଇଁ କୌଣସି ଗଠନ ମୂଳକ ପରୀକ୍ଷାର ଆବଶ୍ୟକ ହୋଇନଥାଏ । ସମସ୍ତ ଶିକ୍ଷାର୍ଥୀଙ୍କୁ ଏକ ସମୟରେ ମଧ୍ୟ ମୂଲ୍ୟାୟନ କରିବାର କୌଣସି ଯଥାର୍ଥତା ନଥାଏ । ଏଣୁ ଏହି ପ୍ରକ୍ରିୟାରେ ଶିକ୍ଷାର୍ଥୀମାନେ ଏପରିକି ଜାଣିପାରନ୍ତି ନାହିଁ ଯେ, ସେମାନଙ୍କୁ ମୂଲ୍ୟାୟନ କରାଯାଉଛି, ଏଣୁ ନିରନ୍ତର କହିଲେ, ବାରମ୍ବାର ସଂଘଟିତ ଗଠନ ମୂଳକ ପରୀକ୍ଷା ବୋଲି ବୁଝିବା ଉଚିତ୍ ନୁହେଁ ।

ସାମଗ୍ରିକ ମୂଲ୍ୟାୟନ କହିଲେ ଶିକ୍ଷାର୍ଥୀର ଶିକ୍ଷଣ ବ୍ୟାପକତା ବା ସମ୍ପୂର୍ଣ୍ଣତାକୁ ବୁଝାଇଥାଏ, ସାମାଜିକ, ଆବେଗିକ, ଶାରୀରିକ, ନୈତିକ ଏବଂ ବୌଦ୍ଧିକ କ୍ଷେତ୍ରରେ ବୃଦ୍ଧି ଓ ବିକାଶଗତ ପ୍ରଗତିର ସ୍ତର ସାଙ୍ଗକୁ ଶିକ୍ଷାର୍ଥୀର ଶିକ୍ଷଣ ସ୍ତର ନିର୍ଦ୍ଧାରଣ କରିବା ପାଇଁ ଏହି ମୂଲ୍ୟାୟନ ଉଦ୍ଦିଷ୍ଟ ଅଟେ । ଶିକ୍ଷାର୍ଥୀ କିଭଳି ଭାବରେ ଦଳରେ କାର୍ଯ୍ୟରେ କାର୍ଯ୍ୟ କରୁଛି, ଲିଖନ କାର୍ଯ୍ୟ କରୁଛି, ଚିତ୍ର ଆଙ୍କୁଛି, ଚିତ୍ର ପଠନ କରୁଛି, ମୌଖିକ ଭାବରେ ପରିପ୍ରକାଶ କରୁଛି, କବିତା ଲେଖୁଛି, ଗୀତ ବୋଲୁଛି-ଏହି ସାମଗ୍ରିକ ତଥ୍ୟଗୁଡ଼ିକ ସଂଗ୍ରହ କରିବା ଦ୍ୱାରା ଶିକ୍ଷାର୍ଥୀ ପାଇଁ ପରବର୍ତ୍ତୀ ଯୋଜନା କରିବା ସୁବିଧା ଓ ସହଜସାଧ୍ୟ ହୋଇଥାଏ । (ସାମଗ୍ରିକ ଓ ନିରନ୍ତର ମୂଲ୍ୟାୟନ, ପ୍ରାଥମିକ ପୁସ୍ତିକା, ଜାତୀୟ ଶିକ୍ଷା ଗବେଷଣା ଓ ପରିକ୍ଷଣ ପରିଷଦ) । ବିବିଧ କ୍ଷେତ୍ରରେ ଶିକ୍ଷାର୍ଥୀର କାର୍ଯ୍ୟ ସମ୍ପାଦନା ଦକ୍ଷତାକୁ ଭଲ ଭାବେ ପର୍ଯ୍ୟବେକ୍ଷଣ କରିବା ଫଳରେ ଶିକ୍ଷାର୍ଥୀଙ୍କୁ ଅନେକ କ୍ଷେତ୍ରରେ ସାହାଯ୍ୟ କରାଯାଇପାରିବ । କେବଳ ବୌଦ୍ଧିକ କିମ୍ବା ଜ୍ଞାନଗତ କାର୍ଯ୍ୟକୁ ଦୃଷ୍ଟି ନ ଦେଇ ପିଲାର ସାମଗ୍ରିକ ବିକାଶ ପାଇଁ ଦୃଷ୍ଟି ଦିଆଯାଇପାରିବ । ଏଥି ସହିତ ପିଲା ଦ୍ୱାରା ପରିପ୍ରକାଶ କରାଯାଇଥିବା ଶିକ୍ଷଣ, ସାମର୍ଥ୍ୟ ଏବଂ ବିଭିନ୍ନ କ୍ଷେତ୍ରରେ ପିଲାଟି

ହାସଲ କରିଥିବା ଦକ୍ଷତାଗୁଡ଼ିକୁ ମଧ୍ୟ ଶିକ୍ଷକ ଲିପିବଦ୍ଧ କରିପାରିବେ । ଏହି ତଥ୍ୟ ସଂଗ୍ରହ କେବେ ବି କୌଣସି ପାରମ୍ପରିକ କିମ୍ବା ଔପଚାରିକ ପରୀକ୍ଷା ବେଳେ ନିର୍ଦ୍ଧାରଣ କରାଯାଇ ପାରିନଥାଏ । ପିଲାଟିର କ୍ରୀଡାଗତ ସାମର୍ଥ୍ୟ, ସାମାଜିକୀକରଣ କୌଶଳ, କଳାଗତ ବା ସୂକ୍ଷ୍ମ ପେଶୀଚାଳନା ଦଳଗତ କ୍ରିୟାକଳାପ, ଚିତ୍ରାଙ୍କନ, ରଂଗ କରିବା, ଗୀତ ଗାଇବା, ନୃତ୍ୟ ପ୍ରଦର୍ଶନ କରିବା ସଂପର୍କୀୟ ତଥ୍ୟ ବିଦ୍ୟାଳୟରେ ଔପଚାରିକ ଭାବେ ମୂଲ୍ୟାୟନ ଦ୍ୱାରା କରାଯାଇ ପାରିବ ନାହିଁ ।

**ଆକଳନ ଏବଂ ମୂଲ୍ୟାୟନ ମଧ୍ୟରେ ପ୍ରଭେଦ:-**

ଆକଳନ ବା ମୂଲ୍ୟ ନିର୍ଦ୍ଧାରଣ ପଦ୍ଧତି ଶିକ୍ଷଣ, ଶିକ୍ଷାଦାନ ଏବଂ ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟାର ଫଳାଫଳ ଉପରେ ଦୃଷ୍ଟି ଦେଇଥାଏ । ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟାଗୁଡ଼ିକରେ ଶିକ୍ଷକ ଏବଂ ଶିକ୍ଷାର୍ଥୀମାନଙ୍କୁ ତଥ୍ୟ ସଂଗ୍ରହ ପାଇଁ ଅନ୍ତର୍ଭୁକ୍ତ କରାଯାଇଥାଏ । ଏହା ପିଲାମାନଙ୍କର ଶିକ୍ଷଣ ସ୍ତର ସମ୍ପର୍କରେ ଜାଣିବା ପାଇଁ ଶିକ୍ଷକଙ୍କୁ ସାହାଯ୍ୟ କରିଥାଏ ଓ ଏଥି ସହିତ ଶ୍ରେଣୀରେ ଶିକ୍ଷଣ- ଶିକ୍ଷାଦାନ କେତେଦୂର ସଫଳ ହୋଇଛି, ତାହା ଜଣାପଡ଼ିଯାଏ । ଏହି ତଥ୍ୟ ପିଲାମାନଙ୍କୁ ସେମାନଙ୍କର କାର୍ଯ୍ୟ କରିବାର ଶୈଳୀକୁ ରୂପାନ୍ତର କରିବାରେ ସାହାଯ୍ୟ କରିଥାଏ । ଏହି ତଥ୍ୟରୁ ପିଲାମାନଙ୍କର ସ୍ତର ଜାଣିବା ପରେ ନୂତନ ବା ଅଭିନବ ଢ଼ଙ୍ଗରେ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାକୁ କିଭଳି ପରିଚାଳନା କରିବେ ସେହି ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପ ନେବାପାଇଁ ଯତ୍ନବାନ୍ ହୋଇଥାନ୍ତି । ଏହି ପ୍ରକ୍ରିୟାରେ ଆହରଣ କରାଯାଇଥିବା ତଥ୍ୟଗୁଡ଼ିକ ଶିକ୍ଷାର୍ଥୀ କୈନ୍ଦ୍ରିକ, ବିଷୟବସ୍ତୁ ଆଧାରିତ, ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ପ୍ରକ୍ରିୟାଗୁଡ଼ିକ ମୂଲ୍ୟନିର୍ଦ୍ଧାରଣ ଉପରେ ପର୍ଯ୍ୟବେଶିତ ହୋଇଥାଏ । ଏହି ମୂଲ୍ୟ ନିର୍ଦ୍ଧାରଣ ବା ପରୀକ୍ଷାଗୁଡ଼ିକରେ କେବେ ବି ଗ୍ରେଡ୍ ବ୍ୟବହାର କରି ଶିକ୍ଷାର୍ଥୀଙ୍କର ପ୍ରଗତି ସ୍ତର ନିର୍ଣ୍ଣୟ କରାଯାଇନଥାଏ, ବରଂ ନମ୍ବର ଦିଆଯାଇ ପିଲାଙ୍କର ମାନ ନିର୍ଦ୍ଧାରଣ କରାଯାଇଥାଏ । ଏଣୁ ପରୀକ୍ଷା 'ବା' ଏହି ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ସ୍ୱାଭାବିକ ଭାବେ ଗଠନମୂଳକ ଅଟେ ।

